

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୨ ମଇ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 12 MAY 2025

Vol.No. 36 ■ No.124 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ବିଷୁବ ସଂଖ୍ୟା

ସାଗରିକା

ଏବେଠାରୁ

ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...

website : sagarika.in.net


# ମୋଦିଙ୍କ ରୋକ୍‌ଠୋକ୍ ଜବାବ :ମଧ୍ୟସ୍ଥି ଦରକାର ନାହିଁ



ନୂଆଦିଲ୍ଲୀ, ୧୧/୦୫ : ସେପଟୁ ଗୁଳି ଚଳାଇଲେ, ଏପଟୁ ଗୋଳା ବର୍ଷିବ; ଶତ୍ରୁକୁ ଏଭଳି ସିଧା ଚେତାବନୀ ଦେଇଛନ୍ତି ପିଏମ୍ ମୋଦି । କଥାବାର୍ତ୍ତା ହେବ ତ କେବଳ ପିଓକେ ଫେରାଇବା ଉପରେ । ଆମେରିକା ଉପରାଷ୍ଟ୍ରପତି ଜେଡି ଭାନସଙ୍କ ସହ କଥା ହେବା ବେଳେ ପିଏମ୍ ମୋଦି ସଫା ସଫା ଶୁଣାଇ ଦେଇଛନ୍ତି, କାଶ୍ମୀର ପ୍ରସଙ୍ଗରେ ଆମର ଆଭିମୁଖ୍ୟ ଅତ୍ୟନ୍ତ ସ୍ପଷ୍ଟ । ଏବେ କେବଳ ଗୋଟିଏ ପ୍ରସଙ୍ଗ ବାକି ଅଛି, ତାହେଲା- ପାକ୍ ଅଧିକୃତ କାଶ୍ମୀରକୁ ଫେରାଇ ଆଣିବା । ଏହାବ୍ୟତୀତ ଅନ୍ୟ କୌଣସି କଥା ନାହିଁ । ଯଦି ସେମାନେ ଆତଙ୍କବାଦୀଙ୍କୁ ଆମ ହାତରେ ଟେକି ଦେବେ, ତେବେ ଯାଇ ଆଲୋଚନା ହୋଇପାରେ । ଅନ୍ୟ କୌଣସି ପ୍ରସଙ୍ଗରେ କଥାବାର୍ତ୍ତା ହେବାର ନାହିଁ । ମୋଦି ଏହା ବି ସଫା ସଫା ଶୁଣାଇ ଦେଇଛନ୍ତି ଯେ, ଭାରତ ଚାହେଁ ନାହିଁ ଏଥିରେ ଆଉ କିଏ ମଧ୍ୟସ୍ଥତା କରୁ । ଆମକୁ କୌଣସି ମଧ୍ୟସ୍ଥିର ଦରକାର ନାହିଁ । ପ୍ରଧାନମନ୍ତ୍ରୀ ଏହା ବି ସ୍ପଷ୍ଟ ଭାବେ ଜଣାଇ ଦେଇଛନ୍ତି ଯେ, ଯଦି ସେପଟୁ ଗୁଳି ଚାଲେ, ଏପଟୁ ଗୋଳା ବର୍ଷିବ। ଅପରେସନ୍ ସିନ୍ଦୂର ଏଯାଏଁ ସରିନାହିଁ । ଜେଡି ଭାନ୍ସଙ୍କ ସହ ପିଏମ୍ ମୋଦିଙ୍କ କଥାବାର୍ତ୍ତା ନେଇ ନ୍ୟୁୟର୍କ ଟାଇମସରେ ରିପୋର୍ଟ ପ୍ରକାଶ ପାଇଛି । କୁହାଯାଉଛି, ଅପରେସନ ସିନ୍ଦୂରରେ ୩ଟି ଲକ୍ଷ୍ୟ ପୂରଣ ହୋଇଛି । ସେଗୁଡ଼ିକ ହେଲା ସାମରିକ, ରାଜନୈତିକ ଓ ମନସ୍ତାତ୍ତ୍ୱିକ ଲକ୍ଷ୍ୟ । ସାମରିକ ଲକ୍ଷ୍ୟରେ ବାହାୱଲପୁର, ମୁରିଦକେ, ମୁଜାଫରବାଦ ଆଦି ଆତଙ୍କୀ କ୍ୟାମ୍ପ ମାଟିରେ ମିଶିଛି । ୨- ରାଜନୈତିକ ଉଦ୍ଦେଶ୍ୟ- ସିନ୍ଧୁ ନଦୀ ଚୁକ୍ତି ସହ ସୀମା ପାର୍ ଆତଙ୍କବାଦ ଜଡ଼ିତ, ଯେ ପର୍ଯ୍ୟନ୍ତ ସୀମାପାର ଆତଙ୍କବାଦ ବନ୍ଦ ନହୋଇଛି, ସେ ଯାଏଁ ଚୁକ୍ତି ବାତିଲ୍ କାଏମ୍ ରହିବ । ତୃତୀୟରେ ମନୋସ୍ତାତ୍ତ୍ୱିକ ବିଜୟ ହେଲା, ସେମାନଙ୍କ ଘରେ ପଶି ମାରିବା ଆମ ପାଇଁ ବଡ଼ ସଫଳତା । ସେପଟେ ଅସ୍ତ୍ର ବିରତି ଘୋଷଣା ପରଠାରୁ ସୀମା ଶାନ୍ତ ଅଛି, ଗର୍ଜୁନି ଗୁଳିଗୋଳା କି ଉଡୁନି ଯୁଦ୍ଧ ଜାହାଜ ।

## ବ୍ରହ୍ମୋସ ଉତ୍ପାଦନ ୟୁନିଟ୍ ଉଦ୍‌ଘାଟନ କଲେ ରାଜନାଥ: ବର୍ଷକୁ ୧୦୦ କ୍ଷେପଣାସ୍ତ୍ର ତିଆରି ହେବ







ଲକ୍ଷ୍ନୌ, ୧୧/୫: ପାକିସ୍ତାନ ସହିତ ବଢୁଥିବା ସାମରିକ ଉତ୍ତେଜନା ମଧ୍ୟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ରବିବାର ଉତ୍ତରପ୍ରଦେଶର ଲକ୍ଷ୍ନୌର ପ୍ରତିରକ୍ଷା ଶିଳ୍ପ କରିଡରରେ ବ୍ରହ୍ମୋସ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ଉତ୍ପାଦନ ୟୁନିଟ୍‌କୁ ଭର୍ଚୁଆଲ୍ ଭାବରେ ଉଦ୍‌ଘାଟନ କରିଛନ୍ତି। ଉତ୍ପାଦନ ୟୁନିଟ୍‌କୁ ବାର୍ଷିକ ୮୦ ରୁ ୧୦୦କ୍ଷେପଣାସ୍ତ୍ର ନିର୍ମାଣ କରିବା ପାଇଁ ଡିଜାଇନ୍ କରାଯାଇଛି। ଲକ୍ଷ୍ନୌରେ ବ୍ରହ୍ମୋସ୍ ଏରୋସ୍ପେସ୍ ଇଣ୍ଟିଗ୍ରେସନ୍ ଏବଂ ପରୀକ୍ଷଣ ସୁବିଧାର ଉଦ୍‌ଘାଟନ ଉତ୍ସବରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି, ଆଜି ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ। ୧୯୯୮ ମସିହାରେ ଏହି ଦିନ, ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ, ଆମର ବୈଜ୍ଞାନିକମାନେ ପୋଖରାନରେ ପରମାଣୁ ପରୀକ୍ଷଣ କରିଥିଲେ ଏବଂ ବିଶ୍ୱକୁ ଭାରତର ଶକ୍ତି ଦେଖାଇଥିଲେ।

▶▶ପୃଷ୍ଠା ୭

## ମୁକାବିଲା ପାଇଁ ଭାରତ ପ୍ରସ୍ତୁତ, ୪୦ ପାକ୍ ସେନା ମରିଛନ୍ତି





ନୂଆଦିଲ୍ଲୀ, ୧୧/୦୫ : ଅପରେସନ ସିନ୍ଦୂର’ ନେଇ ଭାରତୀୟ ସେନାର ବିସ୍ତୃତ ସୂଚନା । ଆତଙ୍କବାଦ ବିରୋଧରେ ଥିଲା ଅପରେସନ ସିନ୍ଦୂର ଏବଂ ଏହା ଶତ ପ୍ରତିଶତ ସଫଳ ହୋଇଛି । ଏଥିରେ ୧୦୦ରୁ ଅଧିକ ଆତଙ୍କବାଦୀ ନିପାତ ହୋଇଛନ୍ତି । ଏହି ମୃତ ଆତଙ୍କୀ ମଧ୍ୟରେ କୁଖ୍ୟାତ ୟୁସୁଫ ଆଜହର, ଅବଦୁଲ ମଲିକ ରୌଫ୍, ମୁଦାସିର ଅହମ୍ମଦ ରହିଛନ୍ତି । ଏମାନେ କାନ୍ଦାହାର ବିମାନ ଅପହରଣ ଓ ପୁଲୱାମା ଆଟାକରେ ସଂପୃକ୍ତ ଥିଲେ । ପାକିସ୍ତାନ ପଟୁ ଆସିଥିବା ସବୁ ଡ୍ରୋନ ସଫଳତାର ସହ ଖସାଇ ଦେଇଛୁ । ଏଥିରେ ଭାରତର କିଛି କ୍ଷତି ହୋଇନି ବୋଲି ସୂଚନା ଦେଲେ ଡିଜିଏମଓ । ଆଜି ସନ୍ଧ୍ୟାରେ ଭାରତର ତିନି ସେନାର ଡିଜିଏମଓ, ଡିଜିଏଓ,

▶▶ପୃଷ୍ଠା ୭

## ଦୀଘା ଜଗନ୍ନାଥ ମନ୍ଦିର ବିବାଦ: ସେବାୟତ ରାମକୃଷ୍ଣ ଦାସମହାପାତ୍ରଙ୍କୁ ନିଲମ୍ବନ କଲା ଶ୍ରୀମନ୍ଦିର ପ୍ରଶାସନ



ପୁରୀ,୧୧।୫: ପଶ୍ଚିମବଙ୍ଗର ଦିଘାରେ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ବିବାଦକୁ କେନ୍ଦ୍ର କରି ଶ୍ରୀମନ୍ଦିର ପ୍ରଶାସନ ବରିଷ୍ଠ ଦଇତାପତି ସେବାୟତ ତଥା ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସମହାପାତ୍ରଙ୍କୁ ନିଲମ୍ବନ କରିଛି। ଏହି ଘଟଣା ଓଡ଼ିଶା ତଥା ପଶ୍ଚିମବଙ୍ଗରେ ତୀବ୍ର ଚର୍ଚ୍ଚାର ବିଷୟ ପାଲଟିଥିଲା। ସୂଚନା ଅନୁଯାୟୀ, ରାମକୃଷ୍ଣ ଦାସମହାପାତ୍ର ପୁରୀରୁ ବଳକା ଦାରୁ (ପବିତ୍ର କାଠ) ନେଇ ଦିଘାରେ ଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ପ୍ରତିମା ପ୍ରତିଷ୍ଠା କରିଥିବା ଅଭିଯୋଗ ହୋଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ଓଡ଼ିଶା ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିଲେ ଏବଂ ଶ୍ରୀମନ୍ଦିର ପ୍ରଶାସନକୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ନିର୍ଦ୍ଦେଶ ଅନୁଯାୟୀ, ରାମକୃଷ୍ଣଙ୍କୁ ଏହି ବିବାଦ ସମ୍ପର୍କରେ ଜବାବ ଦେବା ପାଇଁ ଦୁଇଥର ନୋଟିସ ଜାରି କରାଯାଇଥିଲା। ପ୍ରଥମେ ୭ ଦିନ ଏବଂ ପରେ ୨ ଦିନର ସମୟ ଦିଆଯାଇଥିଲା। ତେବେ, ସେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଶ୍ରୀମନ୍ଦିର ପ୍ରଶାସନ ତାଙ୍କୁ

▶▶ପୃଷ୍ଠା ୭

## ସିଭିଲ ଡିଫେନ୍ସ ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆହ୍ୱାନ



ଭୁବନେଶ୍ୱର, ୧୧/୫ (ନି.ପ୍ର): ସିଭିଲ ଡିଫେନ୍ସ ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗଦେବାକୁ ଯୁବ ସମାଜକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି । ଏନେଇ ସେ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ସିଭିଲ ଡିଫେନ୍ସ ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗଦେବାକୁ ଦେଲେ ଆଦେଶର ସାଧାରଣ ଲୋକଙ୍କ ଧନ, ଜୀବନର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ସୁରକ୍ଷା ଓ ସେବା ଆମର ସର୍ବୋଚ୍ଚ କର୍ତ୍ତବ୍ୟ। ଏଥିପାଇଁ ଜାତୀୟତାର ମନୋଭାବ ନେଇ ବେସାମରିକ ସୁରକ୍ଷା ବା ସିଭିଲ ଡିଫେନ୍ସ ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ

▶▶ପୃଷ୍ଠା ୭

## ଓଡ଼ିଶାରେ ଗ୍ରୀଷ୍ମପ୍ରବାହ ଜାରି: ୧୫ ଯାଏ ତାତିରୁ ନିସ୍ତାର ନାହିଁ



ଭୁବନେଶ୍ୱର, ୧୧/୫ (ନି.ପ୍ର): ଆଜି ପୁଣି ସାରା ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଅନୁଭୂତ ହେଉଛି। ପଶ୍ଚିମ ଓଡ଼ିଶା ସମେତ ଦକ୍ଷିଣ ଓ ଉତ୍ତର ଓଡ଼ିଶାରେ ପ୍ରବଳ ଗରମ ଅନୁଭୂତ ହେଉଛି। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ଆଜି ସାଢେ ୧୧ଟା ସୁଦ୍ଧା ଝାରସୁଗୁଡା ହେଉଛି ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର। ଏଠାରେ ସର୍ବାଧିକ ତାପମାତ୍ରା ୩୯.୬ ଡିଗ୍ରି ସେଲସିୟସ୍ ରେକର୍ଡ ହୋଇଛି। ଏଣେ , ହୀରାକୁଦରେ ୩୯.୪, ସମ୍ବଲପୁରରେ ୩୯., ବାଲେଶ୍ୱରରେ ୩୮ , ପୁରୀରେ ୩୫, ରାଉରକେଲା ୩୭, ଭୁବନେଶ୍ୱରରେ ୩୭.୬ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି। ଆଜି ସାଢେ ୧୧ଟା ସୁଦ୍ଧା ଝାରସୁଗୁଡା ହେଉଛି ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର।

▶▶ପୃଷ୍ଠା ୭

## କଶ୍ମୀର ପ୍ରସଙ୍ଗରେ ସମାଧାନର ଅଫର ଦେଲେ ଆମେରିକା ରାଷ୍ଟ୍ରପତି

ନୂଆଦିଲ୍ଲୀ, ୧୧/୦୫ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଶ୍ମୀର ପ୍ରସଙ୍ଗରେ ଏବେ ଭାରତ ଓ ପାକିସ୍ତାନକୁ ସହଯୋଗ ପାଇଁ ପ୍ରସ୍ତାବ ଦେଇଛନ୍ତି । ସୋସିଆଲ ମିଡିଆ ଟୁଥରେ ଆଜି ରବିବାର ଏକ ପୋଷ୍ଟରେ ସେ କହିଛନ୍ତି ଯେ, ସେ ଦୁଇ ଦେଶ ସହିତ ମିଳିତ ଭାବେ କାମ କରିବାକୁ ଚାହୁଁଛନ୍ତି ଯଦ୍ୱାରା ହଜାର ବର୍ଷ ପରେ କଶ୍ମୀର ଉପରେ କୌଣସି ସମାଧାନ ବାହାରି ପାରିବ ।

## ୱାଶିଂଟନ୍ ଡିସି କିପରି ପ୍ରଥମେ ଅସ୍ତ୍ରବିରତି ଘୋଷଣା କଲା: ରାହୁଲ-ଖଡ଼୍‌ଗେ ପ୍ରଧାନମନ୍ତ୍ରୀଙ୍କୁ ଲେଖିଲେ ଚିଠି



ନୂଆଦିଲ୍ଲୀ,୧୧।୫: କେନ୍ଦ୍ର ସରକାର ପାକିସ୍ତାନ ସହିତ ଏକ ଯୁଦ୍ଧବିରତି ଚୁକ୍ତି ଘୋଷଣା କରିବାର ଗୋଟିଏ ଦିନ ପରେ, ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ଅପରେସନ୍ ସିନ୍ଦୂର ଏବଂ ଯୁଦ୍ଧବିରତି ଆଲୋଚନା ପାଇଁ ସଂସଦର ଏକ ବିଶେଷ ଅଧିବେଶନ ଡାକିବାକୁ ଅନୁରୋଧ କରିଛନ୍ତି। ରାହୁଲ ଜୋର ଦେଇ କହିଛନ୍ତି ଯେ ଯୁଦ୍ଧବିରତି ଘୋଷଣା ପ୍ରଥମେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କରିଥିଲେ। “ପ୍ରିୟ ପ୍ରଧାନମନ୍ତ୍ରୀ, ମୁଁ ବିରୋଧୀ ଦଳର ଏକମତ ଅନୁରୋଧକୁ ପୁନର୍ବାର ଦୋହରାଉଛି ଯେ ସଂସଦର ଏକ ବିଶେଷ ଅଧିବେଶନ ତୁରନ୍ତ ଡକାଯାଉ। ପହଲଗାମ ଆତଙ୍କବାଦୀ ଆକ୍ରମଣ, ଅପରେସନ୍ ସିନ୍ଦୂର ଏବଂ ଆଜିର ଯୁଦ୍ଧବିରତି, ଯାହା ପ୍ରଥମେ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଘୋଷଣା କରିଥିଲେ, ସେ ବିଷୟରେ ଜନସାଧାରଣ ଏବଂ ତାଙ୍କ ପ୍ରତିନିଧିମାନଙ୍କ ପାଇଁ ଆଲୋଚନା କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଆଗାମୀ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ପାଇଁ ଆମର ସାମୂହିକ ସଂକଳ୍ପ ପ୍ରଦର୍ଶନ କରିବାର ଏକ ସୁଯୋଗ ହେବ। ମୁଁ ବିଶ୍ୱାସ କରୁଛି ଆପଣ ଏହି ଦାବିକୁ ଗମ୍ଭୀରତାର ସହିତ ଏବଂ ଶୀଘ୍ର ବିଚାର କରିବେ,” ଗାନ୍ଧୀ ଲେଖିଛନ୍ତି। ସେହିପରି କଂଗ୍ରେସ ମୁଖ୍ୟ ତଥା ରାଜ୍ୟସଭାରେ ବିରୋଧୀ ଦଳର ନେତା ମଲ୍ଲିକାର୍ଜୁନ ଖାର୍ଗେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। “ମୁଁ ରାଜ୍ୟସଭାରେ ବିରୋଧୀ ଦଳର

▶▶ପୃଷ୍ଠା ୭


DADLS-22

ପଣ୍ଡିତ ରଘୁନାଥ ମୁର୍ମୁ ଜୟନ୍ତୀ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଗୁରୁ ଗୁମ୍‌କେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପବିତ୍ର ଜୟନ୍ତୀ ଅବସରରେ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ସାନ୍ତାଳୀ ଭାଷାର ଲିପି 'ଅଲ୍ ଚିକି' ସୃଷ୍ଟି କରି ସେ ଦେଶ ଓ ବିଦେଶର ଏକ ବିଶାଳ ସମ୍ପ୍ରଦାୟର ଭାଷା, ସାହିତ୍ୟ ଓ ଶିକ୍ଷାର ବିକାଶ କ୍ଷେତ୍ରରେ ନିଜର ଅମୂଲ୍ୟ ଅବଦାନ ରଖିଯାଇଛନ୍ତି । ଏହି ଅବସରରେ ମୁଁ ସମଗ୍ର ସାନ୍ତାଳୀ ସମାଜକୁ ମୋର ଶୁଭେଚ୍ଛା ଜଣାଉଛି ଓ ସେମାନଙ୍କର ସର୍ବାଙ୍ଗୀନ ଉନ୍ନତି କାମନା କରୁଛି ।

(ମୋହନ ଚରଣ ମାଝୀ)

ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR : 15001/13/0652/2526

# ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

ସାଲେପୁର,୧୧/୫(ନି. ପ୍ର): ମାହାଙ୍ଗା ଅଂଚଳରେ ସ୍ୱାସ୍ଥ୍ୟ ସେବାରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା ବେଳେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲାଗିରହିଥିବା ଅବ୍ୟବସ୍ଥାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଯୋରଦାର ହୋଇଛି । ଏଠାରେ ସୂଚନାଯୋଗ୍ୟ ଯେ, ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଲଟ୍ରାସାଉଣ୍ଡ ମେସିନ ରହିଥିଲେ ମଧ ଏହି ମେସିନ ଚଳାଇବା ପାଇଁ ଜଣେ ଡାକ୍ତରଙ୍କୁ ଛଅ ମାସ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲେ ମଧ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଉନାହିଁ । ସିଡିଏମଓ ଚୁପ୍ ହୋଇ ବସିଛନ୍ତି । ସେହିପରି ଲକ୍ଷ ଲକ୍ଷ ଟଙ୍କାର ଦନ୍ତ ବିଭାଗର ମେସିନ କିଣାଯାଇଥିଲେ ମଧ ଓ.ପି.ଡି. କକ୍ଷରେ ମେସିନ ଖତ ଖାଉଛି । ଦନ୍ତ ବିଭାଗର ଡାକ୍ତର ରହିଥିଲେ ମଧ ଉକ୍ତ ମେସିନକୁ କାର୍ଯ୍ୟକାରୀ କରାଯାଉନଥିବା ଅଭିଯୋଗ ହେଉଛି । ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକ୍ଷକ ଡ଼ାକ୍ତର ତନୁସ୍ମିତା ବିନ୍ଧାଣୀଙ୍କ କାର୍ଯ୍ୟକୁ ନେଇ କର୍ମଚାରୀଙ୍କ ମହଲରେ ଅସନ୍ତୋଷ ବଢିବାରେ ଲାଗିଛି । ଏଠାରେ ସୂଚନାଯୋଗ୍ୟ ଯେ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପୂର୍ବତନ ଭାରପ୍ରାପ୍ତ ଅଧିକାରୀ ସିଏଚଓ ମାନଙ୍କର କାର୍ଯ୍ୟରେ ଅବହେଳା ପାଇଁ ଇନ୍‌ସେଟିଭକୁ ବନ୍ଦ କରିଥିଲେ । ତାହା ପରବର୍ତ୍ତୀ ସମୟରେ କିଭଳି ପ୍ରଦାନ କରାଗଲା । ଏପରିକି ପୂର୍ବତନ ସିଡିଏମଓ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ ସମୟରେ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା ଡାକ୍ତରମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସୋକଜ୍ ମାଗିଥିଲେ । ଉକ୍ତ ଡାକ୍ତରମାନଙ୍କ ଦରମା ବନ୍ଦ କରାଯାଇଥିଲା । ପରବର୍ତ୍ତୀ ସମୟରେ କେଉଁ ଚିଠି ବଳରେ ଉକ୍ତ ଡାକ୍ତରମାନଙ୍କ ଦରମା ପ୍ରଦାନ କରାଗଲା । ସେ ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ସେହିଭଳି କାର୍ଯ୍ୟାଳୟର କନିଷ୍ଠ କିରାଣୀ ସଂଜୀବ୍ କୁମାର ମହାନ୍ତିଙ୍କୁ ଆକ୍ରୋଶମୂଳକ ଭାବେ ହଇରାଣ କରାଯାଉଛି ବୋଲି ଅଭିଯୋଗ ହେଉଛି । ଏଠାରେ ସୂଚନାଯୋଗ୍ୟ, ୧୫ ବର୍ଷ ଧରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିରାଣୀ ପଦବୀ ଖାଲି ପଡିଥିଲା । ପରବର୍ତ୍ତୀ ସମୟରେ ସଂଜୀବ କୁମାର ମହାନ୍ତିଙ୍କୁ କନିଷ୍ଠ କିରାଣୀ ରୂପେ ନିଯୁକ୍ତି ଦିଆଯାଇଥିଲା । ତାଙ୍କ ବିରୁଦ୍ଧରେ ପୂର୍ବରୁ ଦାୟିତ୍ୱରେ ଥିବା ଅଧିକ୍ଷକମାନେ କୌଣସି ଅଭିଯୋଗ କରିନଥିଲେ । ତାଙ୍କୁ ଆକ୍ରୋଶମୂଳକ ଭାବେ ହଇରାଣ ହରକତ କରାଯାଉଥିବା ଚର୍ଚ୍ଚା ହେଉଛି । ଏଠାରେ ସୂଚନାଯୋଗ୍ୟ ଯେ, କିରାଣୀଙ୍କ କାର୍ଯ୍ୟାଳୟରେ ବାଦଲ ବିଶ୍ୱାଳ ଦୀର୍ଘ ଦିନ ଧରି କାର୍ଯ୍ୟ କରିଆସୁଛନ୍ତି । ଭାରପ୍ରାପ୍ତ ଅଧିକ୍ଷକ ଡାକ୍ତର ତନ୍ମୟ ବେହେରାଙ୍କ ସମୟରେ ବାଦଲ ବିଶ୍ୱାଳଙ୍କୁ ତା. ୧୭.୫.୨୦୨୧ ରିଖରେ ଚିଠି ନଂ ୬୯୩ରେ ସ୍ଥାୟୀ ପିଅନ ରୂପେ ନିଯୁକ୍ତି ଦେବା ପାଇଁ ସୁପାରିଶ କରିଥିଲେ । ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ । ବାଦଲ ବିଶ୍ୱାଳଙ୍କ ବଦଳିକୁ ନେଇ କନିଷ୍ଠ କିରାଣୀ ମହାନ୍ତି ବାବୁ ପ୍ରତିବାଦ କରିବାରୁ ଭାରପ୍ରାପ୍ତ ଅଧିକ୍ଷକ ଡାକ୍ତର ତନୁସ୍ମିତା ବିଧାଣୀ ତାଙ୍କ ବିରୁଦ୍ଧରେ ମିଥ୍ୟା ଅଭିଯୋଗ ଆଣିଥିବା ଅଭିଯୋଗ ହେଉଛି । ଯଦି କନିଷ୍ଠ କିରାଣୀ ପ୍ରତିବାଦ କଲେ କି ଖରାପ ବ୍ୟବହାର ଭାରପ୍ରାପ୍ତ ଅଧିକ୍ଷକଙ୍କୁ କଲେ ତେବେ ତାଙ୍କ ବିରୁଦ୍ଧରେ ସେ କି କି ପଦକ୍ଷେପ ଗ୍ରହଣ କରିଛନ୍ତି । ତାଙ୍କୁ ସୋକଜ୍ ମାଗିଛନ୍ତି କି ନାହିଁ । ଯଦି ସୋକଜ୍ ମାଗିନାହାଁନ୍ତି ତେବେ ଓମ୍‌ସାରେ କିଭଳି ଭାବରେ କନିଷ୍ଠ କିରାଣୀଙ୍କ ବିରୁଦ୍ଧରେ ଅଭିଯୋଗ ଆଣିଲେ । ଓମ୍‌ସା କର୍ମକର୍ତ୍ତାମାନେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି କିଭଳି ଭାବେ ତଦନ୍ତ କଲେ ସିସିଟିଭି ଫୁଟେଜକୁ ଦେଖାଯାଉ । ଏହା ସର୍ଭିସ କୋଡ ର ନିୟମକୁ ଅବମାନନା କରାଯାଉଛି ବୋଲି ଆଲୋଚନା ହେଉଛି । ଅପରପକ୍ଷରେ ସଂପୃକ୍ତ କିରାଣୀ ଜଣକ ମାହାଙ୍ଗା ବ୍ଲକର ଦୁଇଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୬ ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଏରିଆ ଡାକ୍ତରଖାନା ନଡିଆସାହାସପୁର ସମେତ ୪୩ ଟି ସବ୍‌ସେଂଟରର ମୋଟ ୨୫୦ ଜଣ କର୍ମଚାରୀମାନଙ୍କର ଦରମା କରିବା, ଆରଟିଆଇ ତଥ୍ୟ ପ୍ରଦାନ କରିବା, ଅଫିସ କାର୍ଯ୍ୟ କରିବା, ଡାକ ଆଣିବା, କ୍ୱାଟର କଥା ବୁଝିବା ଦାୟିତ୍ୱ ବହନ କରୁଛନ୍ତି । କିରାଣୀଙ୍କୁ ସାହାଯ୍ୟ କରିବା ପାଇଁ ବାଦଲ ବିଶ୍ୱାଳ ଦୀର୍ଘ ଦିନ ହେଲା କାର୍ଯ୍ୟାଳୟରେ ସହଯୋଗ କରିଆସୁଛନ୍ତି । ଅପରପକ୍ଷରେ ସଂପୃକ୍ତ କିରାଣୀଙ୍କ ବିରୁଦ୍ଧରେ ସିଡିଏମ୍‌ଓ ଅଫିସରେ ଅଭିଯୋଗ କରାଯାଇଥିଲା । ତା.୬.୫.୨୦୨୫ ରିଖ ୧୦.୩୨ ମିନିଟ୍‌ରେ ସିଡିଏମ୍‌ଓ ଅଫିସରୁ ଇମେଲ୍‌ରେ ତଦନ୍ତ କରାଯିବା ପାଇଁ ନୋଟିସ ଆସିଥିଲା । ନୋଟିସରେ ୩ ଦିନ ମଧ୍ୟରେ ତଦନ୍ତ କରାଯିବ ବୋଲି ଦର୍ଶାଯାଇଥିଲା ବେଳେ ସେହି ଦିନ ମଧ୍ୟାହ୍ନ ୧୨ଟା ମଧ୍ୟରେ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିଭଳି ପହଞ୍ଚିଲେ । ଅପରପକ୍ଷରେ ଏ ସଂପର୍କରେ କନିଷ୍ଠ କିରାଣୀ ସଂଜୀବ କୁମାର ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ ସୂଚନା ଦେଇଥିଲେ ଯେ, ୬ ତାରିଖ ଦିନ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ଥିବାରୁ ସେ କଟକ ବଡଡାକ୍ତରଖାନାକୁ ଯାଇଥିଲେ । ଛୁଟି ଦରଖାସ୍ତ ହ୍ୱାଟସ୍ ଆପ୍, ଇମେଲ, ଏପରିକି ରେଜେଷ୍ଟ୍ରି ଡାକରେ ଭାରପ୍ରାପ୍ତ ଅଧିକ୍ଷକଙ୍କୁ ପ୍ରଦାନ କରିଥିଲେ । ତାଙ୍କୁ ମଗାଯାଇଥିବା ସୋକଜ୍ ରେ ସେ ଦର୍ଶାଇଥିବା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସେ ବିନା ଛୁଟିରେ ୬ ତାରିଖ ଦିନ ଅନୁପସ୍ଥିତ ଥିଲେ ବୋଲି କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା । ଏଠାରେ ଅଭିଯୋଗ ହେଉଛି ଯେ, ମାହାଙ୍ଗା ପଂଚାୟତର ବାଲିପଡାସ୍ଥିତ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ସିଏଚ୍‌ଓ ଠିକ୍ ଭାବେ ନିଜର କର୍ତ୍ତବ୍ୟ କରୁନାହାଁନ୍ତି । ଅପରପକ୍ଷରେ ଚର୍ଚ୍ଚା ହେଉଛି ଯେ, ପୂର୍ବରୁ ଥିବା ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକ୍ଷକ ରଶ୍ମି ବେହେରାଙ୍କ ବର୍ତ୍ତମାନ ଅଧିକ୍ଷକ ସେତେବେଳେ ଡାକ୍ତରଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଜ କାର୍ଯ୍ୟ ସୂଚାରୁ ରୂପେ କରୁନଥିବାରୁ ତାଙ୍କୁ ସୋକଜ୍ ମାଗିଥିବା ଚର୍ଚ୍ଚା ହେଉଛି । ବର୍ତ୍ତମାନର ଅଧିକ୍ଷକ ଠିକ୍ ଭାବେ କାର୍ଯ୍ୟାଳୟକୁ ଆସୁନଥିବା ଏବଂ ସପ୍ତାହରେ ୩/୪ ଦିନ ସିଡିଏମଓ ଅଫିସକୁ ଯାଉଥିବା ଶୁଣିବାକୁ ମିଳୁଛି । ସିଡିଏମଓ କଟକ କ'ଣ ପାଇଁ ସଂପୃକ୍ତ ଅଧିକ୍ଷକଙ୍କୁ ବାରମ୍ବାର ନିଜ କାର୍ଯ୍ୟାଳୟକୁ ଡାକୁଛନ୍ତି । ଭାରପ୍ରାପ୍ତ ଅଧିକ୍ଷକ ଜଣକ କେତେ ସମୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରହୁଛନ୍ତି ତାଙ୍କ କାର୍ଯ୍ୟାଳୟର ସିସିଟିଭି ଫୁଟେଜକୁ ଯାଂଚ୍ କଲେ ତା'ର ସତ୍ୟାସତ୍ୟ ଜଣାପଡିବ । ଅପରପକ୍ଷରେ କ'ଣ ପାଇଁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବାୟୋମେଟ୍ରିକ ଯନ୍ତ୍ର ଲଗାଯାଉନାହିଁ ସେ ସଂପର୍କରେ କଟକ ସିଡିଏମଓ ଉତର ଦେବାକୁ ସାଧାରଣରେ ଦାବି ହେବା ସହିତ ତୁରନ୍ତ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକ୍ଷକଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଅଧିକ୍ଷକ ନିଯୁକ୍ତି କରିବା ଲାଗି ପଦକ୍ଷେପ ଗ୍ରହଣ କରିବାକୁ ସର୍ବସାଧାରଣରେ ଦୃଷ୍ଟି ଆକର୍ଷଣ କରାଯାଇଛି ।

# ହେମଲତାଙ୍କୁ ମିଳିଲା ମହିଳା ଶାନ୍ତିଦୂତ ପୁରସ୍କାର

ମାଲକାନଗିରି,୧୧/୫(ନି. ପ୍ର): ଆଜି ଭୁବନେଶ୍ୱର ସ୍ଥିତ ନ୍ୟୁ ମେରିଆନ ହୋଟେଲରେ ମା ଘର ଫାଉଣ୍ଡେସନ ଓ ଏସ୍.ଏସ୍.ଏଚ୍. ମେଡିକାଲ ଗ୍ରୁପ ପକ୍ଷରୁ ବିଶ୍ୱ ମାତୃ ଦିବସ ପାଳନ ଅବସରରେ ଆୟୋଜିତ ଏକ ଉତ୍ସବରେ ମାଲକାନଗିରିର ମହିଳା ସମ୍ବାଦିକା ଡି. ହେମଲତାଙ୍କୁ ଉମେନ୍ସ ପିକ୍ ମେକର ଆୱାର୍ଡ (ମହିଳା ଶାନ୍ତିଦୂତ ପୁରସ୍କାର) ରେ ସମ୍ମାନିତ କରାଯାଇଛି । ଓଡିଶା ରାଜ୍ୟପାଳ ହରିବାବୁ କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ କ୍ୟାବିନେଟ ମନ୍ତ୍ରୀ ଆଇନ ଓ ଅବକାରୀ ବିଭାଗ ପୃଥ୍ୱିରାଜ ହରିଚନ୍ଦନ, ଏଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ମା ଘର ଫାଉଣ୍ଡେସନର ଅଧକ୍ଷା ଋତୁପୂର୍ଣ୍ଣା ମହାନ୍ତି ଓ ଏସ୍.ଏସ୍.ହେଚ୍ ମେଡିକାଲ ଅଧକ୍ଷା ସୁସ୍ମିତା ସାହୁ ଯୋଗ ଦେଇଥିଲେ। ଆଦିବାସୀ ଅଧ୍ୟୁଷିତ ମାଓ ଅଂଚଳରେ ଖବର ସଂଗ୍ରହ କରିବା ସହ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମାଲକାନଗିରିର ମହିଳା ସାମ୍ବାଦିକା ଡି. ହେମଲତାଙ୍କୁ ସମ୍ମାନୀତ କରାଯାଇ ମହିଳା ଶାନ୍ତିଦୂତ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ମୁଖ୍ୟତଃ ଏହି ଅବସରରେ ରାଜ୍ୟପାଳ କହିଥିଲେ ଯେ, ଆଜି ବି ମହିଳା ମାନଙ୍କୁ ସଶକ୍ତିକରଣର ଆବଶ୍ୟକତା ରହିଛି। ବର୍ତ୍ତମାନ ଚାଲିଥିବା ଅପରେସନ ସିନ୍ଦୁରରେ ଦୁଇ ମହିଳାଙ୍କ ଭୂମିକାକୁ ପ୍ରଶଂସା କରିବା ସହ ମହିଳାମାନେ ସଚେତନ ହେଲେ ଦେଶ ସଚେତନ ହେବ ଏବଂ ଏକ ସୁନ୍ଦର ରାଷ୍ଟ୍ର ଗଠନରେ ମହିଳାମାନଙ୍କର ଅବର୍ଣନୀୟ ଭୂମିକା ସମ୍ପର୍କରେ କହିଥିଲ। ଏହି ଅବସରରେ ରାଜ୍ୟରେ ୧୦ ଜଣ ମହିଳା ଯେଉଁମାନେ ସମାଜସେବା, ସ୍ୱାସ୍ଥ୍ୟ ସେବା ଓ ମହିଳା ସଚେତନତା, ଶିକ୍ଷା ଓ ସାମ୍ବାଦିକତା ଉଲ୍ଲେଖନୀୟ ଅବଦାନ ପାଇଁ ଓଡିଶାର ବିଭିନ୍ନ ବର୍ଗର ୧୦ ଜଣ ମହିଳାଙ୍କୁ ପୁରସ୍କୃତ କରାଯାଇ ସମ୍ମାନୀତ କରାଯାଇଥିଲା ।

ଏହି ଅବସରରେ ବହୁ ବୁଦ୍ଧିଜୀବି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଓଡିଶୀ ନୃତ୍ୟ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିସହ ବିଭିନ୍ନ ମହିଳା ସଚେତନତା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ସହ ଅମୃତ ବଚନ ପଠନ କରାଯାଇଥିଲା।

# ବସ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ, ଜଣେ ଗୁରୁତର

କନ୍ଧମାଳ,୧୧/୫(ନି. ପ୍ର): ଫୁଲବାଣୀରୁ ବ୍ରହ୍ମପୁର ଅଭିମୁଖେ ଏକ ଘରୋଇ ଯାତ୍ରୀବାହୀ ଅନୀଲ ବସ ଶୁକ୍ରବାର ରାତି ୧୦ ଟାରେ ଯାଉଥିଲା। ଫୁଲବାଣୀ ସହର ଠାରୁ ରୁଜାଙ୍ଗୀ ଠାରେ ଥିବା ଏକ ପେଟ୍ରୋଲ୍ ପମ୍ପ ନିକଟରେ ବସ୍ ସହ ବିପରୀତ ଦିଗରୁ ଆସୁଥିବା ବାଇକ୍‌ର ଧକ୍କା ହୋଇ ବସ୍ ଚକା ତଳେ ବାଇକ୍ ପଶି ଯାଇଥିଲା। ବାଇକ୍‌ରେ ତିନି ଜଣ ଆରୋହୀ ଥିଲେ। ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ଫୁଲବାଣୀ ଦମକଳ ବାହିନୀ ଘଟଣାସ୍ଥଳରୁ ମୃତାହତଙ୍କୁ ଙ୍କୁ ଉଦ୍ଧାର କରି ଫୁଲବାଣୀ ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲା ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ଯୁବକଙ୍କ ପରିଚୟ ମିଳିନି। ମେଡିକାଲରେ ମୃତ୍ୟୁ ହୋଇଥିବା ଯୁବକ ଜଣଙ୍କ ପରମାନନ୍ଦ କହଁର। ଅନ୍ୟ ଜଣେ ଗୁରୁତର ପ୍ରମୋଦ କୁମାର ମଲ୍ଲିକ ଚିକିତ୍ସିତ ହେଉଛନ୍ତି। ପ୍ରମୋଦଙ୍କ ଘର ଖଜୁରିପଡ଼ା ଥାନା ଆଡାସୀପଡ଼ା ପଞ୍ଚାୟତ ବିନ୍ଦୁଖୋଲ ଗାଁରେ। ପରମାନନ୍ଦଙ୍କ ଘର ଖଜୁରିପଡ଼ା ଥାନା ଭୁଲ୍ଲାକନାଲି ଗାଁରେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି । ପେଟ୍ରୋଲ୍ ପମ୍ପରେ ତେଲ ପକାଇ ରାସ୍ତାକୁ ବାହାରିବା ବେଳେ ସେମାନଙ୍କ ଉପରେ ବସ୍ ମାଡ଼ି ଯାଇଥିଲା ବୋଲି ସ୍ଥାନୀୟ ଲୋକଙ୍କଠୁ ସୂଚନା ମିଳିଛି। ସଦର ଥାନା ପୁଲିସ ଫୁଲବାଣୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ସମସ୍ତ ବିଷୟ ପଚରା ଉଚୁରା କରିବା ସହ ୧୨୧/୨୫ ରେ ମାମଲା ରଜ୍ଜୁ କରି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣା ର ତଦନ୍ତ ଜାରି ରଖିଥିବା ନେଇ ସଦର ଥାନା ଅଧିକାରୀ ସତୀଶ କୁମାର ନାୟକ ସୂଚନା ଦେଇଛନ୍ତି ।

# ପୋବଲରେ ପାନୀୟଜଳ ପ୍ରକଳ୍ପ ଅଚଳ: ତୁରନ୍ତ ପଦକ୍ଷେପ ନେବାକୁ ଦାବି

ଧର୍ମଶାଳା,୧୧/୫(ନି. ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ତରଞ୍ଜିଆ ପଂଚାୟତ ପୋବଲ ଗ୍ରାମରେ ଥିବା ପାନୀୟଜଳ ପ୍ରକଳ୍ପ ଦୀର୍ଘ ଦିନ ହେଲା ଅଚଳ ହୋଇ ପଡିଛି । ଫଳରେ ଏକମାସ ହେଲା ଗ୍ରାମବାସୀମାନେ ସ୍ୱଚ୍ଛ ପିଇବା ପାଣି ପାଇବାରୁ ବଂଚିତ ହେଉଛନ୍ତି । ଅଭିଯୋଗ ମୁତବାକ,୫ ବର୍ଷ ତଳେ ପଂଚାୟତିରାଜ ଓ ପାନୀୟ ଜଳବିଭାଗ ପକ୍ଷରୁ ବସୁଧା ଯୋଜନାରେ ପ୍ରାୟ ୭୪ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାନୀୟ ମେଲଣ ପଡ଼ିଆରେ ଏକ ପାନୀୟଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା । ୨୦୨୨ରେ ପ୍ରକଳ୍ପ ନିର୍ମାଣ ସରିବା ପରେ ବୋରିଂରୁ ମୋଟର ଯୋଗେ ଟାଙ୍କିରେ ପାଣି ଭର୍ତି କରାଯାଇ ପାଇପ ଯୋଗେ ବିଭିନ୍ନ ସ୍ଥାନକୁ ଜନସାଧାରଣଙ୍କୁ ପାଣି ଯୋଗଇ ଦିଆଯାଇଥିଲା । କିଛି ଦିନ ଚାଲିବା ପରେ ପାଣି ଭର୍ତି ଓଭରହେଡ୍ ପାଣି ଟାଙ୍କି ଭାଙ୍ଗି ପଡିବାର ଆଶଙ୍କା ଦେଖା ଦେଇଥିଲା । ଫଳରେ ତୁରନ୍ତ ପାଣିକୁ ଖଲାସ କରି ଦିଆଯାଇ । ଏହାକୁ ମରାମତି କରାଯାଇ ପାଣି ଯୋଗଇ ଦିଆ ଯାଉଥିଲା । ତେବେ ନିମ୍ନମାନର କାମ ଯୋଗୁଁ ଏଭଳି ବିଭ୍ରାଟ ଦେଖାଦେଇଥିଲା । ତେବେ ଗତମାସ ୧୬ତାରିଖରୁ ଆଉ ବୋରିଂରୁ ପାଣି ବାହାରୁ ନାହିଁ । ଚୁକ୍ତି ଅନୁସାରେ ଗଭୀର ଖନନ ହୋଇ ନ ଥିବାରୁ ଖରା ମାସରେ ମୋଟର ପାଣି ଉଠୁ ନାହିଁ । ସେହିପରି କିଛିଦିନ ପୂର୍ବରୁ ବିଦ୍ୟୁତ୍ ଟ୍ରାନ୍?ସଫରମର ଖରାପ ହୋଇ ଯିବାରୁ ମାସେ ପାଣି ଯୋଗାଣ ବନ୍ଦ ରହିଥିଲା । ଏବେ ପାଖାପାଖି ମାସେ ହେଲା ମୋଟର ଖରାପ ହୋଇଯିବାରୁ ପାଣି ଯୋଗାଣ ବନ୍ଦ ହୋଇଛି ଫଳରେ ଗ୍ରାମବାସୀମାନେ ପଣି ଟୋପାଏ ପାଇଁ ଡହଳ ବିକଳ ହେଉଛନ୍ତି । ପୋବଲ ଗ୍ରାମର୫ଟି ଓ୍ୱାର୍ଡ଼ରେ ବସବାସ କରୁଥିବା ୧ହଜାରରୁ ଅଧିକ ଲୋକେ ପ୍ରତି ବର୍ଷ ଗ୍ରୀଷ୍ମ ଋତୁରେ ପିଇବା ପାଣି ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଠାରେ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଟ୍ୟାଙ୍କରରେ ପାଣି ଯୋଗାଇ ଦିଆ ଯାଉଥିଲେ ମଧ ଏହା ପର୍ଯ୍ୟାପ୍ତ ହେଉ ନାହିଁ । ବାଧ ହୋଇ ଲୋକମାନେ ବ୍ୟକ୍ତିଗତ ଉଦ୍ୟମରେ ବୋରିଂକରି ପାଣି ବ୍ୟବହାର କରୁଥିବା ବେଳେ ଗରିବ ଲୋକମାନେ କୂଅ ପୋଖରୀରୁ ପାଣି ସଂଗ୍ରହ କରୁଛନ୍ତି । ହେଲେ ଏସବୁ ଜଳ ଉତ୍ସ ଶୁଖି ଯାଇଥିବାରୁ ଲୋକମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଗୋରୁଗାଇ ଓ ଅନ୍ୟ ପଶୁପକ୍ଷୀ ପାଣି ପାଇଁ ଡହଳ ବିକଳ ହେଉଛନ୍ତି । ବିଭାଗୀୟ ଉଚ୍ଚ କତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଅଚଳ ପ୍ରକଳ୍ପର କାର୍ଯ୍ୟକ୍ଷମ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ବଲାଙ୍ଗିରରେ ଦ୍ୱିତୀୟ ରାଷ୍ଟ୍ରିୟ ଲୋକ ଅଦାଲତ

ବଲାଙ୍ଗିର,୧୧/୫(ନି. ପ୍ର): ବଲାଙ୍ଗିର ଜିଲ୍ଲା ନ୍ୟାୟାଳୟ ସମେତ, ଜିଲ୍ଲାରେ ଥିବା ସମସ୍ତ ତାଲୁକ ସ୍ତର ରେ ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତରେ, ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ନ୍ୟାୟାଳୟର, ଜିଲ୍ଲା ନ୍ୟାୟାଧିଶ ଡ. ପବିତ୍ର ମୋହନ ସାମଲ, ଚେୟାରମ୍ୟାନ, ପି ଏଲ୍ ଏ, (ପି. ୟୁ.ଏସ୍), ଶ୍ରୀଯୁକ୍ତ ବିମଳ କୁମାର ଚାନ୍ଦ, ଜଜ୍ ଫ୍ୟାମିଲି କୋର୍ଟ, ଶ୍ରୀଯୁକ୍ତ ବିକ୍ରମ କେଶରୀ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଜଜ୍ ପ୍ରଥମ, ଶ୍ରୀଯୁକ୍ତ ହିମାଂଶୁ ଶେଖର ସିଂହ, ଅତିରିକ୍ତ ଜିଲ୍ଲା ଜଜ୍ ଦ୍ୱିତୀୟ, ଶ୍ରୀଯୁକ୍ତ ପ୍ରିୟ ରଂଜନ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ, ଶଙ୍ଖ ଚକ୍ରବର୍ତ୍ତୀ, ସିଭିଲ୍ ଜଜ୍ (ବରିଷ୍ଠ), ଶ୍ରୀଯୁକ୍ତ ଆଶିଷ କୁମାର ସାହୁ, ସିଭିଲ୍ ଜଜ୍ (ବରିଷ୍ଠ), ଶ୍ରୀମତୀ କୁନ୍‌ମୁନ୍ ଆଚାର୍ଯ୍ୟ, ସିଭିଲ୍ ଜଜ୍ (ବରିଷ୍ଠ), ଶ୍ରୀମତୀ ବୈଶାଳୀ ନାୟକ,, ଅତିରିକ୍ତ ସିଭିଲ୍ ଜଜ୍ (ବରିଷ୍ଠ), ଶ୍ରୀମତୀ ଅର୍ଣ୍ଣପୂର୍ଣ୍ଣା ଷଡଙ୍ଗୀ, ସିଭିଲ୍ ଜଜ୍ (କନିଷ୍ଠ), ଶ୍ରୀମତୀ ସାସ୍ୱତୀ ମହାପାତ୍ର, ଜେ.ଏମ୍.ଏଫ୍.ସି., ଶ୍ରୀମତୀ ଲକ୍ଷ୍ମୀ ବେହେରା, ଜେ.ଏମ୍.ଏସ.ସି., ଅର୍ଘ୍ୟରୂପା ମିଶ୍ର ପବ୍ଲିକ ପ୍ରୋସିକ୍ୟୁଟର ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ମହାନ୍ତ ଏବଂ ଜିଲ୍ଲା ବାର ର ପ୍ରାୟ ସମସ୍ତ ଓକିଲ ମାନେ ଉପସ୍ଥିତ ଥିଲେ । ଏହା ସହିତ ଜିଲ୍ଲା ର ବିଭିନ୍ନ ରାଜସ୍ୱ ଅଧିକାରୀ, ଜାତୀୟକରଣ ବ୍ୟାଙ୍କ, ଜଳ ବିଭାଗ, ବିଦ୍ୟୁତ ବିଭାଗ, ବିଏସଏନଏଲ ଏବଂ ଅନ୍ୟ ବିଭାଗ ମାନଙ୍କର କର୍ମଚାରୀ ମଧ ଏହି ଲୋକ ଅଦାଲତରେ ଭାଗ ନେଇଥିଲେ । ପ୍ରାତିକରଣର ଅଧକ୍ଷ ଶ୍ରୀଯୁକ୍ତ ସାମଲଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଡା ଶ୍ରୀଯୁକ୍ତ ନନ୍ଦ କିଶୋର ପାଢିଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ମାଧମରେ ପ୍ରାଧିକରଣ ପରିସରରେ ଉପସ୍ଥିତ ଥିବା ବ୍ୟକ୍ତିବିଶେଷ ମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ପରୀକ୍ଷା କରାଯିବା ସହିତ, ବଲାଙ୍ଗିର ଜିଲ୍ଲା କାରାଗାରର ଅନ୍ତେବାସୀ ମାନଙ୍କର ଉତ୍ସାହ ବୃଦ୍ଧି କରିବା ପାଇଁ ସେମାନଙ୍କ ଦ୍ୱାରା ତିଆରି କରାଯାଇଥିବା ବିଭିନ୍ନ ହସ୍ତ ତନ୍ତ ବସ୍ତ୍ର ଗୁଡିକର ଜିଲ୍ଲା କାରାଗାର କର୍ମଚାରୀଙ୍କ ଦ୍ୱାରା ବିକ୍ରି କରାଯାଇଥିଲା, ତା ସହିତ ଅଂଶୁଘାତ ଓ ବଜ୍ରପାତ ରୁ ରକ୍ଷା ପାଇବା ପାଇଁ ସଚେତନତା ଶିବିର ଖୋଲା ଯାଇଥିଲା । ଏହି ରାଷ୍ଟ୍ରିୟ ଲୋକ ଅଦାଲତ ରେ ୨୫ ଟି ଦେଓ୍ୱାନୀ ମକୋଦ୍ଦମା ଫଇସଲା ହୋଇ ୫୭୦୬୦୦୦ ଟଙ୍କା ରେ ଫଇସଲା ହୋଇ ଥୁଲା ୧୧ ଟି ବ୍ୟାଙ୍କ ମକୋଦ୍ଦମା ର ସମାଧାନ କରାଯାଇ ୩୪୨୧୧୬୮ ଟଙ୍କା ରେ ହୋଇଥିଲା । ୧୨ ଟି ମଟର ଦୁର୍ଘଟଣା ଜନିତ ମାମଲା ର ଫଇସଲା କରାଯାଇ ମୋଟ୍ ୭୬୦୫୦୦୦ ଟଙ୍କା କ୍ଷତିପୁରଣ ଦେବା ପାଇଁ ଆଦେଶ କରାଯାଇଥିଲା । ୫୨୩ ଟି ଫୌଜଦାରି ମକୋଦ୍ଦମା ଫଇସଲା କରାଯାଇ ୯୮୪୦୦୦ ଟଙ୍କା ରେ ଫଇସଲା ହୋଇଛି । ପାରିବାରିକ ମିଳାମିଶାରେ ୦୮ ଟି ମାମଲା ଫଇସଲା ହୋଇଥିଲା । ୭୨୯୫ ଟି ରାଜସ୍ୱ ମାମଲା ର ବିଚାର କରାଯାଇଥିଲା ୩୪୮ ଟି ପ୍ରାକ୍ ମକୋଦ୍ଦମା ମାମଲା ର ସମାଧାର କରାଯାଇ ୭୫୮୬୩୮୩ ଟଙ୍କା ରେ ହ୍ରସ୍ୱସ୍ୱକ୍ଷର ହୋଇ ଥିଲା ମୋଟ ୮୨୨୨ ଟି ମୋକଦ୍ଦମା ଫଇସଲା କରାଯିବା ସହିତ ୨,୫୬,୯୨,୫୫୧ ଟଙ୍କା ରେ ଫଇସଲା ହୋଇ ଥିଲା । ଉକ୍ତ ଲୋକ ଅଦାଲତ କୁ ଶ୍ରୀଯୁକ୍ତ ପବିତ୍ରାନନ୍ଦ ପ୍ରଧାନ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିରଣ, ବଲାଙ୍ଗିର ପରିଚାଳନା କରିଥିଲେ । ଆଇନ ଶୃଙ୍ଖଳା ରକ୍ଷା କରିବାରେ ଜିଲ୍ଲା ପୋଲିସ ପ୍ରଶାସନ ସହୋଯୋଗ କରିଥିଲେ ।

# କେନ୍ଦ୍ରାପଡାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

କେନ୍ଦ୍ରାପଡା, ୧୦ ମେ (ହି.ସ.) କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧକ୍ଷ ତଥା ମାନ୍ୟବର ଭାରପ୍ରାପ୍ତ ଜିଲ୍ଲା ଜଜ ପ୍ରଜ୍ଞା ପରମିତା ରାଉଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠତ ଏହି ଲୋକ ଅଦାଲତ ରେ ଏନଆଇ ଆକ୍ଟରେ ୨୩୮ଟି କେସ ଗ୍ରହଣ କରାଯାଇ ୩୫ଟି ଫଏସଲା କରାଯାଇ ଥିଲା । ଏଥିରେ ୨ଲକ୍ଷ ୪୬ହଜାର ୧୨ ଟଙ୍କା ଜରିମାନା ଆଦାୟ କରାଯାଇଛି । ଟଙ୍କା ଆଦାୟ ମାମଲା ୧୧୩ଟି ଗ୍ରହଣ କରାଯାଇ ୧୭ଟି ଫଏସଲା କରାଯାଇ ୪୭ ଲକ୍ଷ ୩୦୨ଟଙ୍କା ଆଦାୟ କରାଯାଇଛି । ମଟର ଯାନ ଦୁର୍ଘଟଣା ଜନିତ ମାମଲା ୧୨ଟି ଗ୍ରହଣ କରାଯାଇ ୫ଟି କେସର ସମାଧାନ କରାଯାଇ ୨୫ ଲକ୍ଷ ୧୦ ହଜାର ଟଙ୍କା ଜରିମନା ଆଦାୟ କରାଯାଇଛି । ଏଥି ସହିତ ବିବାହ ସମ୍ବନ୍ଧୀୟ ୪୫ଟି କେସ ଗ୍ରହଣ କରାଯାଇ ୧୦ଟି କେସ ସମାଧାନ କରାଯାଇ ଥିଲା । ଭୂ-ଅର୍ଜନ କେସ ୩୦ ଟି ଗ୍ରହଣ କରାଯାଇ ୭ଟି ସମାଧାନ କରାଯାଇ ୫ ଲକ୍ଷ ୭୬ ହଜାର ୭୨୪ ଟଙ୍କା ଜରିମାନା ଆଦାୟ କରାଯାଇଛି । ରାଜସ୍ୱ କେସ ଓ ଦେଓ୍ୱାନୀ କେସ ୬୮ଟି ଫଏସଲା କରାଯାଇଛି । ମୋଟ୍ ୩୬୨୨ ଟି କେସ ଗ୍ରହଣ କରାଯାଇ ୨୧୪୩ଟି କେସ ସମାଧାନ କରାଯାଇ ୮୧ ଲକ୍ଷ ୮୬ ହଜାର ୬୨୫ ଟଙ୍କା ଆଦାୟ କରାଯାଇଛି । ବିଦ୍ୟୁତ୍ ଟିପିସିଓଡିଏଲ ର ୭୭ଟି ମାମଲା ସମାଧାନ କରାଯାଇ ୧ ଲକ୍ଷ ୪୨ ହଜାର ଟଙ୍କା ଆଦୟ କରାଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ପରିଚାଳନା କରିଥିବା ବେଳେ ସମସ୍ତ ବିଚାରପତି ଉପସ୍ଥିତ ଥିଲେ ।

# ସାମରିକ ପ୍ରତିଷ୍ଠାନର ସୁରକ୍ଷା ସମୀକ୍ଷା

ଭୁବନେଶ୍ୱର,୧୧/୫(ନି. ପ୍ର): ସାମରିକ ପ୍ରତିଷ୍ଠାନର ସୁରକ୍ଷାର ସମୀକ୍ଷା କରାଯାଇଛି । ସେହିସବୁ ସ୍ଥାନରେ ସୁରକ୍ଷାକୁ ଦ୍ୱିଗୁଣିତ କରାଯାଇଛି ବୋଲି ଆଇନ ଶୃଙ୍ଖଳା ଏଡିଜି ସଂଜୟ କୁମାର କହିଛନ୍ତି । ସେ କହିଛନ୍ତି ଯେ, ରାଜ୍ୟ ଭିତରେ ଥିବା ବଡ ବଡ ଡ୍ୟାମ ଓ ସୁରକ୍ଷା ପ୍ରତିଷ୍ଠାନର ସୁରକ୍ଷା ବୃଦ୍ଧି କରାଯାଇଛି । କେନ୍ଦ୍ରିୟ ଏଜେନ୍ସି ଓ ଅନ୍ୟାନ୍ୟ ଏଜେନ୍ସି ସହ ଯୋଗାଯୋଗରେ ଅଛୁ । ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତିକୁ ସାମନା କରିବାକୁ ପ୍ରସ୍ତୁତ ଅଛୁ । ଓଡିଶା ଏଂଟ୍ରାନ୍ସକୁ ହାଇ ଆଲର୍ଟରେ ରଖାଯାଇଛି । ୫୧୧ କିଲୋମିଟର ଉପକୁଳକୁ କଡା ସୁରକ୍ଷା ଭିତରେ ରଖା ଯାଇଛି । ଡ୍ରୋନ ଆଟାକକୁ ପୁରା ନଜରରେ ରଖାଯାଇଛି । ଗୃହ ମନ୍ତ୍ରଣାଳୟର ଗାଇଡ୍ ଲାଇନ୍ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ବଡ ବଡ଼ ଅନୁଷ୍ଠାନ ଉପରେ ଡ୍ରୋନ ନଜର ଆସିଲେ ତାକୁ ଖସାଇ ଦେବାର ନିର୍ଦ୍ଦେଶ ରହିଛି । ନିୟମ ଉଲ୍ଲଂଘନ କଲେ ତୁରନ୍ତ ଆକ୍ସନ ନେବାକୁ କୁହାଯାଇଛି । ଏହା ସହ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଯେକୌଣସି ଡ୍ରୋନ ଦେଖିଲେ ତାକୁ ଖସାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଏଡିଜି ସଂଜୟ କୁମାର କହିଛନ୍ତି ।

# ନିଶୁଳ୍କ ଫିଜିଓଥେରାପି କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର,୧୧/୫(ନି. ପ୍ର): ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ ପରିସରରେ ଏକ ନିଶୁଳ୍କ ବା ମାଗଣା ଫିଜିଓଥେରାପି କେନ୍ଦ୍ର ଉଦଘାଟିତ ହୋଇଯାଇଛି ।ଉକ୍ତ ଫିଜିଓଥେରାପି କେନ୍ଦ୍ର ଶ୍ରୀମଦ୍ ସ୍ୱାମୀ ଦୂର୍ଗେଶ ନନ୍ଦିନୀ ମହାରାଜଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଉକ୍ତ କେନ୍ଦ୍ରରେ ସପ୍ତାହର ପ୍ରତ୍ୟେକ ଶୁକ୍ରବାର,ଶନିବାର ଓ ରବିବାର ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ବିନା ଦେୟରେ ଫିଜିଓଥେରାପି ସେବା ଯୋଗାଇ ଦେବେ ବୋଲି ଅଭିଜ୍ଞ ଫିଜିଓଥେରାପିଷ୍ଟ ଡ଼ ଏଲିନା ପଟ୍ଟନାୟକ ସହମତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଛୋଟପିଲାଠୁ ଆରମ୍ଭ କରି ଆବାଳ ବୃଦ୍ଧ ବନିତା ଏହାର ସୁଯୋଗ ନେଇପାରିବେ। ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ଭଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫିଜିଓଥେରାପି ଉଦଘାଟନୀ କାର୍ଯ୍ୟକ୍ରମକୁ ବରିଷ୍ଠ ଟ୍ରଷ୍ଟି ବିଶ୍ୱ ରଞ୍ଜନ ଶତପଥୀ,ପ୍ରତିଷ୍ଠାନର କୋଷାଧକ୍ଷ ରଞ୍ଜନ କୁମାର ରାଉତରାୟ, ସକ୍ରିୟ ସଭ୍ୟ ସୂର୍ଯ୍ୟ ନାରାୟଣ ଦାସ ଓ ବାଞ୍ଛାନିଧି ମଲ୍ଲିକ ଙ୍କ ଉପସ୍ଥିତିରେ ଓ ପରିଚାଳନାରେ ସମ୍ପାଦନ କରାଯାଇଥିଲା ।ମହାବୀର ବରିଷ୍ଠ ନାଗରିକ ସଂଘ ସଦସ୍ୟ ତଥା କାଳୁନନ୍ଦ ନଗର ଅଧିବାସୀ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପୋଖରୀପୁଟ ଏବଂ ଏହାର ଆଖ ପାଖ ଅଂଚଳର ଯେ କେହି ବ୍ୟକ୍ତି ଏହି ଫିଜିଓଥେରାପି ନିଶୁଳ୍କ ସେବା ପ୍ରତ୍ୟେକ ଶୁକ୍ରବାର,ଶନିବାର ଓ ରବିବାର ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ସୁଯୋଗ ନେଇପାରିବେ ବୋଲି ଅନୁଷ୍ଠାନର ସମ୍ପାଦକ ଜଣାଇଛନ୍ତି।

# ଭାରତୀୟ ଯବାନମାନଙ୍କ ମନୋବଳ ବଢାଇବା ପାଇଁ ତ୍ରିରଙ୍ଗା ଶୋଭାଯାତ୍ରା

ଡେରାବିଶ,୧୧/୫(ନି. ପ୍ର): କେନ୍ଦ୍ରାପଡ଼ାର ସାଂସଦ ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି ! ଜିଲ୍ଲା ବିଜେପି ନେତା ତଥା ସଂଖ୍ୟାଲଘୁ ମୋର୍ଚ୍ଚା ରାଜ୍ୟ ଉପସଭାପତି ସଲିମ ଖାନଙ୍କ ଶାଶୂ ହବିବୁନ ବେଗମଙ୍କ ଗତ ମାସ ୨୭ ତାରିଖରେ ଦେହାନ୍ତ ହୋଇଥିଲା ! ସାଂସଦ ଶ୍ରୀ ପଣ୍ଡା ଦେହାନ୍ତ ସମୟରେ ପଂହଁଚି ନଥିବାରୁ ଆଜି ତାଙ୍କ ବାସଭବନରେ ପଂହଁଚି ଅମର ଆତ୍ମାର ସଦଗତି କାମନା କରିବା ସହିତ ଜିଲ୍ଲାର ଅନ୍ୟ କାର୍ଯ୍ୟକ୍ରମରେ ମଧ ଯୋଗ ଦେଇଛନ୍ତି । ଏଇ ପରିପ୍ରେକ୍ଷୀରେ ଭାରତ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଉପୁଜି ଥିବାରୁ ଭାରତୀୟ ଯବାନ ମାନଙ୍କ ମନୋବଳ ବଢାଇବା ପାଁଇ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ଏକ ହୋଇ ଏକ ଶାନ୍ତିପୂର୍ଣ୍ଣ ତ୍ରିରଙ୍ଗା ଶୋଭାଯାତ୍ରା ଆସନ୍ତାକାଲି ସକାଳ ୮ ଟାରେ କେନ୍ଦ୍ରାପଡ଼ା ସହର ର ବାଲାବାବା ମନ୍ଦିର ପ୍ରାଙ୍ଗଣରୁ ପୁରୁଣା ବସ ଷ୍ଟାଣ୍ଡ ପର୍ଯ୍ୟକନ୍ତ ଅନୁଷ୍ଠିତ ହେବାକୁ ଥିବା ବେଳେ ସେ ଉପରେ ସାଂସଦ ଆଲୋଚନା କରିଥିଲେ । ଆସନ୍ତାକାଲି ଅନୁଷ୍ଠିତ ହେବାକୁ ଥିବା ତ୍ରିରଙ୍ଗା ଶୋଭାଯାତ୍ରାରେ ସାଂସଦ ନିଜେ ଉପସ୍ଥିତ ରହିବେ ଏବଂ ଭାରତମାତା ପାଁଇ ଜିଲ୍ଲାର ସମସ୍ତଙ୍କୁ ଏହି ଶୋଭାଯାତ୍ରାରେ ସାମିଲ ହେବା ପାଁଇ ଆହ୍ୱାନ ଦେଇଛନ୍ତି । ଆଜିର ଏହି କାର୍ଯ୍ୟ କ୍ରମରେ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ସହିତ ମହାକାଳପଡା ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, କେନ୍ଦ୍ରାପଡ଼ା ବିଧାନସଭା ବିଧାୟିକା ପାର୍ଥିନୀ ଗୀତାଞ୍ଜଳୀ ସେଠୀ, ପାଟକୁରା ବିଧାୟକ ପାର୍ଥି ତେଜେଶ୍ୱର ପରିଡା,ଆଳି ବିଧାୟକ ପାର୍ଥି କୃଷ୍ଣଚନ୍ଦ୍ର ପଣ୍ଡା, ରାଜନଗର ବିଧାୟକ ପାର୍ଥି ଲଳିତ ବେହେରା,ଜିଲ୍ଲା ସଭାପତି ଶଶାଙ୍କ ସେଠୀ,ପୂର୍ବତନ ଜିଲ୍ଲା ସଭାପତି କିଶୋର ପଣ୍ଡା,ଜିଲ୍ଲା ଉପସଭାପତି ସଞ୍ଜୟ ରଥ,ବିଜେପି ନେତ୍ରୀ କଳ୍ପନା ମଲିକ,ପ୍ରିୟଦର୍ଶିନୀ ନନ୍ଦ,ଝିଲ୍ଲୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ଜବର ଦଖଲ ଉଚ୍ଛେଦ ନେଇ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନତା

ଜୟପୁର,୧୧/୫(ନି. ପ୍ର): ଜୟପୁର ସହରର ଜୟନଗର ଠାରୁ ଭୁତନାଥ ମନ୍ଦିର ଯାଏ ଜବର ଦଖଲ ଉଚ୍ଛେଦ ହେବ ଏନେଇ ଆଜି ଦିନ ୧୧ଟା ୩୦ ମିନିଟ ସମୟରେ ପୌରପାଳିକା ଦ୍ୱାରା ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଯାଇଛି । ୩ ଦିନ ଭିତରେ ଜବର ଦଖଲ ଉଚ୍ଛେଦ ନକଲେ ପୌରପାଳିକା ତରଫରୁ ପଦକ୍ଷେପ ନିଆଯିବ ବୋଲି ସଚେତନ କରାଯାଇଛି । ପ୍ରତ୍ୟେକ ଦିନ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ଲାଗି ରହୁଥିବାରୁ ପ୍ରଶାସନ ତରଫରୁ ଏପରି ପଦକ୍ଷେପ ନିଆଯାଇଛି । ଜୟପୁର ଉପ ଜିଲାପାଳ ତଥା ପୌର ନିର୍ବାହୀ ଅଧିକାରି ଆକା ବରମ ଶଶ୍ୟାରେଡ୍ଡିଙ୍କ ନିର୍ଦ୍ଦେଶରେ ମାପ ଜୁପ ଶେଷ ହୋଇଛି। ଜୟନଗର ବଟ ଗଛ ଠାରୁ ଭୁତନାଥ ମନ୍ଦିର ଯାଏ ୪୦ ଫୁଟ ରାସ୍ତା କରାଯିବ । ଶିଘ୍ର ଉଚ୍ଛେଦ କରାଯିବ । ଏହା ଦ୍ୱାରା ରାସ୍ତା ଚଉଡ଼ା ହେବ, ଟ୍ରାଫିକ ସମସ୍ୟା ରହିବ ନାହିଁ । ପ୍ରଶାସନର ଏପରି ପଦକ୍ଷେପକୁ ଜୟପୁର ବାସୀ ସ୍ୱାଗତ କରିଛନ୍ତି ।

# ବଲାଙ୍ଗିର ଜିଲ୍ଲା ମହିଳା କ୍ରିକେଟ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା

ବଲାଙ୍ଗିର,୧୧/୫(ନି. ପ୍ର): କଟକରେ ଚାଲିଥିବା ଆନ୍ତଃଜିଲ୍ଲା ମହିଳା ଟି-୨୦ କ୍ରିକେଟରେ ବଲାଙ୍ଗିର ଜିଲ୍ଲା ମହିଳା ଦଳ ଓ କଟକ ଜିଲ୍ଲା ଦଳ ମଧ୍ୟରେ ଗତ କାଲି ବାରବାଟୀ ଷ୍ଟାଡିୟମରେ ଫାଇନାଲ ଖେଳ ହୋଇଥିଲା । ଏଥିରେ ବଲାଙ୍ଗିର ଦଳ ରନର୍ସଅପ ହୋଇ ଟ୍ରଫି ସହ ଏକ ଲକ୍ଷ ଟଙ୍କା ପାଇଥିଲେ । ଉକ୍ତ ଟିମ୍ ଆଜି ସକାଳେ ବଲାଙ୍ଗିର ପହଞ୍ଚିବା ସଙ୍ଗେସଙ୍ଗେ ବଲାଙ୍ଗିର କ୍ରିଡା ସଂସଦର କାର୍ଯ୍ୟକର୍ତ୍ତା ବୃନ୍ଦ କୋଚ୍ ଅରୁଣ ନାୟକ, ଟିମ୍ ମେନେଜର ଇନ୍ଦିରା ନନ୍ଦିନୀ ନାଥ, ଅଧିନାୟିକା ମାଧୁରୀ ମେହେଟ୍ଟା, ସରିତା ମେହେର ଆଦି ସମସ୍ତ ଖେଳାଳୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । କ୍ରିଡା ସଂସଦ ତରଫରୁ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ର, ଉପ-ସଭାପତି କୃଷ୍ଣଚନ୍ଦ୍ର ମିଶ୍ର ଓ ପ୍ରହଲ୍ଲାଦ ଶତପଥି, ସାଧାରଣ ସଂପାଦକ ହରିନାରାୟଣ ପୁଜାରୀ, ଯୁଗ୍ମ-ସଂପାଦକ ଶତୃଘ୍ନ ସିଂହ ଓ କ୍ରିକେଟ ସଂପାଦକ ଓମ୍ ପ୍ରକାଶ ଚାନ୍ଦ ପ୍ରମୁଖ ଉପସ୍ଥିତ ଥାଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ ।

# ବୟସ ବ୍ୟବଧାନ ଯୋଗୁଁ କପଲଙ୍କ ମଧ୍ୟରେ ହୋଇଥାଏ କି କଳି ? ଜାଣନ୍ତୁ ଏହା କେତେ ଭଲ ଓ କେତେ ଖରାପ

**ମୁଦ୍ରାର ଦୁଇ ପାର୍ଶ୍ୱ ପରି ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ହୋଇଥାଏ । ବେଳେବେଳେ ଏଥିରେ ଦୁଃଖ ଥାଏ, ବେଳେବେଳେ ସୁଖ ଥାଏ ଏବଂ ବେଳେବେଳେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଖଟା-ମିଠା ଯୁକ୍ତି ମଧ୍ୟ ରହିଥାଏ। ବିବାହ ଏବଂ ସ୍ୱାମୀ-ସ୍ତ୍ରୀ ସମ୍ପର୍କ ସମ୍ବନ୍ଧୀୟ ଅନେକ ଜିନିଷ ଜ୍ୟୋତିଷ ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି। ବୟସ ବ୍ୟବଧାନ ସେମାନଙ୍କ ମଧ୍ୟରୁ ଗୋଟିଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଯଦି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୟସ ବ୍ୟବଧାନ ଅଧିକ, ଅର୍ଥାତ୍ ବୟସ ବ୍ୟବଧାନ ଅଧିକ ରହିଥାଏ, ତେବେ ସମ୍ପର୍କ ମଧ୍ୟରେ ଦୁଃଖ ଜନ୍ମ ହୁଏ ଏବଂ ଧୀରେ ଧୀରେ ମତଭେଦ ହୁଏ। ଜ୍ୟୋତିଷ ଶାସ୍ତ୍ର ବିଶେଷଜ୍ଞ କହିଛନ୍ତି ଯେ ଯଦି ବୟସ ବ୍ୟବଧାନ ଆବଶ୍ୟକତାଠାରୁ ଅଧିକ, ତେବେ ସାଧାରଣ ଅପେକ୍ଷା ସମ୍ପର୍କ ମଧ୍ୟରେ ଉତ୍ଥାନ-ପତନ ଦେଖିବାକୁ ମିଳିବ। ଏହା ପଛର କାରଣ ହେଉଛି ଗ୍ରହ ଏବଂ ବ୍ୟକ୍ତିର ମାନସିକତା। ପ୍ରଥମେ, ଗ୍ରହମାନଙ୍କର ଖେଳକୁ ବ୍ୟାଖ୍ୟା କରାଯାଇଛି।**

◆ କ'ଣ ଘଟେ ଯେ ଯେତେବେଳେ ବୟସ ବ୍ୟବଧାନ ଅଧିକ ହୁଏ, ଏହା ଗ୍ରହ ଏବଂ ନକ୍ଷତ୍ର ମଧ୍ୟରେ ଥିବା ପାର୍ଥକ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ। ତାହା ହେଉଛି, ଯଦି ଝିଅ ଏବଂ ପୁଅର ଗ୍ରହ ନକ୍ଷତ୍ରଗୁଡିକ ମିଳିତ ହୁଏ, କିନ୍ତୁ ଗ୍ରହମାନେ ରାଶିଫଳରେ ପରସ୍ପରଠାରୁ ବହୁ ଦୂରରେ, ତେବେ ଏହା



ଅତ୍ୟନ୍ତ ଖରାପ।

◆ ଏହାର ଅର୍ଥ ହେଉଛି ଆଡଜଷ୍ଟ କରିବାକୁ ବହୁତ ପରିଶ୍ରମ କରିବାକୁ ପଡ଼ିପାରେ କିମ୍ବା ଏହା ମଧ୍ୟ ହୋଇପାରେ ଯେ ଆଦୌ ସମନ୍ୱୟ ହୁଏନାହିଁ। ତଥାପି,ଏହା ସମ୍ପୂର୍ଣ୍ଣ ରୂପେ ପୁଅ ଏବଂ ଝିଅର ରାଶିଫଳ ଏବଂ ଗ୍ରହମାନଙ୍କର ସ୍ଥିତି ଉପରେ ନିର୍ଭର କରେ।

◆ ଯଦି ରାଶିରେ ଥିବା ଗ୍ରହଗୁଡିକ ସଠିକ୍ ଏବଂ ପୁଅ ଏବଂ ଝିଅର ଗ୍ରହଗୁଡ଼ିକ ମେଳ ଖାଉଛନ୍ତି, ତେବେ ବୟସ ବ୍ୟବଧାନରେ କିଛି ଫରକ ପଡ଼ିବ ନାହିଁ। ଏହି ପରିସ୍ଥିତିରେ, ବୟସର ପାର୍ଥକ୍ୟ ପରେ ମଧ୍ୟ ପ୍ରେମ ଏବଂ ସୁଖ ଦାମ୍ପତ୍ୟ ଜୀବନରେ ରହିଥାଏ ଏବଂ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସମନ୍ୱୟ ମଧ୍ୟ ଭଲ ରୁହେ।

◆ ବର୍ତ୍ତମାନ ମାନସିକତାକୁ ଆସିବା, ଏଠାରେ ମାନସିକତାର ଅର୍ଥ ହେଉଛି ଚିନ୍ତା। ଅନେକ ଥର ଏହା ଦାମ୍ପତ୍ୟ ଜୀବନରେ ଘଟିଥାଏ। ଯାହା ଜୀବନ ସାଥୀ ଅନୁଭବ କରିବାକୁ ଲାଗେ ଯେ ସେ ବୟସ୍କ ଅଧିକ ହେବାରୁ ତା'ହେଲେ ସେ ତାଙ୍କ ସାଥୀ ଅପେକ୍ଷା ଦୁନିଆକୁ ଅଧିକ ବୁଝିପାରନ୍ତି, ଯାହା ଝଗଡା ହେବାର ଗୋଟିଏ ମୁଖ୍ୟ କାରଣ।

◆ ଏହା ବ୍ୟତୀତ, ଏହା ମଧ୍ୟ ହୋଇପାରେ ଯେ ଉଚ୍ଚ ବୟସ ବ୍ୟବଧାନ ହେତୁ ଜୀବନଯାପନ, ଖାଇବା, ଉଠିବା, ବସିବା, ଚିନ୍ତା କରିବା ଏବଂ ପ୍ରତିକ୍ରିୟା କରିବା ସମ୍ପୂର୍ଣ୍ଣ ବିପରୀତ ହୋଇପାରେ। ଏଭଳି ପରିସ୍ଥିତିରେ ପରସ୍ପରର ମତ ଗ୍ରହଣ ନକରିବା ଦ୍ୱାରା ବିବାଦ ସୃଷ୍ଟି ହୁଏ ଏବଂ ମାମଲା ଝଗଡା ପର୍ଯ୍ୟନ୍ତ ପହଞ୍ଚେ।

◆ ତେଣୁ ଏହିପରି ଭାବରେ ଗ୍ରହ ଗ୍ରହର ପ୍ରଭାବ ଏବଂ ମାନସିକତା ହେତୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମତଭେଦର କାରଣ ହୋଇପାରେ। ତଥାପି, ବେଳେବେଳେ ପ୍ରେମ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରେ। ତା'ପରେ ଏହା ମାନସିକତା ହେଉ କି ଗ୍ରହମାନଙ୍କର ପ୍ରଭାବ। ପ୍ରେମର ସାମ୍ନାରେ ସବୁକିଛି ମଳିନ ହୁଏ।

# ଚାଉଳ ପାଣିର ଅନେକ ଗୁଣ; ଋତୁସ୍ରାବ ସମସ୍ୟା, ଝାଡା ପାଇଁ ରାମବାଣ; ଜାଣନ୍ତୁ ପ୍ରସ୍ତୁତି ପ୍ରଣାଳୀ

ରୋଷେଇ ପୂର୍ବରୁ ଧୁଆହୋଇଥିବା ଚାଉଳ ପାଣିକୁ ସମସ୍ତେ ଫୋପାଡି ଦେଇଥାନ୍ତି। କିନ୍ତୁ ଏହି ଚାଉଳ ପାଣି ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ତାହା ଆପଣ ଜାଣନ୍ତି କି ? କେଉଁ ଶାରୀରିକ ସମସ୍ୟାରେ ଏହା ଉପକାରୀ ? ତେବେ ଆସନ୍ତୁ ଜାଣିବା ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ଚାଉଳ ପାଣିର ଲାଭ କ'ଣ ?

ଓଡ଼ିଶାରେ ପ୍ରତ୍ୟେକ ଘରେ ପ୍ରତିଦିନ ଚାଉଳରୁ ଭାତ ପ୍ରସ୍ତୁତ ହୋଇଥାଏ। ଏହାକୁ ତିଆରି କରିବା ପୂର୍ବରୁ, ଏହାକୁ ପାଣିରେ ଭଲ ଭାବରେ ଧୁଆଯାଏ, ତା'ପରେ ଏହା ରନ୍ଧା ହୋଇଥାଏ। ଧୁଆହୋଇଥିବା ଚାଉଳ ପାଣିକୁ ସମସ୍ତେ ଫୋପାଡି ଦେଇଥାନ୍ତି। କିନ୍ତୁ ଏହି ଚାଉଳ ପାଣି ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ତାହା ଆପଣ ଜାଣନ୍ତି କି ? କେଉଁ ଶାରୀରିକ ସମସ୍ୟାରେ ଏହା ଉପକାରୀ ଆସନ୍ତୁ ଜାଣିବା। ସାଧାରଣତଃ ଚାଉଳ ଧୋଇବା ପରେ ସମସ୍ତେ ଦେଖିଥିବେ ଏଥିରୁ ଏକ ସଫା ମୋଟା ପାଣି ବାହାରେ। ଆୟୁର୍ବେଦରେ ଏହାକୁ ତଣ୍ଡୁଲୋଦକ ବୋଲି କୁହାଯାଏ। ତେବେ ଆସନ୍ତୁ ଜାଣିବା ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ଚାଉଳ ପାଣିର ଲାଭ କ'ଣ ? ଚାଉଳ ପାଣି ଷ୍ଟାର୍ଚ୍ଚରେ ଭରପୂର। ଏଥିରେ ଅନେକ ଗୁରୁତ୍ୱପୂର୍ଣ୍ଣ ଆଣ୍ଟିଅକ୍ସିଡାଣ୍ଟ ଥାଏ, ଯାହା ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଚାଉଳ ପାଣିର ଚମତ୍କାର ଶତାବ୍ଦୀ ଶତାବ୍ଦୀ ଧରି ଆୟୁର୍ବେଦରେ ଜଣାଶୁଣା ଏବଂ ଏହାର ଲାଭ ସମଗ୍ର ବିଶ୍ୱ ଜାଣିଛି ଏବଂ ଗ୍ରହଣ କରିଛି।

*କିପରି କରିବେ ପ୍ରସ୍ତୁତ:*

ଚାଉଳ ପାଣି ପ୍ରସ୍ତୁତ କରିବାକୁ ୧୦ ଗ୍ରାମ (୧ବାଟି) ଚାଉଳ ନିଅନ୍ତୁ
ଏହାକୁ ଥରେ ପାଣିରେ ଧୋଇ ଦିଅନ୍ତୁ
ବର୍ତ୍ତମାନ ଏଥିରେ ୬୦-୮୦ ମିଲି ପାଣି ମିଶାନ୍ତୁ
ଏହାକୁ ଏକ ମାଟି ପାତ୍ର / ଷ୍ଟେନଲେସ୍ ଷ୍ଟିଲ୍ ପାତ୍ରରେ ୨-୬ ଘଣ୍ଟା ପର୍ଯ୍ୟନ୍ତ ବନ୍ଦକରି ରଖନ୍ତୁ
ଏହା ପରେ ଚାଉଳକୁ ୨-୩ ମିନିଟ୍ ପାଣିରେ ଘାଣ୍ଟି ଫିଲ୍ଟର୍ କରନ୍ତୁ
ବର୍ତ୍ତମାନ ଏହା ବ୍ୟବହାର କରିବାକୁ ପ୍ରସ୍ତୁତ
ଆପଣ ଏହାକୁ ଦିନସାରା ପିଇପାରିବେ
ଏହି ପାଣିକୁ ୬-୮ ଘଣ୍ଟା ପାଇଁ ରଖାଯାଇ ପାରିବ
ଯଦି ଆପଣ ଚାହାଁନ୍ତି, ପ୍ରତିଦିନ ଏହି ଉପାୟରେ ସତେଜ ଚାଉଳ ପାଣି ତିଆରି କରିପାରିବେ

*କେଉଁ ଚାଉଳ ଦରକାର:*

ଚାଉଳ ପାଣି ପ୍ରସ୍ତୁତ କରିବା ପାଇଁ ଯେକୌଣସି ପ୍ରକାର ଚାଉଳ ନିଆଯାଇପାରେ। ଏଥିପାଇଁ ଖୁଦ ଚାଉଳ ଏବଂ ନାଲି ଚାଉଳ ଭଲ। ଗୋଟିଏ ବର୍ଷର ଚାଉଳ ଆହୁରି ଭଲ। ଧଳା ଚାଉଳ ମଧ୍ୟ ନିଆଯାଇପାରେ। ଏହା ଉଁସା କିମ୍ୱା ପଲିସି ନ ହେବା ଦରକାର।

*ଚାଉଳ ପାଣିର ଲାଭ:*

ଚାଉଳ ପାଣି ଚର୍ମ ଏବଂ କେଶ ପାଇଁ ଅତ୍ୟନ୍ତ ଲାଭଦାୟକ।
... ପୀଡ଼ିତ ରୋଗୀଙ୍କ ପାଇଁ ଏହା ରାମବାଣ ପରି କାମ କରେ।





# ପରିବା ସୁପ୍

ଆବଶ୍ୟକ ସାମଗ୍ରୀ:

ଛୋଟ ଛୋଟ କଟାଯାଇଥିବା ମଧ୍ୟମ ଆକାରର ଏକ ଗାଜର, ଏକ ଚତୁର୍ଥାଂଶ ଫୁଲକୋବି ଏବଂ ଶିମଳା ଲଙ୍କା (ମଞ୍ଜି କଢାଯାଇଥିବା), ଗ୍ରୀନ୍ ମଟର ଦାନା- ଅଧା ତାଟିଆ, ୧ ଇଞ୍ଚ ଅଦା କୋରା ହୋଇଥିବ କିମ୍ୱା ପେଷ୍ଟ କରାଯାଇଥିବ, ବଡ଼ ଚାମଚରେ ୧ ଚାମଚ କର୍ନଫ୍ଲୋର, ୨ ଚାମଚ ବଟର ଏବଂ ୧ ଚାମଚ ଚିଲି ସସ୍, ଛୋଟ ଚାମଚରେ ଅଧା ଚାମଚ ଲେଖାଏଁ ଗୋଲମରିଚ ଗୁଣ୍ଡ ଏବଂ ଧଳା ମରିଚ ଗୁଣ୍ଡ, ସ୍ୱାଦାନୁସାରେ ଲୁଣ, ଫାଳେ ଲେମ୍ବୁ, କିଛି କଟା ଧନିଆ ପତ୍ର।

ପ୍ରସ୍ତୁତି:

ପୂର୍ବରୁ ପରିବଗୁଡ଼ିକୁ ଧୋଇ କାଟି ଦିଆଯାଇଥିବ । ଏବେ ବଡ଼ ଚାମଚରେ ୨ ଚାମଚ ପାଣି ନେଇ ସେଥିରେ କର୍ନଫ୍ଲୋର ଭଲ କରି ଗୋଳାଇ ଦିଅନ୍ତୁ । ଏକ କଡ଼େଇ କିମ୍ୱା ଡେକ୍‌ଚି ଚୁଲିରେ ବସାଇ ବଟର ପକାଇ ଗରମ କରିବା ପରେ ଅଦା ପେଷ୍ଟ ଏବଂ ସମସ୍ତ ପରିବା ପକାଇ ୨ ମିନିଟ୍ ଧିମା ଆଞ୍ଚରେ ଭାଜନ୍ତୁ । ଏହାପରେ ଘୋଡ଼ାଇ ୨ ମିନିଟ୍ ସିଝିବାକୁ ଛାଡ଼ିଦେବେ । ପରେ ୬୦୦ ମିଲି ପାଣି, ଗୋଳା ଯାଇଥିବା




କର୍ନଫ୍ଲୋର, ଗୋଲମରିଚ ଗୁଣ୍ଡ, ଧଳା ମରିଚ ଗୁଣ୍ଡ, ଚିଲି ସସ୍ ଏବଂ ଲୁଣ ପକାଇ ସୁପ୍ ଫୁଟିବା ପର୍ଯ୍ୟନ୍ତ ଗୋଳାନ୍ତୁ । ଫୁଟିଆସିବା ପରେ ୩-୪ ମିନିଟ୍ ହାଲ୍‌କା ଆଞ୍ଚରେ ବସାଇ ରଖିବେ । ଏବେ ଗ୍ୟାସ୍ ବନ୍ଦ କରି ସୁପ୍‌ରେ ସ୍ୱାଦ ଅନୁସାରେ ଲେମ୍ବୁ ରସ, କଟା ଧନିଆ ପତ୍ର ଏବଂ ଅଳ୍ପ ବଟର ପକାଇ ଗୋଳାଇ ଦିଅନ୍ତୁ । ଗରମ ଗରମ ପରଷି ଦେବାକୁ ପରିବା ସୁପ୍ ପ୍ରସ୍ତୁତ ହୋଇଗଲା ।

# ଆଇରନ୍ କିମ୍ୱା ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସହ ପିଅନ୍ତୁ ନାହିଁ ଚା': ଉପୁଜିପାରେ ଅନେକ ସମସ୍ୟା

ପ୍ରାୟତଃ ଲୋକେ ନିଜ ଦିନର ଆରମ୍ଭ ଚା' କିମ୍ବା କପେ କଫିରୁ କରିଥାନ୍ତି। ସେମାନଙ୍କୁ ଏହା ଫୂର୍ତ୍ତି ତଥା ସତେଜ ଅନୁଭବ କରାଇଥାଏ । କିଛି ଲୋକ ଚା' ସହିତ ଅନେକ ଜିନିଷ ଖାଇଥାନ୍ତି। କିନ୍ତୁ କିଛି ଜିନିଷ ଏମିତି ରହିଛି, ଯାହାକୁ ଚା' ସହିତ ଖାଇବା ଦ୍ୱାରା ତାହାର କୁ-ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଆଜି ଆମେ ଆପଣଙ୍କୁ ଜଣାଇବୁ, ଚା' ସହିତ କେଉଁ ଜିନିଷ ଖାଇବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚିଥାଏ। ଯଦି ଆପଣ ସକାଳ ସମୟରେ ଚା' ପିଉଛନ୍ତି। ତେବେ ତା' ସହିତ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଚା'ରେ ଟେନିନ୍ ରହିଥାଏ, ଯାହାକି ଆଇରନ୍ ସଂସ୍ପର୍ଶରେ ଆସିବା ଭଲ ନୁହେଁ। ଏହା ଦ୍ୱାରା ଶରୀରରେ ଆଇରନ୍‌ର ମାତ୍ରା କମ୍ ହୋଇ ଯାଇଥାଏ। ଆଇରନ୍‌ଯୁକ୍ତ ଖାଦ୍ୟ ଶରୀର ପାଇଁ ଭଲ। କିନ୍ତୁ କେବେ ହେଲେ ଏହାକୁ ଚା' ସହିତ ଖାଆନ୍ତୁ ନାହିଁ। ଏପରି କଲେ ରକ୍ତହୀନତା ସହ ଅନେକ ସମସ୍ୟା ଦେଖା ଦେଇପାରେ। ଚା' ସହିତ ଅଣ୍ଡା, ପନିର କିମ୍ବା ଅନ୍ୟ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଚା'ରେ ଥିବା ଟେନିନ୍ ପ୍ରୋଟିନ୍ ପାଇଁ ମଧ୍ୟ ଭଲ ନୁହେଁ। ଯାହାକି ଶରୀରକୁ କ୍ଷତି ପହଞ୍ଚାଇଥାଏ। ଚା'ର ସେବନ କରୁଥିଲେ ତା' ସହ ସବୁଜ ପରିବା ଖାଆନ୍ତୁ ନାହିଁ। ବ୍ରୋକ୍‌ଲି, ପୋଇ, ମୂଳା ଇତ୍ୟାଦି ପରିବାରେ ଭରପୂର ମାତ୍ରରେ ଆଇରନ ରହିଥାଏ। ଯାହାଦ୍ୱାରା ଚା' ସହିତ ଏହାକୁ ସେବନ କଲେ ଶରୀରରେ ରକ୍ତହୀନତା, ପାଚନ ସମ୍ବନ୍ଧିତ ସମସ୍ୟା, ପେଟରେ ଯନ୍ତ୍ରଣା ହେବା ଭଳି ସମସ୍ୟା ଦେଖା ଯାଇଥାଏ।



# ଖାଦ୍ୟ ପ୍ରତି ହୁଅନ୍ତୁ ସତର୍କ

➢ଆବଶ୍ୟକତାଠାରୁ ଅଧିକ ପରିମାଣରେ ମିଠା ଖାଇଲେ ତ୍ୱଚାରେ ଗ୍ଲାଏସେସନ ନାମକ ପ୍ରକ୍ରିୟା ଆରମ୍ଭ ହୋଇଥାଏ । ଏହି କାରଣରୁ ତ୍ୱଚାରେ ଭାଙ୍ଗ ପଡ଼ିଥାଏ ।

➢କଫିରେ କେଫିନ ପରିମାଣ ଅଧିକ ଥିବାରୁ ଏହାକୁ ଯଥାସମ୍ଭବ କମ ପିଇବା ଉଚିତ । ଏହାକୁ ପିଇଲେ ଅନିଦ୍ରା ରୋଗ ହେବା ସହ ଆଖି ତଳେ କଳାଦାଗ ତ୍ୱଚାରେ ଭାଙ୍ଗ ପଡ଼େ ।

➢ଯୁବତୀ ଓ ମହିଳାମାନେ ଆଚାର କମ ପରିମାଣରେ ଖାଇବା ଭଲ । ଏଥିରେ ଅଧିକ ପରିମାଣରେ ତେଲ ଓ ଲୁଣ ବ୍ୟବହାର ହେଉଥିବାରୁ ହାଡ଼ ଦୁର୍ବଳ ହେବା ସହ ତ୍ୱଚା ଉପରେ କୁପ୍ରଭାବ ପକାଇଥାଏ ।






➢ଟମାଟୋ ସସ ମଧ୍ୟ ନ ଖାଇବା ଉଚିତ । ଏଥିରେ ଥିବା ଚିନି, ଲୁଣ ଓ ଅନ୍ୟାନ୍ୟ ସାମଗ୍ରୀ ତ୍ୱଚା ଉପରେ କୁପ୍ରଭାବ ପକାଏ ।






➢ମୃଦୁପାନୀୟ ପିଇବା ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ଭଲ । ଏହା ଉଭୟ ତ୍ୱଚା ସ କେଶ ଉପରେ କୁପ୍ରଭାବ ପକାଏ ।

➢ପ୍ୟାକେଟରେ ଥିବା ଖାଦ୍ୟ ମଧ୍ୟ ନ ଖାଇବା ଉଚିତ । ଏହା ତ୍ୱଚାରେ ବୟସର ଛାପ ପକାଇଥାଏ ।

➢ଫାଷ୍ଟଫୁଡରେ ବ୍ୟବହୃତ ହେଉଥିବା ଅଜିନୋମୋଟୋ ମଧ୍ୟ ତ୍ୱଚା ପାଇଁ କ୍ଷତିକାରକ ବୋଲି ଜଣାପଡ଼ିଛି ।

# ବୁଦ୍ଧିମତ୍ତା ବଢ଼ାଏ ଫଳମୂଳ

ତଟକା ଫଳମୂଳ ଆମ ଶରୀର ପାଇଁ କେତେ ଉପକାରୀ ତାହା କହିବା ବାହୁଲ୍ୟ । ବିଶେଷ ଭାବରେ ଏହାକୁ ଯଦି ଆମେ ବ୍ରେକଫାଷ୍ଟରେ ସାମିଲ କରିବା ତେବେ ତାହାର ଉପକାରୀ ଗୁଣକୁ ଉପଲବ୍ଧ କରିହେବ । ଫଳମୂଳ ଖାଇବା ଦ୍ୱାରା ବୁଦ୍ଧିମତ୍ତାର ବିକାଶ ଘଟିଥାଏ । ଏପରି ଏକ କୌତୂହଳପୂର୍ଣ୍ଣ ତଥ୍ୟ ନିକଟରେ ଲୋକଲୋଚନକୁ ଆସିଛି । 'ତଟକା ଫଳମୂଳ ଓ ବୁଦ୍ଧିମତ୍ତା' ବିଷୟବସ୍ତୁ ଉପରେ ଲଣ୍ଡନ ବିଶ୍ୱବିଦ୍ୟାଳୟର ପୁଷ୍ଟି ବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ । ଏହାର ଅନ୍ତର୍ଭୁକ୍ତ ବ୍ୟକ୍ତିମାନଙ୍କୁ ନିୟମୀତ ବ୍ରେକଫାଷ୍ଟରେ ତଟକା ଫଳମୂଳ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଏହାଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାର କିପରି ବିକାଶ ହେଉଛି ତାହାକୁ ତନ୍ନତନ୍ନ କରି ନିରୀକ୍ଷଣ କରାଯାଇଥିଲା । ଆଶ୍ଚର୍ଯ୍ୟଜନକ ଭାବରେ ଏହାକୁ ଖାଇବା ଦ୍ୱାରା ସେମାନଙ୍କର ବୁଦ୍ଧିମତ୍ତାର ବିକାଶ ହେଉଥିବାର ସେମାନେ ଜାଣିପାରିଥିଲେ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଅନ୍ୟପକ୍ଷରେ ବ୍ରେକଫାଷ୍ଟ ନିୟମିତ କରିବା ସହ ଏହି ତାଲିକାରେ ତଟକା ଫଳମୂଳ ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ପ୍ରତୀକ୍ଷାର ଫଳ

ଗତ ମଙ୍ଗଳବାର ଦିନ ଭାରତ ଓ ଯୁକ୍ତରାଜ୍ୟ (ୟୁନାଇଟେଡ୍ କିଙ୍ଗଡମ୍-ୟୁକେ) ସେମାନଙ୍କ ମଧ୍ୟରେ ମୁକ୍ତ ବାଣିଜ୍ୟ କାରବାର (ଏଫ୍‌ଟିଏ) ନେଇ ରାଜିନାମା ସ୍ୱାକ୍ଷର ହୋଇଥିବା ସମ୍ପର୍କରେ ଘୋଷଣା କରିଛନ୍ତି। ଜାନୁଆରୀ ୨୦୨୨ରେ ଏଥି ପାଇଁ ବୁଝାମଣା ଆରମ୍ଭ ହୋଇଥିଲା ଏବଂ ତା' ପରେ ଏହା କେଉଁ ମୋଡ଼ ନେଉଛି, ସେ ସମ୍ପର୍କରେ କିଛି ହେଲେ ଜଣା ପଡୁ ନଥିଲା । ବୁଝାମଣା ଚାଲିଥିବା ସମୟରେ ୟୁକେ ଯେହେତୁ ରାଜନୀତିକ ଦୋଦୁଲ୍ୟମାନତା ଦେଇ ଗତି କରୁଥିଲା ଏବଂ ଉଭୟ ଗତ ବର୍ଷ ଉଭୟ ଦେଶର ନିର୍ବାଚନ ଥିଲା, ତେଣୁ ଏ ବାବଦରେ ସେପରି କିଛି ନିଷ୍କର୍ଷ ବାହାରି ପାରି ନଥିଲା । ତେବେ ପରିଶେଷରେ ଏହା ସମ୍ପାଦନ ହୋଇ ପାରିଛି ଏବଂ ଏକ ଦୀର୍ଘ ସମୟ ଧରି ଚାଲି ଆସିଥିବା ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି । ଏହି ବାଣିଜ୍ୟିକ କାରବାରଜନିତ ଚୁକ୍ତି ଖୋଦ୍ ନିଜ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ- ଏହା ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ କାରବାରର ସାମ୍ପ୍ରତିକ ମୂଲ୍ୟକୁ ଦୁଇ ଗୁଣ ବୃଦ୍ଧି କରି ହାରାହାରି ୬୦ ବିଲିଅନ୍ ଡଲାରର କାରବାର ସମ୍ପାଦନ କରିବା ଆଶା କରାଯାଉଛି– ହୋଇ ଥିବାରୁ, ଯାହା ଏହି ରାଜିନାମାକୁ ଅଧିକ ଉଲ୍ଲେଖନୀୟ କରି ଗଢ଼ି ତୋଳୁଛି, ତାହା ହେଉଛି – ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଭାବରେ ଡୋନାଲ୍ଡ ଟ୍ରମ୍ପ୍ ନିର୍ବାଚିତ ହେବା ପରେ ବୈଶ୍ୱିକ ଭୂଅର୍ଥନୀତିକ ଶୃଙ୍ଖଳାରେ ଘଟିଥିବା ସୂକ୍ଷ୍ମ ସ୍ଥାନିକ ପରିବର୍ତ୍ତନ ପରେ ଏଭଳି ଏକ କାରବାର ରଖିଥିବା ମହତ୍ତ୍ୱ। ଶ୍ରୀଯୁକ୍ତ ଟ୍ରମ୍ପଙ୍କ ତାରିଫ୍ ବ୍ୟବସ୍ଥା ପରେ ବିଶ୍ୱର ସବୁ ଦେଶ ବାଣିଜ୍ୟିକ କାରବାରକୁ ନେଇ ଗଭୀର ଭାବରେ ଚିନ୍ତିତ ରହିଥିବା ବେଳେ ଭାରତ ମଧ୍ୟ ସେଥିରୁ ବାଦ୍ ପଡ଼ି ନଥୁଲା, ଯେଉଁଥିପାଇଁ ଏବେ ଏହି ଚୁକ୍ତି ଏକ ଆଶ୍ୱସ୍ତି ଆଣି ଦେଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ରାଜିନାମା ମଧ୍ୟ ବାଣିଜ୍ୟ ନୀତିକୁ ନେଇ ମତ ପାର୍ଥକ୍ୟ ରହିଥିବା ବେଳେ ନୂଆଦିଲ୍ଲୀର ବୁଝାମଣା କରିବାକୁ ଆଗ୍ରହ ପ୍ରଦର୍ଶନ କରିବାର ଏକ ପ୍ରତୀକ– ଏହା ଆମେରିକାର ଟ୍ରମ୍ପ୍ ପ୍ରଶାସନ ସହିତ ସମାନ ଧରଣର ରାଜିନାମା ସମ୍ପାଦନ କରିବା ନିମନ୍ତେ ଭାରତ ପାଇଁ ସହାୟକ ହୋଇପାରେ । ବସ୍ତୁତଃ, ଗୁରୁବାର ଦିନ ଓଭାଲ ଅଫିସରେ ଶ୍ରୀଯୁକ୍ତ ଟ୍ରମ୍ପ୍ ଘୋଷଣା କରିଛନ୍ତି ଯେ ତାଙ୍କ ରାଷ୍ଟ୍ର ୟୁକେ ସହିତ ଏକ ବାଣିଜ୍ୟିକ ରାଜିନାମା ସମ୍ପାଦନ କରି ସାରିଛି, ଯାହା ହେଉଛି ତାଙ୍କ ପ୍ରଶାସନ ପାଇଁ ଏକ ବଡ଼ ଧରଣର ସଫଳତା, ଯେହେତୁ ସେ ଅନେକ ଦେଶଙ୍କୁ ବଡ଼ ଧରଣର ଅନୁଦାନ ପ୍ରଦାନକୁ ବନ୍ଦ କରିବା ନିମନ୍ତେ ଦେଇଥିବା ଧମକ ଭିତରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇ ପାରିଛି । ଭାରତ ସ୍କଚ୍ ୱିସ୍କି, ଜିନ୍ ଏବଂ ମୃଦୁ ପାନୀୟ; ଲ୍ୟାମ୍ବ୍, ସାଲମନ୍, ଚକୋଲେଟ୍ ଏବଂ ଅନ୍ୟାନ୍ୟ ମିଷ୍ଟାନ୍ନ ସାମଗ୍ରୀ, ତଥା ଅନ୍ୟାନ୍ୟ ଉତ୍ପାଦଗୁଡ଼ିକ ମଧ୍ୟରେ କେତେକ ବିଳାସପୂର୍ଣ୍ଣ କାଗୁଡ଼ିକ ଉପରେ ଶୁଳ୍କ ହ୍ରାସ କରିବାକୁ ସହମତି ପ୍ରକାଶ କରିଛି। ପରିଣତିରେ ୟୁକେରେ ଭାରତୀୟ ସାମଗ୍ରୀଗୁଡ଼ିକ ବ୍ରିଟିଶ୍ ଖାଉଟିମାନଙ୍କ ପାଇଁ ଶସ୍ତା ହେବ ଏବଂ ବ୍ରିଟିଶ୍ ହ୍ୱିସ୍କି, କାର୍ ତଥା ଅନ୍ୟାନ୍ୟ ସାମଗ୍ରୀଗୁଡ଼ିକ ଭାରତୀୟ ଖାଉଟିମାନଙ୍କ ପକେଟ୍‌କୁ ସୁହାଇବା ଭଳି ହେବ। ଅନେକ ଦୃଷ୍ଟିରୁ ଦେଖିଲେ ଏହି କାରବାର ଆଧୁନିକ ଭାରତର ଦୃଢ଼ତାପୂର୍ଣ ଆଶ୍ୱସ୍ତି- ସେହି ବ୍ରିଟେନ୍ ଯାହା ଦେଶ ଜୟ କରିବାକୁ ବାଣିଜ୍ୟ ବ୍ୟବସାୟକୁ ଏକଦା ଆୟୁଧ କରୁଥିଲା, ତାହା ଅନେକ ଭାବରେ ଏହି ଅର୍ଥନୀତିକ ସମ୍ପର୍କରେ ଏକ କନିଷ୍ଠ ଭାଗିଦାର। ଏସବୁ ଭିତରେ ଯାହା ସର୍ବାଧିକ ଗୁରୁତ୍ୱପୂର୍ଣ, ତାହା ହେଉଛି, ଏସବୁ କାରବାରକୁ ଉଭୟ ଦେଶରେ ସାମାଜିକ ସୁରକ୍ଷା ଅବଦାନଗୁଡ଼ିକରୁ ଅବ୍ୟାହତି ପ୍ରଦାନ କରିବା ନିମନ୍ତେ ହୋଇଥିବା ରାଜିନାମା, ଯାହା କମ୍ପାନୀମାନଙ୍କ ପାଇଁ ମୂଲ୍ୟ ହ୍ରାସ କରାଇବାରେ ଭୂମିକା ନିର୍ବାହ କରିବ ଏବଂ ସେଥିପାଇଁ ଏହା ପ୍ରତିଯୋଗିତାମୂଳକ ମନୋଭାବକୁ ପ୍ରୋତ୍ସାହିତ କରିବ। ମୋଟାମୋଟି ଏହି ଚୁକ୍ତିରେ ଉଭୟ ଦେଶରେ ଲୋକମାନଙ୍କୁ ତଥା ବ୍ୟବସାୟକୁ ଆନନ୍ଦ ପ୍ରଦାନ କରିବା ଭଳି ଯଥେଷ୍ଟ ଉପାଦାନ ରହିଛି । ଅଧିକ ଦୃଢ଼ ଭାବରେ କହିଲେ, ଏହି ଚୁକ୍ତି ସମ୍ପାଦନ ହେବା ପରେ ଆଗକୁ କେତେକ ଦ୍ରୁତିଗତି ରୋଧକ ରହିବ। ଭାରତୀୟ ମଦ୍ୟ ପ୍ରସ୍ତୁତକାରୀ କମ୍ପାନୀ ଏବଂ ଯାନବାହନ ନିର୍ମାତାମାନେ, ଯେଉଁମାନେ ସାମ୍ପ୍ରତିକ ସମୟରେ କେବଳ ଭାରତରେ ନୁହେଁ, ବରଂ ଦେଶ ବାହାରେ ଅନେକ ଦେଶରେ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀଗୁଡ଼ିକ ପାଇଁ ଏକ ବଜାର ସୃଷ୍ଟି କରି ପାରିଛନ୍ତି, ସେମାନେ ଏଣିକି ଅଧିକ ପ୍ରତିଯୋଗିତାର ସମ୍ମୁଖୀନ ହେବେ। ତେଣୁ ଭାରତ ସେମାନଙ୍କୁ ବୈଶ୍ୱିକ ଖେଳାଳିମାନଙ୍କ ସହିତ ମୁକାବିଲା କରିବା ନିମନ୍ତେ ପ୍ରସ୍ତୁତ କରିବାକୁ ହେଲେ, ସେମାନଙ୍କର ସମସ୍ୟାଗୁଡ଼ିକର ସମାଧାନ କରିବା ଉଚିତ । ତେବେ ଏହି ବାଣିଜ୍ୟିକ କାରବାର ଚୁକ୍ତି ଯଦି ସଫଳ ହୁଏ, ତା'ହେଲେ ଏହା ନିଶ୍ଚିତ ଭାବରେ ଭାରତୀୟ ଉଦ୍ୟୋଗମାନଙ୍କର ବିଶ୍ୱର ସର୍ବୋତ୍କୃଷ୍ଟ ଉତ୍ପାଦକମାନଙ୍କ ସହିତ ପ୍ରତିଯୋଗିତା କରିବା ପାଇଁ ରହିଥିବା ନିଜର ସାମର୍ଥ୍ୟ ଉପରେ ବିଶ୍ୱାସକୁ ଦୃଢ଼ୀଭୂତ କରିବ ଏବଂ ଏହା ଭାରତକୁ ବିଶ୍ୱର ଅଗ୍ରଣୀ ଅର୍ଥନୀତି ହେବା ପଥରେ ପଥକ କରାଇବ। ତେବେ ପ୍ରଶ୍ନ ଉଠେ, ଏହି କାରବାର ସମ୍ପର୍କିତ ଚୁକ୍ତି ଉଭୟ ଦେଶର ସ୍ଥୂଳ ଅର୍ଥନୀତି ଉପରେ ଉଲ୍ଲେଖନୀୟ ପ୍ରଭାବ ପକାଇ ପାରିବ କି ? ଏହି ପ୍ରଶ୍ନର ଉତ୍ତର ଭାରତ ଅପେକ୍ଷା ବ୍ରିଟେନ୍ ପାଇଁ ସାମାନ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ, କାରଣ ୟୁକେର ସରକାରୀ ଅର୍ଥ ବ୍ୟବସ୍ଥା ସଂକଟାପନ୍ନ ରହିଥିବା ବେଳେ ସେହି ପରିପ୍ରେକ୍ଷୀରେ ନିଜ ଦେଶର ଅଭିବୃଦ୍ଧିକୁ କେଇର ଷ୍ଟାର୍ମରଙ୍କ ସରକାର ଆଗେଇ ନେବା ନିମନ୍ତେ ତାଙ୍କ ଉପରେ ଯଥେଷ୍ଟ ଚାପ ରହିଛି ଏବଂ ସେଥିପାଇଁ ସେମାନେ କଲ୍ୟାଣକାରୀ ଯୋଜନା ବାବଦରେ ବ୍ୟୟଗୁଡ଼ିକୁ ସଂକୁଚିତ କରିଛନ୍ତି। ଏବେ ଦୁଇ ଦେଶର କାରବାର ସେମାନଙ୍କୁ ହୁଏତ ଅଧିକ ସହାୟତା ପ୍ରଦାନ କରିପାରେ।

# ବୁଦ୍ଧପୂର୍ଣ୍ଣିମା ବୌଦ୍ଧଧର୍ମ



### ଡକ୍ଟର ଶରତ୍‌ଚନ୍ଦ୍ର ମିଶ୍ର



ଅଧର୍ମ, ଅନ୍ୟାୟ, ଅତ୍ୟାଚାର, ଅରାଜକତା ତଥା କୁସଂସ୍କାର ବିଶ୍ୱବାସୀଙ୍କୁ ଦିଗହରା କରି ଦେଇଥାଏ; ସେମାନେ ଅଣନିଶ୍ୱାସୀ ହୋଇ ପଡ଼ିଥାନ୍ତି; ସାଧାରଣ ଜୀବନ ଧାରଣ ଅସମ୍ଭବ ହୋଇପଡ଼ିଥାଏ ସେତେବେଳେ ଜଣେ ଜଣେ କାଳଜୟୀ ବିଶ୍ୱ ସଂସ୍କାରକ ଜନ୍ମ ଗ୍ରହଣ କରନ୍ତି । ସେହିପରି ଜଣେ ସମାଜ ସଂସ୍କାରକ, ଧର୍ମ ରକ୍ଷାକାରୀ ତଥା ଅହିଂସାର ସାକ୍ଷାତ ମୂର୍ତ୍ତିମନ୍ତ ଅବତାର ହେଉଛନ୍ତି ତଥାଗତ । ସେ ଶାନ୍ତି, ମୈତ୍ରୀ, ସଂପ୍ରତି ଓ ସହାବସ୍ଥାନବାଦର ଏକ ସମନ୍ୱୟ ରକ୍ଷାକାରୀ ଜଣେ ଅବତାରୀ । ହିନ୍ଦୁଧର୍ମ ଯେତେବେଳେ ଅନ୍ଧବିଶ୍ୱାସ ଦ୍ୱାରା ଆଚ୍ଛାଦିତ ଥିଲା, ଜାତି ପ୍ରଥା ଉଗ୍ରରୂପ ଧାରଣ କରିଥିଲା ଯଜ୍ଞ ବେଦୀରେ ନିରିହ ପଶୁକୁ ବଳିଦେଇ ତାହାକୁ ଶାସ୍ତ୍ରସିଦ୍ଧ ବୋଲି ଘୋଷଣା କରୁଥିଲେ ପଣ୍ଡିତଗଣ । ପୁଣୁ ବିଭିନ୍ନ ନାରକୀୟ କାର୍ଯ୍ୟକୁ ଧର୍ମସଙ୍ଗତ ବୋଲି ଉଦ୍‌ଘୋଷିତ କରୁଥିଲେ ଜାତିଶ୍ରେଷ୍ଠ ବ୍ରାହ୍ମଣମାନେ । ଏପଟେ ଧନୀ, ଜ୍ଞାନୀ, ପଣ୍ଡିତ ରାଜାଙ୍କର ଅତ୍ୟାଚାରରେ ଅଣନିଶ୍ୱାସୀ । ହିନ୍ଦୁ ଧର୍ମ ପାଇଁ ଏକ ଦୁର୍ଦ୍ଦିନର ସମୟ। ଏହି ସନ୍ଧିକ୍ଷଣରେ ଜନ୍ମ ନେଲେ ନେପାଳର କପିଳବାସ୍ତୁ ନଗରରେ ଲୁମ୍ବିନୀ ଉଦ୍ୟାନରେ ଜଣେ ରାଜପୁତ୍ର । ପିତା ରାଜା ଶୁଦ୍ଧୋଧନ ଓ ମାତା ମାୟୀ ଦେବୀଙ୍କର ଏକମାତ୍ର କୁଳନନ୍ଦନ । ସେଦିନ ଥିଲା ପବିତ୍ର ବୈଶାଖ ମାସର ପୂର୍ଣ୍ଣିମା ।

ହେଲେ ସେହି ପୂର୍ଣ୍ଣାତ୍ମା ବାଳକ ତଥାଗତକୁ ବାନ୍ଧି ପାରିଲା ନାହିଁ ରାଜପୁତ୍ରର ସମସ୍ତ ସୌଭାଗ୍ୟ, ପରମାସୁନ୍ଦରୀ ପତ୍ନୀ ଯଶୋଧରା, ସଦ୍ୟଜାତ ପୁତ୍ର ରାହୁଳର ଆକର୍ଷଣ, ପିତା-ମାତାଙ୍କର ଅଗଭୀର ସ୍ନେହ- ମମତା ସବୁକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହ ତ୍ୟାଗ କଲେ। ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ହୋଇ ବିଭିନ୍ନ ଆଶ୍ରମ ଓ ବଣ ଜଙ୍ଗଲ ଘୂରି ବୁଲିଲେ, କେବଳ ଚିରନ୍ତନ ସତ୍ୟର ଅନ୍ୱେଷଣରେ । ସାରା ମହୀ ମଣ୍ଡଳକୁ ଘୂର୍ଣ୍ଣିବାତ୍ୟା ଭଳି ଘୂରି ଘୂରି ପରିଶେଷରେ ମଧ୍ୟଦେଶ (ବିହାର)ସ୍ଥ ନିରଞ୍ଜନା ନଦୀ ତଟବର୍ତ୍ତୀ ଉରୁବେଳ ଜଙ୍ଗଲର ଏକ ବିଶାଳ ଅଶ୍ୱତ୍‌ଥ ବୃକ୍ଷ (ବୋଧି ଦ୍ରୁମ) ତଳେ ମା' ଧରିତ୍ରୀକୁ ସାକ୍ଷୀ ରଖି କଠୋର ତପସ୍ୟାରେ ନିମଗ୍ନ ହେଲେ। ସମୟ ଗଡ଼ିଚାଲିଲା । ସାଧନା କ୍ରମେ କଠୋରରୁ କଠୋର ହେଲା । ଅନେକ ଦିନ ପରେ, ଦିନେ ସେ ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ ତାହାର ନାମ 'ବୁଦ୍ଧଗୟା' ବା 'ବୋଧଗୟା'। ପୁଣି ଯେଉଁ ଦ୍ରୁମତଳେ ସମ୍ବୋଧି ଲାଭ କରିଥିଲେ, ତାହାର ନାମ 'ବୋଧଦ୍ରୁମ । ପୁଣି ଯେଉଁ କାଳଜୟୀ ସ୍ୱଧର୍ମର ବାର୍ତ୍ତା ପ୍ରଚାର ଓ ପ୍ରସାର କରିଗଲେ, ତାହାର ନାମ ଥିଲା ଲୋକପ୍ରିୟ ବୋଧଧର୍ମ। ପବିତ୍ର ବୈଶାଖ କୁଶୀନଗରଠାରେ ବୁଦ୍ଧଙ୍କର 'ମହାପରି ନିର୍ବାଣ' ପ୍ରାପ୍ତି ହିଁ ଅନ୍ୟ ଏକ ଅଲୌକିକ ଆଶ୍ଚର୍ଯ୍ୟ ।

'ବୋଧ ଧର୍ମ' ପୃଥିବୀର ଏକମାତ୍ର ଧର୍ମ ଯାହାକି ଈଶ୍ୱରକୈନ୍ଦ୍ରିକ ନୁହେଁ। ତାଙ୍କ ଧର୍ମ ଏହା କହେ- 'ଜୀବନ ଦୁଃଖପୂର୍ଣ୍ଣ । କାମନା ହିଁ ଦୁଃଖର କାରଣ। କାମନାର ବିନାଶରେ ଦୁଃଖର ବିନାଶ । ଦେବାଦେବୀଙ୍କୁ ପ୍ରାର୍ଥନା କରି ନଥିଲେ ବା କାହାରିକୁ ପୂଜାର୍ଚ୍ଚନା କରିବା ପାଇଁ ପରାମର୍ଶ ବା ଉପଦେଶ ଦେଇ ଯାଇ ନାହାନ୍ତି । ସେ ସର୍ବଦା କେବଳ କଠୋର ତଥା ନୈତିକ ଜୀବନ ଯାପନ ସମାଧି ଓ ପ୍ରଜ୍ଞା ଉପରେ ଗୁରୁତ୍ୱ ପ୍ରଦାନ ପୂର୍ବକ ମାନବିକତାର ଅଭିବୃଦ୍ଧି ସାଧନ କରିଛନ୍ତି । ସେ ବୋଧହୁଏ ପୃଥିବୀର ପ୍ରଥମ ବ୍ୟକ୍ତି ଯେ କି ଧର୍ମକୁ ବାହ୍ୟାନୁଷ୍ଠାନ ପରିବର୍ତ୍ତେ ଆଭ୍ୟନ୍ତରୀଣ ଅନୁଷ୍ଠାନରେ ପରିଣତ କରିଥିଲେ। ବୌଦ୍ଧ ଧର୍ମରେ ପର୍ବ ପର୍ବାଣି ପାଳନରେ ଆଡମ୍ବର ନଥାଏ । ମାତ୍ର ଥାଏ ଉପାସନା, ଆରାଧନା ଓ ଧ୍ୟାନର ଗୁରୁତ୍ୱ । ପ୍ରତ୍ୟେକ ମାସର ପୂର୍ଣ୍ଣିମା ତିଥିଟି ପ୍ରତ୍ୟେକ ବୌଦ୍ଧଧର୍ମାଲମ୍ବିଙ୍କ ପାଇଁ ପବିତ୍ରତା ଓ ଶୁଦ୍ଧ ଆଚରଣର ପୁଣ୍ୟ ଦିବସଟିଏ। ସେମାନେ ସାଧାରଣତଃ ପ୍ରତିଦିନ ସୂର୍ଯ୍ୟାସ୍ତ ପରେ ଓ ସୂର୍ଯ୍ୟୋଦୟ ପର୍ଯ୍ୟନ୍ତ ଉପବାସ କରନ୍ତି ବା ଉପବାସ ରହନ୍ତି । ମାତ୍ର ପୂର୍ଣ୍ଣିମା ତିଥିରେ ସ୍ୱତନ୍ତ୍ର ଉପବାସ ଓ ଉପାସନା କରନ୍ତି । ସବୁ ପୂର୍ଣ୍ଣିମା ମଧ୍ୟରେ ବୈଶାଖ ପୂର୍ଣ୍ଣିମା ବା ବୁଦ୍ଧ ପୂର୍ଣ୍ଣିମା ସର୍ବଶ୍ରେଷ୍ଠ ପୂର୍ଣ୍ଣିମା ରୂପେ ପରିଗଣିତ । ବୁଦ୍ଧ ପୂର୍ଣ୍ଣିମାର ତାତ୍ପର୍ଯ୍ୟ ହେଉଛି ଏହି ଯେ, ଏହି ଦିନ ସେ ଜନ୍ମଗ୍ରହଣ କରିଥିଲେ, ସାଧନାର ସିଦ୍ଧିପ୍ରାପ୍ତ ହୋଇଥିଲେ ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ ଓ ସେହି ପୂର୍ଣ୍ଣିମା ବି ତାଙ୍କର ନିର୍ବାଣ ପ୍ରାପ୍ତି ହୋଇଥିଲେ ।

ଓଡ଼ିଶାର ବଡ଼ଦେଉଳର ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ବୌଦ୍ଧଧର୍ମର ତ୍ରିରତ୍ନ (ବୁଦ୍ଧ, ଧର୍ମ ଓ ସଂଘ) ସହିତ ବି ଅନେକ ଆଲୋଚକ ତୁଳନା କରିଥାନ୍ତି, ବୁଦ୍ଧଦେବ କୌଣସି ଧର୍ମ ପ୍ରତିଷ୍ଠା କରିବା ପରିକଳ୍ପନା କରିନଥିଲେ । ସେ 'ବୋଧି' ବା 'ଜୀବନ'ର ସତ୍ୟକୁ ହିଁ କେବଳ ଆବିଷ୍କାର କରିଥିଲେ । ଏହା ପରେ ପରେ କ୍ରମେ ଅନୁଗାମୀଙ୍କ ସଂଖ୍ୟା ବଢ଼ିବାରୁ ସେ ସେମାନଙ୍କୁ 'ସଂଘବଦ୍ଧ' ହେବା ପାଇଁ ପରାମର୍ଶ ଦେଲେ। ସେମାନଙ୍କର 'ସନ୍ୟାସ' ଓ 'ଗ୍ରାହସ୍ଥ୍ୟ' ଜୀବନ ପାଇଁ ସମସ୍ତ ନୀତିନିୟମ ପ୍ରଣୟନ କରିଚାଲିଲେ । ତାହାହିଁ ହେଉଛି ବୌଦ୍ଧଧର୍ମ ଗ୍ରନ୍ଥ 'ତ୍ରିପିଟକ'ର 'ବିନୟ ପଟଳ' । ତେଣୁ ସେମାନଙ୍କର ଆହ୍ୱାନ ହେଲା 'ବୁଦ୍ଧଂ ଶରଣଂ ଗଚ୍ଛାମି', 'ଧର୍ମଂ ଶରଣଂ ଗଚ୍ଛାମି', 'ସଂଘଂ ଶରଣଂ ଗଚ୍ଛାମି' । ବୁଦ୍ଧଙ୍କର ମହାନ ପଞ୍ଚଶୀଳ ନୀତି ଯେମିତିକି 'ସତ୍ୟ', 'ଅହିଂସା', 'ଅଚୌର୍ଯ୍ୟ' ନିଶାବର୍ଜନ ଓ ଅବ୍ୟଭିଚାର ସର୍ବଦା କରଣୀୟ ଠିକ୍ ସେହିପରି ସତ୍‌ଚିନ୍ତା, ସତ୍‌ବାକ୍ୟ, ସତ୍ ଆଚାର, ସତ୍ କର୍ମ, ସତ୍ ଜ୍ଞାନ, ସତ୍ ମନୋନିବେଶ, ସତ୍ ଚଳଣି ଓ ସତ୍ ସମାଧି ଆଦି କାଳଜୟୀ ଆର୍ଯ୍ୟ ଅଷ୍ଟାଙ୍ଗିକ ମାର୍ଗ ମଧ୍ୟ ସୁସ୍ଥ ସମାଜ ଗଠନ ପାଇଁ ଜରୁରୀ । ବୁଦ୍ଧଦେବ ସମସ୍ତଙ୍କୁ କହୁଥିଲେ- 'ନିଜେ ନିଜ ପାଇଁ ଆଲୋକ ବର୍ତ୍ତିକା ହୁଅ । ବୃଥା ତର୍କ ବା ବିଷୟା ଭୋଗରେ ସମୟ ନଷ୍ଟ ନକରି ନିଜ ନିଜର କଲ୍ୟାଣ ପାଇଁ ଅଷ୍ଟାଙ୍ଗିକ ମାର୍ଗକୁ ଅନୁସରଣ କର ଓ ନିର୍ବାଣ ଲାଭ କର । ତାଙ୍କର ସେହି ଅମୂଲ୍ୟ କଥା ବୁଝିବାକୁ ଆମର ଗଭୀରତା ନାହିଁ, ଗାମ୍ଭୀର୍ଯ୍ୟ ନାହିଁ ବା ବିକ୍ରମ ବି ନାହିଁ । ବୁଦ୍ଧ ଚରିତର ମୁଖ୍ୟ କଥା ହେଉଛି ଦୃଢ଼ତା, ଅଭିନିବେଶ ଓ ଆତ୍ମକଲ୍ୟାଣ ପାଇଁ ନିଷ୍ଠାପର ଉଦ୍ୟମ ।

ବୌଦ୍ଧ ଧର୍ମକୁ ଏକ ଧର୍ମ କହିବା ଅପେକ୍ଷା ଏକ ମତ, ପଥ ବା ଦର୍ଶନ କହିବା ଅଧିକ ଠିକ୍ ହେବ। ବୋଧହୁଏ ସେଇଥିପାଇଁ ସେ କହିଯାଇଛନ୍ତି- 'ମଣିଷ ନିଜେ ନିଜର ଆଶ୍ରୟ । ଅନ୍ୟ କିଏ କାହାର ଆଶ୍ରୟ ହୋଇ ପାରିବ ନାହିଁ । ଗୁରୁ ତୁମର ମାର୍ଗ ଦର୍ଶକ ମାତ୍ର ଚାଲିବା କାମ ତୁମର।' ବୁଦ୍ଧ ଥିଲେ ସହିଷ୍ଣୁ ଓ ଉଦାର । ଭିନ୍ନ ଭିନ୍ନ ମତ ଓ ଧର୍ମ ପ୍ରତି ତାଙ୍କର ସମ୍ମାନ ଥିଲା । ହେଲେ ସେ ସର୍ବଦା କହନ୍ତି- ସଂଶୟ ଆଧାତ୍ମିକ ଅଗ୍ରଗତିର ଏକ ବିଘ୍ନ । 'ସଂଶୟ' ଏକ ଅଜ୍ଞାନ, ଅବିଦ୍ୟା ଓ ମିଛ ଦୃଷ୍ଟି ।' ଆଜି ବିଶ୍ୱର ପ୍ରାୟ ୨୨୧ଟି ଦେଶର ପ୍ରାୟ ପଚାଶ କୋଟିରୁ ଅଧିକ ବ୍ୟକ୍ତି ବୌଦ୍ଧ ଧର୍ମ ଗ୍ରହଣ କରିଛନ୍ତି। ବୁଦ୍ଧଦେବଙ୍କ ମୃତ୍ୟୁର ପ୍ରାୟ ତିନିଶହ ବର୍ଷ ପରେ ସମ୍ରାଟ ଅଶୋକ ଓଡ଼ିଶାର ଜଣେ ବୌଦ୍ଧ ସନ୍ୟାସୀ ଉପଗୁପ୍ତଙ୍କଠାରୁ ଦୀକ୍ଷିତ ହୋଇ ଚଣ୍ଡାଶୋକରୁ ଧର୍ମାଶୋକ ପାଲଟି ଥିଲେ । ତାଙ୍କର ହୃଦବୋଧ ହୋଇଥିଲେ ଯେ- ଶ୍ରଦ୍ଧା ଓ ପ୍ରେମର ବିଜୟ ହିଁ ପ୍ରକୃତ ବିଜୟ ।' ପରେ ନିଜର ପୁତ୍ର ମହେନ୍ଦ୍ର ଓ କନ୍ୟା ସଂଘମିତ୍ରାଙ୍କୁ ସିଂହଳକୁ ବୌଦ୍ଧ ଧର୍ମ ପ୍ରଚାର ପାଇଁ ପଠାଇଥିଲେ । ଆଜି ଆମେରିକୀୟମାନେ ବୌଦ୍ଧ ଗ୍ରନ୍ଥମାନ ପଢ଼ି ବୌଦ୍ଧ ଧର୍ମ ପ୍ରତି ଆକୃଷ୍ଟ ହେଉଛନ୍ତି ।

ଭଗବାନ ବୁଦ୍ଧଙ୍କର ସେହି କାଳଜୟୀ ତଥା ଅମୀୟ ବାଣୀ ଓ ଉପଦେଶମାନ ବିଶ୍ୱର ଚୀରକାଳ ପାଇଁ ଜାଜ୍ୱଲ୍ୟମାନ ହୋଇ ରହିବ । ବୁଦ୍ଧଙ୍କର ପ୍ରଦର୍ଶିତ ମାର୍ଗରେ ନିଜକୁ ପରିଚାଳିତ କଲେ ଜୀବନ ସରସ, ସୁନ୍ଦର, ଆନନ୍ଦମୟ ଓ ସାର୍ଥକ ହେବ; ଏହା ନିଃସନ୍ଦେହ । ଆଜିର ଏହି ପବିତ୍ର ବୁଦ୍ଧ ପୂର୍ଣ୍ଣିମାରେ ଏହା ସମସ୍ତଙ୍କର ଶପଥ ହେଉ ।

+ 'ପ୍ରଜ୍ଞା ନୀଡ଼'
ବସନ୍ତ ବିହାର, ଶୋଭାରାମପୁର,
ବାଲେଶ୍ୱର- ୭୫୬୦୦୧
ମୋ: ୮୮୯୫୯୮୮୮୮୪

# ଗୁଜବ ଉଠାନ୍ତୁ ନାହିଁ ବା ଶୁଣନ୍ତୁ ନାହିଁ

### ସୁବ୍ରତ କର



ଏହା ଆପଣମାନଙ୍କୁ ମୁଁ କହୁ ନାହିଁ ସରକାରଙ୍କ ନିଷ୍ପତ୍ତି ଏବଂ ଏହା ମଧ୍ୟ ଏକ ଦଣ୍ଡନୀୟ ଅପରାଧ । ବହୁଦିନ ପରେ ପୁଣି ଦୁଇ ପଡ଼ୋଶୀ ରାଜ୍ୟ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଆଡ଼କୁ ଧୀରେ ଧୀରେ ମାଡ଼ି ଯାଉଛି । ଏହି ସମୟରେ ବହୁତ କିଛି ନିର୍ଭର କରେ ସାଧାରଣ ଲୋକଙ୍କର ଏବଂ ମିଡିଆ ସହିତ ଜଡ଼ିତ କର୍ମଚାରୀ ମାନଙ୍କ ଉପରେ । ସମସ୍ତ ଏବେ ଉଦ୍‌ଗ୍ରୀବ ହୋଇ ରହିଛନ୍ତି ଆମ ଦେଶ କେତେ ଦୂର ସଫଳ ହେଲା ପାକିସ୍ତାନ ଉପରେ ବଦ୍‌ଲା ନେବାରେ ? ସବୁ କିଛି ଫ୍ରାନ୍ସ ଏବଂ ଚେନାଇ ଏବଂ ସୋସିଆଲ ମିଡିଆ ଉପରେ ନିର୍ଭର କରେ ଏବଂ ସାରା ଦେଶବାସୀ ଏମାନଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ । ସରକାର ଏମାନଙ୍କୁ ମଧ୍ୟ ସତର୍କ ବାଣୀ ଶୁଣାଇ ସାରିଛନ୍ତି ଏବଂ ଯେଉଁମାନେ ଏହାକୁ ଉଲଂଘନ କରୁଛନ୍ତି ସେମାନଙ୍କୁ ଦଣ୍ଡ ମିଳି ସାରିଲାଣି । ଏହି ଘଟଣା କ୍ରମେ ରାଜସ୍ଥାନର ବାସିନ୍ଦା ଆସିଫଖାନ୍ ଏବଂ ଚେନ୍ନାଇର ଏକ ଘରୋଇ ବିଶ୍ୱବିଦ୍ୟାଳୟର ଲୋରା ନାମ୍ନୀ ଜଣେ ସହକାରୀ ପ୍ରଫେସରକୁ ସରକାରଙ୍କ ତରଫରୁ ଗିରଫ ଏବଂ ନିଲମ୍ବିତ ଯଥାକ୍ରମେ କରା ହୋଇ ସାରିଲାଣି । ଏହି ଘଟଣା ଯଥେଷ୍ଟ ପ୍ରମାଣ କରୁଛି ସରକାର ପ୍ରଚୁର ସଜାଗ ଅଛନ୍ତି ଏବଂ ଯେକୌଣସି ବ୍ୟକ୍ତି ବିଶେଷ ପାଇଁ ସେ ଯେତେ ବଡ଼ ହେଉ ନା କାହିଁକି ଲାଗୁ ହୋଇପାରେ । ଆମେ ଚିନ୍ତା କରିବା କଥା ଯେଉଁ ୨୬ଜଣଙ୍କୁ ସେମାନଙ୍କ ସ୍ତ୍ରୀ ଏବଂ ପିଲା ମାନଙ୍କ ସମ୍ମୁଖରେ ଗୁଳିକରି ଉଡ଼ାଇ ଦିଆଗଲା ଯେଉଁ ସ୍ତ୍ରୀ ମାନଙ୍କ ମୁଣ୍ଡରୁ ଚିରଦିନ ପାଇଁ ସିନ୍ଦୂର ପୋଛି ହୋଇଗଲା ଏବଂ ଯେଉଁ ପିଲାମାନେ ଏତେ ଛୋଟ ବୟସରୁ ବାପ ଛେଉଣ୍ଡ ହେଲେ ତାଙ୍କର ଅବସ୍ଥା କଣ ହୋଇଥିବ ଏବଂ ପିଲାମାନଙ୍କର ଭବିଷ୍ୟତ କଣ ହେବ ? ପ୍ରିୟଦର୍ଶିନୀ ମେଡମଙ୍କୁ ତାଙ୍କର ସ୍ୱାମୀଙ୍କୁ କେହି ଫେରେଇ ପାରିବେ ? ବାଲେଶ୍ୱର ବାସିନ୍ଦା ପ୍ରିୟଦର୍ଶିନୀ ମେଡାମ କେବେ ଭାବିଥିଲେ ଶ୍ରୀନଗର ବୁଲିଯିବା ବେଳେ ଏତେବଡ଼ ଅଘଟଣ ଘଟିବ ? ଆମ୍ଭେମାନେ ତାଙ୍କର ଦୁଃଖ, କଷ୍ଟରେ ହୁଏତ ଭାଗିଦାର ହୋଇପାରିବା କିନ୍ତୁ ତାଙ୍କର ପୁଅଙ୍କୁ ତାଙ୍କର ବାପାଙ୍କୁ ଫେରେଇ ଆଣି ପାରିବା ? ମୁଁ ତାଙ୍କର ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କିବାଦୀଙ୍କ ମୃତ୍ୟୁରେ ଦେବା ଯେବେ ଖୁସି ହୋଇ ନଥିବ ପ୍ରିୟଦର୍ଶିନୀ ଏବଂ ତାଙ୍କ ସହିତ ଆହୁରି ୨୫ଜଣ ମେଡାମ ବେଶି ଖୁସି ଯାହିର କରି ଥିବେ।

ଆମ ଦେଶରେ ଆର୍ମି ତାଲିମ୍‌ରେ କିଛି କମ୍ ନାହିଁ। ବଞ୍ଚିବାକୁ ଗଲେ ଖୁବ୍ କମରେ ତିନୋଟି ଜିନିଷର ଆବଶ୍ୟକ ପଡ଼ିଥାଏ– ଏବଂ ସେଗୁଡ଼ିକ ହେଲା ଖାଦ୍ୟ ପଦାର୍ଥ ଯାହାକି କୃଷିମନ୍ତ୍ରୀ କହି ସାରିଛନ୍ତି ଯେ ଦେଶରେ ପର୍ଯ୍ୟାପ୍ତ ପରିମାଣରେ ଖାଦ୍ୟ ପଦାର୍ଥ ମଜବୁତ ରହିଛି ଏବଂ ଖାଦ୍ୟର ସଂକଟ ହେବନାହିଁ । ଏହା ପରେ ଔଷଧ ମଧ୍ୟ ଅଭାବ ହେବ ନାହିଁ ଏହା ସହିତ ରକ୍ତ, ଅମ୍ଳଜାନକୁ ମହଜୁଦ୍ ରଖିବା ପାଇଁସରକାର ନିର୍ଦ୍ଦେଶ ଦେଇ ସାରିଛନ୍ତି । ଶେଷରେ ତେଲର ମଧ୍ୟ ସଂକଟ ହେବ ନାହିଁ ବୋଲି ସରକାରଙ୍କ ତରଫରୁ କୁହା ହୋଇଛି। ଏବେ ଆସିବା ଆମେ ସମସ୍ତେ ସାରା ଦେଶ ଏକତ୍ରିତ ହୋଇ ସରକାର ଏବଂ ଆମର ସୈନିକ ଭାଇ ଭଉଣୀମାନଙ୍କ ପଛରେ ଏକାଠି ଛିଡ଼ା ହୋଇ ଶତ୍ରୁ ସହିତ ଲଢ଼ିବା ବିଜୟ ହେବା ଏବଂ ସିନ୍ଦୁର ପୋଛି ଯାଇଥିବା ୨୬ଜଣଙ୍କ ପଛରେ ମଧ୍ୟ ଛିଡ଼ା ହୋଇ ଜଣାଇଦେବା ଯେ ସେମାନଙ୍କ ପଛରେ ସାରା ଦେଶ ଛିଡ଼ା ହୋଇଛି ଏବଂ ସରକାର ସେଇଥିପାଇଁ ଏହାର ନାଁ ଦେଇଛନ୍ତି ଅପରେସନ୍ ସିନ୍ଦୂର । ଜୟହିନ୍ଦ୍ ।

# ଅନ୍ତଃକରଣର ଶୁଦ୍ଧତା ଓ ଭଗବାନ ପ୍ରାପ୍ତି

### ଡକ୍ଟର ଅମୂଲ୍ୟ କୁମାର ପଣ୍ଡା



ଏ ମୋହ ମାୟା ସଂସାରରେ ସମସ୍ତିଙ୍କ ପାଇଁ ଭଗବତ ଗୀତା ହେଉଛି ପ୍ରେରଣାର ଉତ୍ସ। ସଙ୍କଟଜନକ ପରିସ୍ଥିତି ଦେଇ ଲୋକମାନଙ୍କୁ ନିୟନ୍ତ୍ରଣ କରି ସଫଳତାର ପଥରେ ଆଗେଇ ଯିବା ପାଇଁ ଏଥିରେ ରହିଛି ଯଥେଷ୍ଟ ଶିକ୍ଷଣୀୟ ଉପଦେଶ। ଗୀତାରୁ ସେମିତି କିଛି ଉପଦେଶ ଯାହାକୁ ସମସ୍ତ ଉଦ୍ୟୋଗୀ ନିଶ୍ଚୟ ଜାଣିବା ଉଚିତ। ଏହି ଭଗବତ ଗୀତାରେ ଜୀବନରେ ସଫଳତା ହାସଲ କରିବାକୁ ହେଲେ କୁହାଯାଇଛି ଯେ ଫଳପ୍ରାପ୍ତିରୁ ଦୂରେଇ ରହି ନିଜର କର୍ତ୍ତବ୍ୟ କରି ଚାଲିଲେ ଶେଷ ଫଳ ପ୍ରାପ୍ତି ଅଜାଣତରେ ହୋଇଥାଏ। ନିଜ କ୍ରୋଧ ଉପରେ ନିୟନ୍ତ୍ରଣ ନିୟନ୍ତ୍ରଣ କରିପାରିଲେ ଆପଣାଛାଏଁ ବହୁ ସମସ୍ୟାର ସମାଧାନ ହୋଇ ପାରିବ। କ୍ରୋଧରୁ ଆସେ ଭ୍ରାନ୍ତି; ଭ୍ରାନ୍ତିରୁ ମତିଭ୍ରମ; ମତିଭ୍ରମରୁ କାରଣ ନଷ୍ଟ; କାରଣ ନଷ୍ଟରୁ ଜୀବନାଶ। ବିନା ମୋହରେ ଦକ୍ଷତାର ସହ ସବୁ ସମୟରେ ନିଜର କର୍ତ୍ତବ୍ୟ ପାଳନ ପୂର୍ବକ ମୋହ ତ୍ୟାଗ ପୂର୍ବକ କାମ କଲେ ମୋକ୍ଷ ପ୍ରାପ୍ତି ହୋଇଥାଏ । ଏ ମାୟିକ ସଂସାରରେ ମୋହ ମାୟା ଭେଦଭାବକୁ ହୃଦୟଙ୍ଗମ କରି ଏସବୁ କରିପାରିଲେ ସେହି ପରମ ଦୟାବାନ ପରମବ୍ରହ୍ମ ପରମ ପୁରୁଷକୁ ଆମେ ମାନେ ଉପଲବ୍ଧି କରିପାରିବା ତଥା ତାଙ୍କୁ ପ୍ରାପ୍ତ କରିପାରିବା ତଥା ସେ ଶୀଘ୍ର ଆମକୁ ମିଳିଯିବେ ।

ତେବେ ଆମ ମାନଙ୍କ ମନରେ ଏକ ପ୍ରଶ୍ନ ଉଠେ ଯେ ଭଗବାନ୍ ଯଦି ଏତେ ଦୟାବାନ ତେବେ ଆମେ ଏତେ ଆକୁଳ ନିବେଦନ କଲେ ମଧ୍ୟ ଆମକୁ ସିଏ ଶୀଘ୍ର ମିଳନ୍ତି ନାହିଁ କାହିଁକି ? ତେବେ ଏଠାରେ ଏତିକି କୁହାଯାଇପାରେ ଯେ ବିଶ୍ୱାସ ରଖିବା ଉଚିତ୍ ଯେ ଯାହାକିଛି ବିଳମ୍ୱ ଭଗବତ୍ ମିଳନରେ ହେଉଛି, ସେସବୁ ଆମ ମାନଙ୍କ କଲ୍ୟାଣ ନିମନ୍ତେ ହୋଇଥାଏ ଆଉ ଏଥିରେ କୌଣସି ସନ୍ଦେହ ନାହିଁ । ବିଳମ୍ବ ଦ୍ୱାରା ଆମ ଭିତରେ ବ୍ୟାକୁଳତା ଭାବ ବୃଦ୍ଧି ପାଇଥାଏ । ଭଗବାନଙ୍କର ଦୟା ପ୍ରତି ମନୁଷ୍ୟ ତ ଅନୁମାନ କରିପାରିବ ନାହିଁ । ତାଙ୍କ ଦୟାର ଅନୁଭବ କରିବାରେ ଯେଉଁ ଆନନ୍ଦ, ତାହା ଖୁବ୍ ତୃପ୍ତିମୟୀ । ଅନ୍ତଃକରଣରେ ଯଦି ପ୍ରସନ୍ନତା ବୋଧ ହେଉନାହିଁ, କେବଳ କଳ୍ପନା କରି ନେବା ଉଚିତ୍ କି ଅନ୍ତଃକରଣ ପ୍ରସନ୍ନତାରେ ଭରି ହୋଇରହିଛି, ତେବେ ସେହି ସଂକଳ୍ପ ସତ୍ୟ ହୋଇଉଠିବ । ଭଗବାନଙ୍କର ଦୟାରେ ସେହି ସଂକଳ୍ପ ସତ୍ୟ ହୋଇଯାଏ, ଏଥିରେ କୌଣସି ସନ୍ଦେହ ନାହିଁ । ଯାହାର ମନ ଭଲ ଭାବରେ ଶାନ୍ତ, ଯିଏ ପ୍ରପଞ୍ଚରୁ ରହିତ, ଯିଏ ସତ୍ୟନିଷ୍ଠ ସେ ନିଶ୍ଚିତ ଏକ ଯୋଗୀ ପଦବାଚ୍ୟ ଆଉ ସେ ପରମବ୍ରହ୍ମ ପ୍ରାପ୍ତ ହୋଇ ଅତ୍ୟୁତ୍ତମ ଆନନ୍ଦ ପ୍ରାପ୍ତି ପାଇଥାଏ। ନିଷ୍ପାପ ଯୋଗୀ ଏହିଭଳି ନିରନ୍ତର ଆତ୍ମାକୁ ପରମାତ୍ମାରେ ଲଗାଇରଖି ସୁଖ ପୂର୍ବକ ପରବ୍ରହ୍ମ ପରମାତ୍ମାପ୍ରାପ୍ତି ରୂପକ ଅନନ୍ତ ଆନନ୍ଦ ଉପଲବ୍ଧି କରି ପାରନ୍ତି ।

ସାଧନରେ ସୁଖ ଓ ପରିଣାମରେ ପରମସୁଖ ପ୍ରାପ୍ତିରେ ଶଙ୍କାର ସ୍ଥାନ ନାହିଁ। ତେଣୁ ପ୍ରତ୍ୟକ୍ଷ ସାଧନ କରିବା ଉଚିତ୍ ଆଉ ତାର ସତ୍ୟତାର ପରୀକ୍ଷା ନେବା ବି ଉଚିତ୍ । ଯେତେବେଳେ ସେହି ଆନନ୍ଦରେ ରସ ପ୍ରାପ୍ତି ହେବ, ସେତେବେଳ ଆଉ ଅନ୍ୟ କୌଣସି ସାଧନର ଆବଶ୍ୟକତା ପଡିବ ନାହିଁ । ପ୍ରସନ୍ନତାରେ ଏତେ ମୁଗ୍ଧ ହୋଇଯିବା ଦରକାର କି ଅନ୍ୟ କୌଣସି ଚିନ୍ତା ରହିବ ହିଁ ନାହିଁ । ଭଗବାନଙ୍କର ଶରଣ ନେବା ପରେ ଚିନ୍ତାର ଆଉ କୌଣସି କାରଣ ନାହିଁ ତଥା ଚିନ୍ତା ତାଠାରୁ ଯୋଜନ କୋଷ ଦୂରରେ ହିଁ ରହିବ । ଭଗବାନ ପ୍ରାପ୍ତିରେ ଜୀବନଟା ଆନନ୍ଦ ହିଁ ଆନନ୍ଦ ଆଉ ସେଠାରେ ଜୀଇଁବା-ମରିବାର ଖାତିର ନାହିଁ । ସେଠାରେ କୌଣସି ସାଂସାରିକ ଇଚ୍ଛାର ଅଭାବ ରହିଥାଏ । ଯେତେବେଳେ ଆନନ୍ଦରେ ମନୁଷ୍ୟର ଏଭଳି ଅବସ୍ଥା ହୋଇଥାଏ, ସେତେବେଳେ ଭଗବାନ୍ ସ୍ୱୟଂ ତାକୁ ସମ୍ଭାଳିଥାନ୍ତି । ତାହାର ଆଧାର କ'ଣ ? କେବଳ ପ୍ରଭୁ ପ୍ରେମ ଓ ପ୍ରଭୁଙ୍କର ଦୟା । ତାଠାରୁ ବଳି ଆଉ ଆଧାର କ'ଣ ହୋଇପାରେ ! ଗୋଟିଏ ଶିଶୁର ଆଧାର କ'ଣ ? କେବଳ ମାତା ଦୁଗ୍ଧ ପାନ ନିମିତ୍ତ ଶିଶୁ କ୍ରନ୍ଦନ କରିଥାଏ ଆଉ ମାତା ତାକୁ ଦୁଗ୍ଧପାନ କରାଇଥାଏ । ଏମିତି ମାତା କେବେ ସେଥିରେ ବିଳମ୍ବ କରିପାରେ, କିନ୍ତୁ ଭଗବାନ୍ ଏଭଳି ବିଳମ୍ବ କେବେ କରିପାରିବେ ନାହିଁ। ? ଆଉ ଯଦି କରନ୍ତି, ତେବେ ଏହା ବୁଝିବାକୁ ହେବ କି ସେଥିରେ ନିଜର ଅଧିକା କଲ୍ୟାଣ ରହିଛି ।

ଭଗବାନ୍ ସର୍ବଜ୍ଞ ଅଟନ୍ତି । ନିଜର ମଙ୍ଗଳ କେଉଁଥିରେ, ତାହା ସେ ଭଲ ଭାବରେ ଜାଣନ୍ତି । ଅତଏବ ତାଙ୍କ ଉପରେ ଦୃଢ ଅତୁଟ ବିଶ୍ୱାସ ରଖି କୌଣସି ପ୍ରକାର ଚିନ୍ତା କରିବ ନାହିଁ । ଯେଉଁଭଳି ଜଣେ ଚକ୍ଷୁ ବିହୀନ ବ୍ୟକ୍ତି ମଧୁ ଖାଇ ଆନନ୍ଦରେ ମଗ୍ନ ହୋଇଯାଏ, ସେହିଭଳି ଭଗବାନଙ୍କର ଦୟା ଉପରେ ବିଚାରକରି ସେଥିରେ ନିମଗ୍ନ ହୋଇଯିବା ଦରକାର, ଅନ୍ୟ କୌଣସି କଥାର ବିଚାର କରିବା ଉଚିତ ନୁହେଁ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)




### ଜାଗରଣୀ
### ରଞ୍ଜନ କୁମାର ବ୍ରହ୍ମା

ମୋ ଦେଶର ପାଚେରୀ ସେପାଖୁ
ଆସିଅଛି ଯେତେ ଝଡ଼ ।
ସେ ଉତ୍ସବ ଆମେ ତା'ର ସାକ୍ଷୀ
ସତର୍କ ଆମର ବଳ ।।

ଆମ ଦମ୍ଭ ପୂର୍ଣ୍ଣ ସମର୍ଥନ
ସେବକ ପ୍ରାଣର ହିଆ ।
ସେ ଏକା ନୁହଁ ଆମେ ତା' ସାଥେ
ରହିଛୁ ରହିବୁ ସାହା ।।

ଜାଗରେ ଜାଗ ଜାଗ ସନ୍ତାନ
ଦେଶ ରହିଅଛି ଚାହିଁ ।
ଶିର ରହିଲେ ଶିରପା ବାନ୍ଧିବା
ଆଉ ଡେରି କାହିଁ ପାଇଁ ?

ଯାହା ସବୁ ଆଜି ଆମ ପାଖେ
ରହିଛି ସାଇତା ହୋଇ ।
ଏଇଠୁ ନେଇଛେ ଏଇଠେ କିଆଁ
ନ ଦେବା ତାକୁ ଲଗାଇ ?

ଗଲାବେଳେ କେ ସାଥିରେ ନେଇଛି
ଆମେ କି ପାରିବା ନେଇ ?
ଶାନ୍ତି ଯଜ୍ଞରେ ଆମ ଦାନ ଲାଗୁ
ସଦା ହସୁ ଆମ ଭୂଇଁ ।।

+ ଚିକିଟୀ ଗଡ଼, ଗଞ୍ଜାମ
ମୋ : ୮୨୪୯୪୮୬୪୫୫

### ସିନ୍ଦୂର ସାଜିଛି ବିଜୟ ଟୀକା....
### ରାମଚନ୍ଦ୍ର ବେହେରା



ପହଲଗାମରେ ଅମଣିଷ ସାଜି
କରିଥିଲ ଘୃଣ୍ୟ କର୍ମ
ବନ୍ଧୁକ ମୁନରେ ଜୀବନକୁ ନେଲ
ପଚାରି ପଚାରି ଧର୍ମ
ଏବେ ଦେବ ତା'ଉତ୍ତର
ସିନ୍ଦୂର ପୋଛିବା ଅପକର୍ମ ପାଇଁ
ହୋଇଯିବ ଛାରଖାର।
କିଏ ହରାଇଲା ଜୀବନ ସାଥିକୁ
କାହା ପୁଅ ଗଲା ଚାଲି
ଆକୁଳ ପ୍ରାର୍ଥନା ନଶୁଣିଲ ତୁମେ
ରକ୍ତରେ ଖେଳିଲ ହୋଲି
ସମୟ ଯାଇଛି ବହି
ସ୍ୱର୍ଗ ମର୍ତ୍ତ୍ୟ ଅବା ପାତାଳରେ ତୁମେ
ପାରିବକି ଆଉ ରହି।
ପ୍ରତିଶୋଧ ବହ୍ନି ପ୍ରଜ୍ୱଳିତ ଆଜି
ଭୋଗିବ କର୍ମର ଦଶା
ପବିତ୍ର ସିନ୍ଦୂର ଅପରେଶନରେ
ବୁଡିଯିବ ତୁମ ହଂସା
ନମିଳିବ ପେୟ ଜଳ
ଧ୍ୱଂସ ହେବ ତୁମ ଆତଂକ ରାଇଜ
ଦେଖିବ ରକ୍ତର ଖେଳ।
ସିନ୍ଦୂର ସାଜିଛି ବିଜୟର ଟୀକା
ଯବାନଂକ ହୃଦୟରେ
ଏସ୍ ଚାରିଶହ ସୁଦର୍ଶନ ସାଜି
ଦେଶ ପ୍ରତିରକ୍ଷା କରେ
କରିଛୁ ଜୀବନେ ପଣ
ବିଧ୍ୱସ୍ତ କରିବୁ ଆତଂକି ଦେଶକୁ
ଯାଉ ପଛେ ନିଜ ପ୍ରାଣ।
ଧର୍ମର ବିଜୟ ହୋଇଥାଏ ସଦା
ଗୀତା ଭାଗବତ କୁହେ
ତିନି ସେନାଂକର ସମୁହ ପ୍ରୟାସ
ବିଜୟର ବାର୍ତ୍ତା ଦିଏ
ନରହିବ ତୁମ ମାନ
ବିଶ୍ୱ ଦରବାରେ ତୁମରି ଆତଂକ
ନିଶ୍ଚେ ହୋଇଯିବ ଲୀନ।

+ ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ତାଜମହଲ

ପ୍ରଣତି ଆଚାର୍ଯ୍ୟ ମିଶ୍ର



ମନୋଜ ବାବୁ କାନ୍ଥରେ ଟଙ୍ଗା ହୋଇଥିବା ଫଟୋକୁ ରୁମ୍‌ରେ ଏକୁଟିଆ ବସି ନିରିଖି ଦେଖିବା ସମୟରେ ତାଙ୍କର ମନେ ପଡେ ଥରେ ମୀରା ବହୁ ଆଗ୍ରହରେ କହିଥିଲେ, 'ହେ ଶୁଣୁଚ, ଚାଲୁନ ଆମେ ଟିକେ ତାଜମହଲ ଦେଖିବାକୁ ଯିବା । ମୁଁ ଏପର୍ଯ୍ୟନ୍ତ ତୁମ ସହିତ ବାହାରକୁ ଯାଇନି । ମନୋଜ ବାବୁ ହସି କହିଲେ, 'ମୁଁ ଦିନେ ଦୁଇ ଦିନ ମଧରେ ତୁମର ଏହି ଇଚ୍ଛା ପୂରଣ କରିବି । ଏହା ଶୁଣି ମୀରା ବହୁତ ଖୁସି ହୋଇଥିଲେ। ତାଙ୍କର ଖୁସି ସ୍ପଷ୍ଟ ବାରି ହେଉଥିଲା । ପରଦିନ ସଂଧ୍ୟାରେ ସେ ଏକ ବଡ଼ ପ୍ୟାକେଟ ଘରକୁ ଆଣିଲେ। ତାକୁ ଦେଖି ମୀରା ବହୁତ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, 'ଏଇଟା କ'ଣ ?' 'ନିଅ ନିଜେ ପ୍ୟାକେଟ ଖୋଲି ଦେଖ। ଉତ୍ସାହର ସହ ମୀରା କାଗଜକୁ ଖୋଲି ଦେଖିଲେ , 'ଏକ ତାଜମହଲର ଚିତ୍ର । 'ତୁମେ କହିଲ ପରା ତାଜମହଲ ଦେଖିନାହିଁ । ଏବେ ଏହି ଫଟୋକୁ କାନ୍ଥରେ ଟାଙ୍ଗି ଦିଅ ଏବଂ ଯେତେବେଳେ ମନ ସେତେବେଳେ ଦେଖ । ଆଉ ମତେ କେବେ କହିବନି ତୁମକୁ ତାଜମହଲ ଦେଖାଇ ନଥିଲି । ଏହା କହି ମନୋଜ ବାବୁ ହସିଲେ । ସେତେବେଳେ ମୀରା ବହୁତ ରାଗିଗଲେ। 'ମୁଁ ତୁମକୁ କଣ ତାଜମହଲ କିଣିବାକୁ କହିଥିଲି ?' ଆମେ କୁଆଡେ ବୁଲି ଯାଇନେ, ବେଳେବେଳେ ମୋର ବି ଇଚ୍ଛା ହୁଏ ଟିକେ ବୁଲି ଆସିବାକୁ।

'ତୁମେ କାହିଁକି ରାଗୁଛ ! ମୀରା, ଦେଖୁଛତ, ଆଜିକାଲି ଅଫିସରେ କେତେ କାମ ଅଛି.. ସମୟ କେଉଁଠୁ ପାଇବି ? ପିଲାଙ୍କ ପାଠପଢ଼ା ଖର୍ଚ୍ଚ ବଢିବାରେ ଲାଗିଛି, ତେଣୁ ହାତକୁ ଟିକିଏ ଟାଇଟ୍ କରିବାକୁ ପଡିବ । ନହେଲେ ପରେ ହଇରାଣ ହେବା। ଆଉ କିଛି ଦିନର କଥା। ଖାଲି ଦିପକକୁ ଚାକିରି ମିଳିଯାଉ, ଦେଖିବ ତୁମପୁଅ ତୁମର ସବୁ ଇଚ୍ଛା ପୂରଣ କରିବ।'ମୀରା କହିଲେ, 'ଏହା ଶୁଣି ଶୁଣି କୋଡ଼ିଏ ବର୍ଷ ବିତିଗଲାଣି । ସ୍ୱାମୀ ତ ସବୁ ଇଚ୍ଛା ପୂରଣ କରିଦେଲେ । ଏବେ ପୁଅ ଖାଲି ବାକି ରହିଛି। ଷାଠିଏ ମହଣ ଘିଅ ହେବ, ନା ରାଧା ନାଚିବ.....।

ଆରେ, ଏକୁଟିଆ ବସି କଣ ହସୁଛ ? ମୀରା ରୋଷେଇ ଘରୁ ଆସି ମନୋଜ ବାବୁଙ୍କ କାନ୍ଧରେ ହାତ ରଖି କହିଲେ । ନାଇ, 'ମୁଁ ଏମିତି ମନେ ପକାଉଥିଲି। କେତେ ଶୀତ ଲାଗୁଛି 'ତୁମେ କାହିଁକି ସ୍ୱେଟର ପିନ୍ଧୁନ ?' ତୁମେ ଜାଣ କେତେ ଶୀଘ୍ର ତୁମକୁ ଥଣ୍ଡା ହୁଏ । ଏତିକି କହି ସେ ଆଲମାରୀରୁ ତାଙ୍କ ପାଇଁ ଏକ ସ୍ୱେଟର ବାହାର କରିବା ଆରମ୍ଭ କଲେ । ପ୍ରତ୍ୟେକ ସ୍ୱେଟର ଅନେକ ବର୍ଷ ପୁରୁଣା । ପ୍ରତିବର୍ଷ ସେ ନୂଆଁ କିଣିବା କଥା କହିଲେ ଏଡ଼ାଇ ଯାଆନ୍ତି ମନୋଜ ବାବୁ , 'ଏବେ ଅଛି, ଖର୍ଚ୍ଚର ଆବଶ୍ୟକତା କ'ଣ ? ମୋର ନୁହେଁ ପିଲାମାନଙ୍କ ପାଇଁ ଦରକାର ।'ସେହି ପିଲାମାନେ....... ମୀରା ଦୀର୍ଘ ନିଃଶ୍ୱାସ ପକାଇଲେ।

ରୋଷେଇ ଘରେ ଚା' ତିଆରି କରୁଥିବା ସମୟରେ ମୀରା ପୁରୁଣା ସ୍ମୃତିରେ ବୁଡ଼ି ଯାଇଥିଲେ। ଦିପକ ଡାକ୍ତର ହେବା ପରେ ସେ କେତେ ଖୁସି ଥିଲେ। ଝିଅ ମଧ କଲେଜରେ ଅଧ୍ୟାପିକା ହୋଇଗଲା । ଝିଅ ତା ସହ କଲେଜରେ କାର୍ଯ୍ୟରତ ଜଣେ ପ୍ରଫେସରଙ୍କୁ ବିବାହ କରିବାକୁ ଇଚ୍ଛା କଲା, ତା ଇଚ୍ଛାକୁ ସମ୍ମାନ ଜଣାଇ ଧୁମଧାମରେ ବିବାହ କରାଇଥିଲେ । ଦିପକ ମଧ ନିଜ ପସନ୍ଦ ଜଣେ ଝିଅକୁ ବିବାହ କରିଥିଲା। ବୋହୂ ଏକ କମ୍ପାନୀରେ ମ୍ୟାନେଜର। ସବୁକିଛି ବହୁତ ଭଲ ଚାଲିଥିଲା ।

ଦିନେ ଦିପକ କହିଲା, 'ବାପା ସୀମାଙ୍କୁ ଆମେରିକୀୟ କମ୍ପାନିରେ ବହୁତ ଭଲ ଅଫର ମିଳିଛି, କିନ୍ତୁ ପୁଅ , ସୀମା ଏଠାରେ ତ ଭଲ ରୋଜଗାର କରୁଛି, ନୁହେଁ କି ?' 'ଠିକ୍ ଅଛି ଯେ, ଆପଣ ଜାଣନ୍ତି ଆମେରିକାରେ ଚାକିରି ପାଇଁ ଲୋକମାନେ କେତେ ସ୍ୱପ୍ନ ଦେଖନ୍ତି, ସୀମାଙ୍କ ହାତରେ ଅଫର ଅଛି । ବୋହୂ ଏକୁଟିଆ ସେଠାରେ କେମିତି ରହିବ ? 'ନା ବାପା, ମୁଁ ମଧ୍ୟ ତାଙ୍କ ସହିତ ଯିବି। ମୁଁ ତାଙ୍କୁ ଏକୁଟିଆ କେମିତି ଛାଡିପାରିବି ? 'ତାହେଲେ ଆମେ !' ମନୋଜ ବାବୁଙ୍କ ଚିନ୍ତିତ ପ୍ରଶ୍ନ ?

ବାପା, ମୁଁ ତୁମ ଦୁହିଁଙ୍କୁ ବି ନେଇଯିବି । କିନ୍ତୁ ଥରେ ସେଠାରେ ସେଟଲ୍ ହୋଇଗଲେ, ସେତେ ପର୍ଯ୍ୟନ୍ତ ତୁମେ ଓଡିଶାରେ ଥାଅ। ଦିଦି ତୁମକୁ ଦେଖା କରିବାକୁ ଆସୁଥିବ। ସୀମାଙ୍କ ସହ ମୋତେ ଯିବାକୁ ହେବ, ଆମେରିକାରେ ସେ ନୂଆକରି କିପରି ରହିବେ , ଆପଣ ବୁଝୁଛନ୍ତି ତ ? '

'ହଁ, ପୁଅ ବୁଝିଲି, କିନ୍ତୁ ଟିକେ ବିଳମ୍ବ ହେଲା । ଆଖିରେ ଲୁହ ଲୁଚାଇ କହିଲେ ମନୋଜ ବାବୁ ।

ସେମାନେ ଯିବା ପରେ ଝିଅ କେତେ ଜିଦ୍ ଧରିଥିଲା ସେମାନଙ୍କୁ ସାଙ୍ଗରେ ନେଇ ଯିବାକୁ । କିନ୍ତୁ ଦୁହେଁ ମନା କରିଦେଲେ, କହିଲେ, ପୁଅ ବୋହୂ ଯାଆନ୍ତୁ। ଆମେ ଅଛୁ, ତୁମେମାନେ ଆସୁଛ ଯାଉଛ, ଏହା ଆମ ପାଇଁ ଯଥେଷ୍ଟ ।

ବାସ୍ତବରେ ଦିପକ ଯିବା ପରେ ଘରେ ଏକାନ୍ତ ଘେରି ରହିଥିଲା। ମନୋଜ ଓ ମୀରା ଦୁହେଁ ପରସ୍ପରକୁ ବହୁତ ସାନ୍ତ୍ୱନା ଦେଉଥିଲେ, କିନ୍ତୁ ସେମାନେ ବିଶ୍ୱାସ କରିନଥିଲେ ଯେ ସେମାନଙ୍କ ପୁଅ ସେମାନଙ୍କୁ ଏକୁଟିଆ ଛାଡିପାରେ । ଦୁହେଁ ପରସ୍ପର ଆଗରେ ଖୁସି ରହିବାକୁ ଚେଷ୍ଟା କରନ୍ତି କିନ୍ତୁ ଲୁହକୁ ଆସିବାରୁ ରୋକି ପାରନ୍ତି ନାହିଁ ।

'ମୀରା ଶୁଣୁଛ, ରୋଷେଇ ଘରେ କଣ କରୁଛ ଚା' ତିଆରି କରୁଛ ନା ରାଜଭୋଗ ? ଏହା ଶୁଣି ମୀରା ନିଜକୁ ଗ୍ୟାସ ପାଖେ ପାଇଲେ। । ମୀରା ଦୁଇ କପ୍ ଚା କପ୍ ଧରି ଆସି କହିଲେ, ଚାଲୁନ, ଆଜି ବଜାରକୁ ଯିବା । କିଛି ଦିନ ହେବ ଗରମରେ ବିରକ୍ତ ଲାଗୁଥିଲା ଆଜି ପାଗ ଟିକେ ଭଲ ଲାଗୁଛି,

ତାଙ୍କୁ ଏକ କପ୍ ଚା' ଧରାଇ କହିଲେ। ମନୋଜ ବାବୁ ଚା' ପି କହିଲେ।

'ହଁ, ହଁ, ଯିବା ।

'ଠିକ୍ ଅଛି, ମୁଁ ଏକ ବ୍ୟାଗ୍ ଆଣୁଛି ।'

'ଆରେ, ତୁମେ ଏମିତି ଯିବ କି ?' ପୋଷାକ ବଦଳାଅ। '

'ବୁଢ଼ାକୁ ଦେଖିବା ପାଇଁ ସେଠାରେ କିଏ ବସିଛି ?' 'ଓହ, ତୁମକୁ କେହି ଦେଖନ୍ତୁ କି ନ ଦେଖନ୍ତୁ, ଆମେ ତୁମକୁ ଦେଖୁଛୁ ହେ ପ୍ରିୟ !' ସେ ହସିଲେ । ଯେମିତି ସେ ଏହି ହସରେ ନିଜର ଏକାନ୍ତକୁ ଜିତିବାକୁ ଚେଷ୍ଟା କରୁଥିଲେ । ଦୀର୍ଘ ଦିନ ପରେ ତାଙ୍କୁ ଖୋଲାଖୋଲି ହସୁଥିବା ଦେଖି ମନୋଜ ବାବୁ ମଧ ତାଙ୍କ ସହ ହସିଥିଲେ ।

ବଜାରରେ ଥିବା ଗରମ ପୋଷାକ ଦୋକାନକୁ ଯାଇ ସେ ତାଙ୍କ ପାଇଁ ଜ୍ୟାକେଟ୍ ସହ କିଛି ସ୍ୱେଟର ବାଛିଥିଲେ। ମନୋଜ ବାବୁ ଏଥର ପଛଘୁଞ୍ଚା ଦେଇନଥିଲେ ଏବଂ ମୀରାଙ୍କ ପସନ୍ଦର ସବୁ ପୋଷାକ କିଣିଥିଲେ । ଏହାପରେ ସେ ଦୋକାନୀଙ୍କୁ କିଛି ଭଲ ଭଲ ଶାଢୀ ବାହାର କରିବାକୁ କହିଥିଲେ। 'କାହା ପାଇଁ ଶାଢୀ !' 'ତୁମ ପାଇଁ ଆଉ କାହା ପାଇଁ ।' ଓହ, ମୋ ପାଖରେ ବହୁତ ଅଛି । 'ଠିକ୍ ଅଛି, ଆଉ ଗୋଟିଏ କିମ୍ବା ଦୁଇଟି ନିଅ। ଆଗକୁ ସାବିତ୍ରୀ ଅମାବାସ୍ୟା ଆସୁଛି, ଏହା ସତ୍ୟବାନଙ୍କ ତରଫରୁ ଉପହାର ଭାବ, ମନୋଜ ବାବୁ ହସି ହସି କହିଲେ । ଏହାପରେ ଏକ ରେଷ୍ଟୁରାଣ୍ଟରେ ରାତ୍ରୀ ଭୋଜନ କରିଥିଲେ। ଦୁହେଁ କିଛି ସମୟ ଆନନ୍ଦଦାୟକ ମନେ କଲେ ।

ଦିନେ ଦୁହେଁ ଘରେ ବସିଥିବା ବେଳେ ଜଣେ ବ୍ୟକ୍ତି ଆସି ଏକ ଲିଫଫା ଦେଇଥିଲେ। 'ଏହା କ'ଣ ?' 'ଏହାକୁ ଖୋଲିକି , ଦେଖ। ମୀରା ଖୋଲି ଦେଖିଲେ, 'ଏକ ଟିକେଟ୍ ଆଗ୍ରାର । ମନୋଜ ବାବୁ ହସି ହସି କହିଲେ, 'ଆମେ ପିଲାମାନଙ୍କର ଯତ୍ନ ନେବାରେ ଏତେ ବର୍ଷ ବିତାଇଛେ । ପିଲାମାନେ ନିଜ ପରିବାର ଧରି ନିଜ ଦୁନିଆରେ ରହିଲେ। ଆମେ କାହିଁକି ଏହି ନିଃସଙ୍ଗତାରୁ ବାହାରି ନୂଆ ଜୀବନ ଆରମ୍ଭ କରିବାନି ? ତୁମେ ମନରେ ଯେଉଁ ଇଚ୍ଛା ଥିଲା, ଏବେ ତାକୁ ପୂରଣ କରିବାକୁ ଭାରି ଇଚ୍ଛା ହେଉଛି ମୀରା....

ଦୁହେଁ ପ୍ୟାକିଂରେ ବ୍ୟସ୍ତ..... ।

+ନୟାଗଡ଼
ମୋ:୯୪୩୭୬୪୨୯୪୭

# ମାଆ ଅଛି ବୋଲି

ମୂଳ ଇଂରାଜୀ - ଆଦିତ୍ୟ ମହାପାତ୍ର
ଅନୁସୃଜନ - ସୁଦର୍ଶନ ମହାପାତ୍ର



ମୁଁ ଏଇମାତ୍ର ଅଫିସରୁ ଫେରିଥିଲି ଆଉ କୋହଲା ପବନ ଯେମିତି ମୋ ଦେହରେ ଜଡେଇ ଯାଇଥିଲା। ଝଡ ଯେମିତି ବାହାରେ ଘନୀଭୂତ ହେବାରେ ଲାଗିଥିଲା, ମୋ ଭିତରେ ବି ସେମିତି ଏକ ଝଡ଼ ବହି ମୋତେ ଆକ୍ତାମାକ୍ତା କରୁଥିଲା।

ମାଆର ଏକ ସାଧାରଣ ପ୍ରଶ୍ନ- 'ଆଜି ଏତେ ଡେରି କାହିଁକି ହେଲା'ର ଉତ୍ତର ନଦେଇ ତା ଉପରେ ମୋ ଭିତରର କ୍ଷୋଭ ଅଜାଡ଼ି ଦେବା କ'ଣ ଉଚିତ୍ ହେଲା ? ସବୁ ଅଫିସରେ ଊଣା ଅଧିକ ଅଫିସର ମାନଙ୍କର ଅନୌଚିତ ବ୍ୟବହାର ସହ୍ୟ କରିବାକୁ ନିଜକୁ ପ୍ରସ୍ତୁତ କରିବାକୁ ହୁଏ ବୋଲି ମୁଁ ଭୁଲି ଯାଇଥିଲି ବୋଧହୁଏ !

ଆମ ଘରର ଝର୍କା ବାହାର ଆକାଶ ଯେମିତି ଧୂସର ରଙ୍ଗର ଚାଦର ଟିଏ ପିନ୍ଧିଥିଲା। ବାଦଲ ଗୁଡିକ ଯେମିତି ସେପର୍ଯ୍ୟନ୍ତ ବହିଯାଇ ପାରିନଥିବା ଲୁହରେ ବତୁରି ଫୁଲି ଉଠିଥିଲା।

ହଠାତ୍ ମୋତେ ଲାଗିଲା ବହୁଥିବା ପବନ ଛନ୍ଦରେ ଥିଲା ଯେମିତି ଶିଶୁକୁ ଶୁଆଇବା ପାଇଁ ଉଦ୍ଦିଷ୍ଟ ଏକ ମଧୁର ସଂଗୀତ। ସାଥିରେ ଆଣିଥିଲା ଏକ ଅପୂର୍ବ ସୁଗନ୍ଧି ଯାହା ଅନୁରଣିତ କରୁଥିଲା ମୋ ସମଗ୍ର ସତ୍ତାକୁ। ସ୍ମୃତିରେ ଆସିଲା ପିଲାଦିନ। ମୋ ଭାବନା ଧୀରେ ଧୀରେ ଯେମିତି ଅତୀତକୁ ପ୍ରବେଶ କରୁଥିଲା ; ଆଉ ମୋତେ ନେଇ ଯାଇଥିଲା ସେଇ ପିଲାଦିନକୁ।

ସେଦିନ ସ୍କୁଲ ଛୁଟି ସମୟକୁ ଖୁବ୍ ବର୍ଷା ହୋଇଥିଲା। ତା ସାଙ୍ଗକୁ ଘଡଘଡି ନାଦ ଆଉ ଘନଘନ ବିଜୁଳିର ଚମକ। ତେଣୁ ସବୁ ପିଲାଙ୍କୁ ସ୍କୁଲ ଭିତରେ ବନ୍ଦୀ କରି ରଖାଗଲା ପ୍ରାୟ ଅଧଘଣ୍ଟାଏ ହେବ। ତାପରେ ଯାଇ ସ୍କୁଲ ବସ୍ ଆଡକୁ ମୁହାଁଇଲେ ପିଲାମାନେ।

ମୋ ଷ୍ଟପେଜ ଆସିଗଲା। ଆଉ କେତେ ପିଲାଙ୍କ ସହିତ ସ୍କୁଲ ବସ୍‌ରୁ ଓହ୍ଲାଇ କାନ୍ଧରୁ ବ୍ୟାଗର ବୋଝ ଖସାଇବାକୁ ସବୁଦିନ ପରି ମୋ ଆଖି ଖୋଜି ବୁଲୁଥିଲେ ତାକୁ। ସେଇ ମୋ ମାଆକୁ, ଯିଏ ରାସ୍ତା କଡରେ ଠିଆ ହୋଇଥାଏ ଚାତକିତ ଆଖିରେ। ଯେପରି ବିଶାଳ ସମୁଦ୍ର ଭିତରେ ବାଟ ବତାଇବାକୁ ଦିଗଦର୍ଶକ ସାଜି ଠିଆ ହୋଇଥାଏ ବତୀଘରଟିଏ। ଏକା ପ୍ରକାର ପୋଷାକ ପିନ୍ଧିଥିବା କେତେ ଗୁଡିଏ ପିଲାଙ୍କ ଭିତରୁ ମୋ ମୁହଁକୁ ଖୋଜି ବୁଲୁଥିବା ଦୁଇଟି ଆଖି ଉପରେ ମୋ ନଜର ପଡିଲା।

ମୋ ଠାରୁ ମୋ ମାଆର ବେଶୀ ଭୟ ଏଇ ବର୍ଷାକୁ। କାରଣ ମୋ ଦେହରେ ପ୍ରାୟତଃ ଅସୁସ୍ଥତା ଜମି ରହେ। କଅଁଳ ପତ୍ର ପରି ମୋ ଦେହକୁ ଭୟାତୁର ଆଖି ନେଇ ମୋ ମାଆ ମୋତେ ଜଗିବାକୁ ଚେଷ୍ଟା କରୁଥିଲା। କାଳେ ମୁଁ ଆହୁରି ରୋଗଗ୍ରସ୍ତ ହୋଇଯିବି... !

ମୋତେ କିନ୍ତୁ ସେଦିନ ଶୁଖିଲା ଅବସ୍ଥାରେ ମାଆ ଦେଖିଲା ତ, ତା'ର ଉଦବିଗ୍ନତାପୂର୍ଣ୍ଣ ଆଖିରେ ଚମକ ସୃଷ୍ଟି ହେଲା। ତା ମୁହଁରେ ଖେଳିଗଲା ଏକ ଆଶ୍ୱସ୍ତିର ହସ । ଯେମିତି ଅଦିନିଆ ବର୍ଷା ଛାଡ଼ିଗଲା ପରେ ବାଦଲ ଉହାଡରୁ ସୂର୍ଯ୍ୟ ଉଙ୍କିମାରେ, ପ୍ରାୟତଃ ସେମିତି ଥିଲା ତା'ର ହସ।

ମୁହୂର୍ତ୍ତକ ମଧରେ ସେ ସଚେତନ ହେଲା। ତତକ୍ଷଣାତ୍ ମୋ ମୁଣ୍ଡ ଉପରେ ଖୋଲି ଧରିଲା ଛତାଟିଏ। ସତେ ଯେମିତି ଗିରି ଗୋବର୍ଦ୍ଧନକୁ ସେ ଟୋକି ଧରିଥିଲା ମୋର ସୁରକ୍ଷାରେ। ତା ପାଦର ଗତି ବଢିଲା। ତା'ର ଲକ୍ଷ୍ୟ ଯେତେ ଶୀଘ୍ର ମୋତେ ନେଇ ଘରେ ପହଞ୍ଚେଇବା। ସଦ୍ୟ ସମାପ୍ତ ବର୍ଷା ଦ୍ୱାରା ଠାଏ ଠାଏ ଜମି ରହିଥିବା କାଦୁଅ ପାଣିକୁ ମୋତେ ସାବଧାନ କରୁଥିଲା। କେଉଁଠି କେଉଁଠି ମୋତେ ତା ହାତରେ ଟେକି ପାଣି କାଦୁଅଠୁ ଦୂରେଇ ନେଇ ବିପଦ ମୁକ୍ତ କରୁଥିଲା।

ମାଆ ମୋତେ ପ୍ରାୟତଃ ଜାବୁଡି ଧରି ରାସ୍ତା ଅତିକ୍ରମ କରୁଥିବା ବେଳେ ମୁଁ କିନ୍ତୁ ମୋର କିଚିରି ମିଚିରି ଶବ୍ଦରେ ମାଆଠୁ ଦୂରେଇ ରହିଥିବା ମୂହୁର୍ତ୍ତ ମାନଙ୍କର ବିବରଣୀ ବ୍ୟାଖ୍ୟା କରିବାରେ ଲାଗିଥିଲି।

ଏମିତି ପ୍ରତ୍ୟେକ ଦିନ ହୁଏ। ମୋ କଥା ସରୁନଥାଏ ଅଥଚ ରାସ୍ତା ସରିଯାଏ। ମୋ କଥା ଭିତରେ ମୁଖ୍ୟତଃ ଥାଏ ସାଙ୍ଗ ମାନଙ୍କ କଥା, ଟିଫିନ୍ ସେଆରିଂ ର କଥା, ଟିଚର୍ସ ମାନଙ୍କ ଦ୍ୱାରା ମୋ ଖାତାରେ କେତେଥର ଭେରି ଗୁଡ୍ କିମ୍ବା ଏକ୍ସଲେଣ୍ଟ ମିଳିବାର କଥା।

ମାଆ ସବୁ ଶୁଣେ। ମୋତେ ଉତ୍ସାହିତ କରେ ଶେଷ ପର୍ଯ୍ୟନ୍ତ। ସେଇ କଥାକୁ ସେଇ କଥାକୁ ସବୁଦିନ ଶୁଣେ। ଥକି ପଡେନା। ସତେ ଯେମିତି ସେ ମୋଠାରୁ ଶୁଣେ କେଉଁ ପବିତ୍ର ଗ୍ରନ୍ଥର କଥାମୃତ..! ମଝିରେ ମଝିରେ ମୁରୁକି ମୁରୁକି ହସେ। ମୋତେ ଲାଗେ ତା ଚେତନାକୁ ବଶୀଭୂତ କରି ରଖିଥାଏ ମୋର ଆଜୁରୁ ବାଜୁରୁ କଥା।

ସ୍ୱର ଶୁଭିଲା।

-' ଆଜି କାହିଁକି ଡେରି ହୋଇଗଲା ରେ ବାବୁ ! କିଛି କାମ ଥିଲା ? କେହି କିଛି କହିଲେ କି ? ଏମିତି ଚୁପଚାପ୍ ବସିଛୁ କାହିଁକି ?' ତଥାପି ମୁଁ ନିରୁତ୍ତର ରହିଲି।

-'କ'ଣ ହୋଇଥାନ୍ତା ? ଟିକିଏ ଆଗରୁ ଯଦି ବର୍ଷା ଆରମ୍ଭ ହୋଇ ଯାଇଥାନ୍ତା... !! ସେଇଥିପାଇଁ ତୋତେ ପଚିରିଲି।' ମାଆ କୈଫତ ଦେବାଭଳି କହିଲା।

ମୁଁ ମୋ ବସିବା ଜାଗାରୁ ଉଠି ପଡିଲି। ଦୁଇ ପାପୁଲିରେ ମାଆର ମୁହଁକୁ ଛୁଇଁଲି ଏବଂ ମୋର ଅହେତୁକ ଆଚରଣ ପାଇଁ 'ଦୁଃଖିତ' ବୋଲି ଭାବ ଦେଖାଇଲି ଯାହା ମୋ ମାଆ ମନକୁ ଭୁଲାଇ ଦେବାକୁ ସକ୍ଷମ ହେବ ବୋଲି ଜାଣିଥିଲି।

ମୋ ଆଙ୍ଗୁଳି ଦ୍ୱାରା ମାଆ ଆଖି ତଳର ଲୋଚାମୋଚା ଭାଙ୍ଗ ସବୁକୁ ସେକ୍ଷଣି ଅନୁଭବ କଲି। ମାଆ ମୁହଁରେ ଚିର ପରିଚିତ ହସ ଫୁଟି ଉଠିଲା। ହେଲେ ମୁଁ ଅନୁଭବ କଲି ମାଆ ମୁହଁରେ ଥିବା ସେଇ ହସ ପିନ୍ଧିଥିଲା ବୟସାଧିକ୍ୟ ର ନିର୍ମୋକ !

ମାଆ ରୋଷେଇ ଘରକୁ ଗଲା ଆଉ ଫେରିଲା ହାତରେ ଅଦା ବାସ୍ନାରେ ମ ? ହକିତ ଚା' କପଟିଏ ଧରି। ଆଜି ହଠାତ୍

ହଠାତ୍ ମୋ ଭାବନାରେ ବ୍ୟାଘାତ ଘଟିଲା। କିଛି କ୍ଷଣ ଆଗରୁ ମୋ କଥାରେ ଆହତ ହୋଇ ନିରବି ଯାଇଥିବା ମାଆର କାହିଁକି କେଜାଣି ମାଆ ହାତର ଦୃଢ଼ତା କ୍ରମେ ଦୁର୍ବଳ ହୋଇ ଯାଇଚି ବୋଲି ମୁଁ ଅନୁଭବ କଲି। ତା ହାତ ସାମାନ୍ୟ ଥରୁଥିଲା ବୋଲି ମୁଁ ନୀରିକ୍ଷଣ କଲି। ଆଗରୁ ଦୁଇ କପ୍ ଦୁଇ ହାତରେ ଧରି ଆସୁଥିବା ମାଆ ଆଜି ଗୋଟିଏ କପ୍ ଧରିଥିଲା।

ମୋ ଗଳାରେ ଯେମିତି କିଛି ଆସି ଅଟକି ଗଲା ! କୋହ କହିଲେ ଚଳିବ।

ମୋତେ ଲାଗିଲା ମାଆର ଉଚ୍ଚତା ଟିକିଏ କମିଯାଇଛି। ସେ ନଇଁ ପଡ଼ିଛି। ମୋ ମୁଣ୍ଡକୁ ହାତ ପାଇଲା ବେଳକୁ ମୋ ମାଆର ମୁଣ୍ଡ ପ୍ରଶ୍ନବାଚୀ ଚିହ୍ନ ପରି ଝୁଙ୍କି ପଡ଼ିଛି।

ମାଆ ତ୍ୟାଗ ତିତିକ୍ଷାର ମୁଁ କ'ଣ ସଠିକ୍ ମୂଲ୍ୟାୟନ କରି ପାରିବି ? ଛାତି ଭିତରେ ମୋର କେମିତି ଗୋଟିଏ ହୋଇ ଯାଉଥିଲା।

-' ଆଜି କେମିତି କଟିଲା ତୋର ଦିନ ?' ହଠାତ୍ ମାଆର ପୁଣି ସେଇ ପ୍ରଶ୍ନରେ ମୁଁ ସମ୍ବିତ ଫେରି ପାଇଲି। ମାଆ ହାତରେ ଏଥର ଥିଲା ତା'ର ଚା' କପ୍।

କେବେ ମୁଁ ସ୍ୱତଃସ୍ଫୂର୍ତ୍ତ ଭାବରେ ମାଆକୁ କହିଛି ତ କେବେ ମାଆ ପଚାରିଛି ତା ଅବର୍ତ୍ତମାନରେ ମୋର କଟିଥିବା ସମୟ କଥା। ଏଇ ଧାରା ଚାଲି ଆସିଛି ସେଇ ସୁଦୂର ଅତୀତରୁ।

ମୁଁ ସ୍କୁଲ ଛାଡିଛି, କଲେଜ ଛାଡିଛି, ବଡ଼ ହୋଇଛି, ବସ୍‌ରୁ ଓହ୍ଲାଇ ଆଉ ଅପେକ୍ଷା କରିଥିବା ମାଆ କୋଳକୁ ଝାମ୍ପି ପଡୁନାହିଁ.. ଅଥଚ ମାଆ ସହିତ ଦିନଯାକର କଥା ନବଖାଣିବା ଯାଏ ମୁଁ ସନ୍ତୃପ୍ତ ହୋଇନାହିଁ, ମାଆ ବି ମୋ ଠୁ ନଶୁଣିବାଯାଏ ଥୟ ଧରି ନାହିଁ।

ବାପା ନଥିଲା ପରିବାରରେ ମାଆ ହିଁ ମୋର ସାହାରା ବନି ରହିଛି ସିନା ! ମାଆ ର ହାତ ଏବେ ଥରୁଥାଇ ପାରେ। ହେଲେ ତା'ର ସ୍ନେହ ସେମିତି ଅବିଚଳିତ ରହିଛି।

ମାଆ ମାନେ ହିଁ ସେମିତି !

ଆଶଙ୍କା ପୂର୍ବକ ଅଦିନିଆ ଝଡ଼ ଆସି ଯାଇଥିଲା। ଆକାଶରୁ ଖସୁଥିଲା ନିଆଁ। ପ୍ରକମ୍ପିତ ହେଉଥିଲା ଧରା। ହେଲେ ଏସବୁ ଶବ୍ଦ ମୋତେ ମାଆର ସେଇ ପିଲାଦିନର ଧୋ ବାୟା ଗୀତ ଭଳି ଶୁଭୁଥିଲା।

କାରଣ ମୋ ପାଖରେ ମାଆ ବସିଥିଲା... !

+କୁଞ୍ଜବିହାରୀ ଲେନ, କଟକ
ମୋ:୯୪୩୮୧୭୫୫୪୨

# ହୃଦୟ ତଳେ

ସୁନନ୍ଦା ମହାନ୍ତି

ଠେଲା ଘର ଭିତରେ ଚାର୍ଟ ଉପକରଣ ରଖି ରାମୁ ଠେଲି ଠେଲି ନେଇଆସେ ଦାସବାବୁଙ୍କ ଦାଣ୍ଡଦୁଆର ଯାଏଁ। ରାମୁ ଜାଣେ ଏ ପଡାରେ ପଡାରେ ଥିବା ତ୍ରିପାଠୀ ବାବୁଙ୍କ ଦାଣ୍ଡ ଦୁଆରେ ଗାଈ ବନ୍ଧା ହୋଇଥିବେ, ମହାନ୍ତି ବାବୁଙ୍କ ମାଆ ଦାଣ୍ଡ ଦୁଆରେ ତୁଳସୀ ବୃକ୍ଷ ମୂଳେ ପାଣି ଦେବା ସହ ପିଢା ଉପରେ ବସି ମାଳି ଗଡେଇ ଗଡେଇ ରାମ ରାମ ଜପୁଥିବେ। ପଟ୍ଟନାୟକ ବାବୁଙ୍କ ନାତି ଟୋକା ନୂଆ ଚାଲି ଶିଖୁଛି ତ ଦାଣ୍ଡଦୁଆରେ ତା ସାଇକେଲ ଅର୍ଥାତ ତିନି ଚକିଆ କାଠ ଶଗଡି ପରିବର୍ତ୍ତେ ଲୁହା ଶଗଡି ଚଲାଉଥିବ ଆଉ ପିଣ୍ଡା ଉପରୁ ଜେଜେ ତାର କହୁଥିବେ ଚାଲି ଚାଲି।। ବନମାଳୀ।।। ଦିଅ ତାଳି। ଆଉ ମିଶ୍ର ବାବୁ ତ ଦାଣ୍ଡ ଦୁଆରେ ଫୁଲକୁଣ୍ଡ ସବୁ ସଜାଡି ପାଣି ଦେଉଥିବେ ଯେ କହିବେ ଆରେ ଚାର୍ଟ ଠେଲା ଗାଡି ଏଠି ରଖିଲେ ସେ ପ୍ରଜାପତି, ଭଅଁର, ମହୁମାଛି ସବୁ ଏ ଫୁଲ ଉପରେ ଗୁଣୁ ଗୁଣୁ ଗୀତ ଗାଇବାକୁ ଆସିବେ ନା ତୋ ଠେଲା ଘର ଭିତରୁ ଆସୁଥିବା ବାସ୍ନା ସବୁକୁ ଆଘ୍ରାଣ କରୁ କରୁ ବାଟ ଭୁଲିଯିବେ ତ ରାମୁ ସିଧା ଦାସବାବୁଙ୍କ ଘର ସାମ୍ନାରେ ଠେଲା ଗାଡିଟାକୁ ରଖିନିଏ। ସନ୍ଧ୍ୟା ହେଲେ ଠେଲା ଗାଡି ଘରର ଦୁଆର ଝରକା ଖୋଲି ଦେଇ ଦୋକାନ ରୂପେ ସଜେଇ ଲାଗିପଡେ ଚାର୍ଟ ପ୍ରସ୍ତୁତରେ। ଗଲା ଆସିଲା ବାଟୋଇମାନେ କିଣି ଖାଆନ୍ତି କିନ୍ତୁ ପିକ, ଖଣ୍ଡିଆ ସିଗେରେଟ, ଛେପ ଖଙ୍କାରରେ ପୋତି ପକାନ୍ତି ଦାସବାବୁଙ୍କ ଦାଣ୍ଡ ଦୁଆର। ଏମିତିକି ତାଙ୍କ ପୁଅର ଚାରିଚକିଆ ଆସିଲେ ଓ ନିଜେ ଦାସବାବୁଙ୍କ ଦୁଇଚକିଆ ବାଇକ ଘର ଭିତରକୁ ଯିବା ପୂର୍ବରୁ ପଙ୍କ ହୁଏ। ରାମୁକୁ କିଛି କହନ୍ତି ନାହିଁ ଦାସବାବୁ ସତ ହେଲେ ରାମୁକୁ ଖରାପ ଲାଗେ।

ଏଇ ଜାଗାଟାରେ ବିକ୍ରିବଟା ଭଲ ହୋଇ ବେପାର ଭଲ ହେବାରୁ ଋଣ କରି କିଣିଥିବା ଠେଲାଘରପାଇଁ ମାସିକ କିସ୍ତି ଯୋଗାଡ଼ କରି ହୁଏ। ତା ସହିତ ଏବର୍ଷ ପୁଅର ମୋବାଇଲ କିଣା ଖର୍ଚ୍ଚ ଓ ଝିଅ ବାହାଘର ପାଇଁ କିଛି କିଛି ସଂଚୟ ମଧ ହୋଇଯାଏ। ଜାଗାଟା ରାମୁକୁ ଲକ୍ଷ୍ମୀ ଅଛନ୍ତି ପରି ପ୍ରତେୟମାନ ହୁଏ ।ସେଦିନ ରାମୁର ଚାର୍ଟ ଠେଲାଗାଡି ଘର ଖୋଲିନଥାଏ। ସପରିବାର ଗାଁକୁ ଯାଇଥାଏ ରାମୁ। କୃଷ୍ଣ ଜନ୍ମ ଗାଁରେ ଧୁମଧାମ ପାଳିତ ହୁଏ। ଏବର୍ଷ ମଧ ଗାଁରେ ଧୁମଧାମରେ ଜନ୍ମ ଉତ୍ସବ ପାଳିତ ହେଉଥାଏ। ପିଲାଦିନ ବନ୍ଧୁ ମାଧବ ରାମୁ କାନେ କାନେ କହୁଥାଏ ବୁଝିଲୁ ସାଙ୍ଗ ଆମ ଗାଁରେ ଆମେ କେମିତି ପରମ୍ପରା ଓ ପ୍ରଥା ବଜାୟ ରଖିଛୁ ସେ ଦେଖିଲେ ସିନା ଜାଣନ୍ତା ? ଆରେ କିଏ ? ସେଇ ମ, ସହରିଆ ଭାଇ ଜଣେ ।କହୁଥିଲା ଯିଏ ସଂସ୍କୃତି, ପରମ୍ପରା, ପ୍ରଥା କଥା କହୁଛି ତାଙ୍କ ଭିତରୁ କେତେ ଜଣ ଗାଁ ଅବଧାନଙ୍କ ପାଖେ ପିଲାଙ୍କୁ ପାଠ ପଢ଼ାଉଛନ୍ତି ? କେତେଜଣ ପର୍ବ ପର୍ବାଣୀ ମାନି ଗାଁକୁ ଆସି ଗାଁ ମୁଣ୍ଡ ଟୁଙ୍ଗି ଘରେ ଏକତ୍ରିତ ହେଉଛନ୍ତି ବା ରଜରେ ଝିଅ ମାନଙ୍କୁ ଗୁଆ ଖୋଳପା ପିନ୍ଧାଉଛନ୍ତି, ଛତା ବଦଳରେ ପଖିଆ ଘୋଡ଼ି ହେଉଛନ୍ତି ?ମାଧବ ପ୍ରଶ୍ନର ଉତ୍ତର ଭିତରେ ରାମୁର ମନେପଡୁଥିଲା ଦାସବାବୁଙ୍କ ଘର ଓ ଦାସ ବାବୁଙ୍କ ପରିବାର କଥା। ଆଜି ଘରେ ଘରେ ତୋରଣ, ସାଜସଜ୍ଜା ହୋଇ ଆଲୋକ ଜଳି ସଭିଙ୍କ ଘର ସୁନ୍ଦର ଦିଶୁଥିବ କିନ୍ତୁ ତା ଠେଲା ଗାଡି ଯୋଗୁଁ ଦାସବାବୁ କେତେ ହଇରାଣ ହୋଇଥିବେ ସତେ। ତୋ ଗାଡି ଆମ ପଡ଼ାରେ ରଖୁଛୁ କହି ମିଶ୍ରବାବୁ, ତ୍ରିପାଠୀବାବୁ, ମହାନ୍ତିବାବୁଘର ଲୋକେ ଚାର୍ଟ କିଣି ନେଲାବେଳେ କମ ପଇସା ଦେବା ସହ ଆଉ ଟିକେ ଅଧିକା ମାଗିବା ବେଳେ ଦାସ ବାବୁ ଚାର୍ଟ କିଣିବା କଥା ଛାଡ଼ କୋଉଦିନ ତୁମ ଠେଲା ଘର ଗାଡି ଯୋଗୁଁ କେତେ ଅସୁବିଧା ହୁଏ ଆମର ଭାବିଛ ବୋଲି ବି କହିନାହାଁନ୍ତି। ପୂଜା ଆଧାରୁ ଦୌଡ଼ିଲା ରାମୁ ସାଇକେଲରେ। ଯାଉ ଯାଉ ମାଧବକୁ କହିଲା ଯୁଗ ପରିବର୍ତ୍ତନଶୀଳରେ ମାଧବ କିନ୍ତୁ ମଣିଷପଣିଆ ବା ମାନବିକତା ନଥିଲେ କି ପ୍ରଥା, ପରମ୍ପରା କି ସଂସ୍କୃତି !

ରାମୁ ପହଁଚିଲା ବେଳକୁ ଦାସବାବୁଙ୍କ ଦୁଆରେ ତା ଠେଲା ଗାଡି ଘର ନଥିଲା। ଦାସବାବୁ ରାମୁକୁ ଦେଖି ଡାକୁଥିଲେ ଆସ ଆସ ରାମୁ, ଜନ୍ମାଷ୍ଟମୀ ପୂଜା ଚାଲିଛି। ପୂଜା ସରିଲେ ପୁଷ୍ପାଞ୍ଜଳି ଦେବ, ପ୍ରସାଦ ପାଇବ। କଣ ଗାଁକୁ ଯାଇନାହଁ କି ?ତୁମ ଗାଡି ଆମେ ବାପା ପୁଅ ମିଶି ଭିଡି ନେଇ ସେ ବରଗଛ ମୂଳେ ରଖିଛୁ। ସାଜସଜ୍ଜା ହେବାର ଥିଲା ତ ସେଇଥିପାଇଁ। ପୂଜା ସରିଲେ ପୁଣି ଆଣି ରଖିଦେବୁ ବ୍ୟସ୍ତ ହୁଅନା। ପୂଜା ସରିଲା। ନିଜେ ଦାସ ବାବୁ ଆଳତି କର୍ପୁର ସମସ୍ତଙ୍କ ଆଖିରେ ଦେଲେ। ପୁଷ୍ପାଞ୍ଜଳି ପାଇଁ ଫୁଲ ଦେଇ ସାରି ଦାସବାବୁଙ୍କ ସହ ସମସ୍ତେ ପୁଷ୍ପାଞ୍ଜଳି ଦେବା ବେଳେ ରାମୁ ଫୁଲ ସବୁ ଦାସବାବୁଙ୍କ ପାଦ ତଳେ ଥୋଇ କହିଲା ହେ କୃଷ୍ଣ, ଆପଣ ନମସ୍ୟ। ଏ କଳି ଯୁଗର ବ୍ୟତିକ୍ରମ। ଆଶ୍ଚର୍ଯ୍ୟ ହୋଇ ଦାସବାବୁ କିଛି କହିବା ପୂର୍ବରୁ ରାମୁ ତା ଠେଲା ଘର ଗଡେଇ ଆଗକୁ ଚାଲୁଥିଲା। ପଛରୁ ଦାସବାବୁ ରାମୁ... ରା.. ମୁ, ପ୍ରସାଦ ପାଇକି ଯିବ ରୁହ କହି ଡାକ ଛାଡିଥିଲେ।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ମାଲକାନଗିରି ଜିଲ୍ଲା ଆଇନସେବା ପ୍ରାଧିକରଣ ଦ୍ୱାରା ଦ୍ୱିତୀୟ ଜାତୀୟସ୍ତରୀୟ ଲୋକ ଅଦାଲତ

ମାଲକାନଗିରି,୧୧/୫(ନି. ପ୍ର): ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆଜି ମାଲକାନଗିରି ଜିଲ୍ଲା ଆଇନ ସେବା ପ୍ରାଧି କରଣ, ତାଲୁକ ଆଇନ ସେବା ପ୍ରାଧି କରଣ ମୋଟୁ ଏବଂ ଜେ.ଏମ.ଏଫ.ସି., ମାଥିଲି ଓ ଜେ.ଏମ. ଏଫ. ସି., କୁଡୁମୁଲୁଗୁମ୍ମା, ଗ୍ରାମ ନ୍ୟାୟାଳୟ, କୋରୁକୋଣ୍ଡା, ମାଲକାନଗିରି ଦ୍ୱାରା ଦ୍ୱିତୀୟ ଜାତୀୟ ସ୍ତରୀୟ ଲୋକ ଅଦାଲତ ମାଲକାନଗିରିର ସମସ୍ତ ବିଚାରଳୟ ତଥା ମାଥିଲି, ମୋଟୁ, କୁଡୁମୁଲୁ ଗୁମ୍ମା ଠାରେ ମଧ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତରେ ଅନ୍ୟ ମାନଙ୍କ ମଧ୍ୟରେ ମାଲକାନଗିରି ଜିଲ୍ଲା ଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଡଃ. ପ୍ରସନ୍ନ କୁମାର ପଣ୍ଡା, ଅତିରିକ୍ତ ଜିଲ୍ଲା ଜଜ ଶାନ୍ତନୁ କୁମାର ଦାସ, ବରିଷ୍ଠ ଦେୱାନୀ ବିଚାରପତି ବିଜୟ କୁମାର ଦାସ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ଦେୱାନୀ ବିଚାରପତି ସୁଶ୍ରୀ ସଂଗୀତା ପାତ୍ର, ଉପଖଣ୍ଡ ଦଣ୍ଡାକରି ଶ୍ରୀମତୀ ପ୍ରତିମା ସାହୁ ଏବଂ ଗ୍ରାମ ନ୍ୟାୟାଧିକାରୀ ଦେବେନ୍ଦ୍ରନାଥ ବାଘ, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରି, ମାଥିଲି ପଦ୍ମଲାଭ ମାଝି, ପ୍ରଥମ ଶ୍ରେଣୀ ଦଣ୍ଡାଧିକାରୀ, କୁଡୁମୁଲୁଗୁମ୍ମା ଶ୍ରୀମତୀ ବିମଳ ଲକ୍ଷ୍ମୀ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରକାର ମୋକଦ୍ଦମାର ଫଇସଲା କରିଥିଲେ । ଏହି ଜିଲ୍ଲାସ୍ତରୀୟ ଲୋକ ଅଦାଲତରେ ମୋଟ ୪୧୬୭ ଗୋଟି ମୋକଦ୍ଦମାର ଫଇସଲା କରାଯାଇ ୩୫୧୮୩୨/- ଟଙ୍କା ଧାର୍ଯ୍ୟ କରାଯାଇଥିଲା । ଏହି ଲୋକ ଅଦାଲତରେ ଜିଲ୍ଲା କୋର୍ଟ, ଅତିରିକ୍ତ ଜିଲ୍ଲା ଜଜ କୋର୍ଟ, ସବ ଜଜ କୋର୍ଟ, ଏସଡ଼ିଜେଏମ କୋର୍ଟ, ମୋଟୁ ଜେଏମଏଫସି କୋର୍ଟ, ମାଥିଲି ଜେଏମଏଫସି କୋର୍ଟ, କୁଡୁମୁଲୁଗୁମ୍ମା ଜେଏମଏଫସି କୋର୍ଟ ଓ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମାଲକାନଗିରି ଓ ତାଲୁକ ଆଇନ ସେବା ସମିତି, ମୋଟୁ ର ସମସ୍ତ କର୍ମଚାରୀ ଓ ମାଲକାନଗିରି ଓ ମୋଟୁ ର ଓକିଲ ସଂଘର ସଭ୍ୟ ଗଣ ଉପସ୍ଥିତ ରହି ଅଦାଲତ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ଭାରତ-ପାକ୍ ବିବାଦ ମଧ୍ୟରେ ରାଜ୍ୟର ଉପକୂଳବର୍ତ୍ତୀ ଅଂଚଳରେ ସୁରକ୍ଷା ବୃଦ୍ଧି

ଭୁବନେଶ୍ୱର,୧୧/୫(ନି. ପ୍ର): ଉପକୂଳ ସୁରକ୍ଷା ନେଇ ଡିଜି କ୍ୟାମ୍ପ ଅଫିସରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ପରେ ପ୍ରତିକ୍ରିୟା ରଖି କୋଷ୍ଟ ଗାର୍ଡ ଏଡିଜି ଅରୁଣ ବୋଥ୍ରା କହିଛନ୍ତି ଯେ, କୋଷ୍ଟାଲ ଏରିଆରେ ସୁରକ୍ଷାକୁ ବଢ଼ାଇ ଦିଆଯାଇଛି । ନାଭି, କୋଷ୍ଟ ଗାର୍ଡ ସହିତ ମିଶି ସୁରକ୍ଷାର ତଦାରଖ କରାଯାଉଛି । ଆମେ ଆଲର୍ଟ ରହିଛୁ । କୋଷ୍ଟାଲ ପୋଲିସ, ମେରାଇନ ଥାନା, ତଟବର୍ତ୍ତୀ ଅଂଚଳ ବାସିନ୍ଦା ମାନଙ୍କ ସହ ଯୋଗାଯୋଗରେ ଅଛୁ । ତଟବର୍ତ୍ତୀ ଅଂଚଳବାସୀଙ୍କ ଠାରୁ ଗୁଇନ୍ଦା ସଂଗ୍ରହ କରାଯାଉଛି । ତଟ ସୁରକ୍ଷାରେ ଡ୍ରୋନକୁ ସାମିଲ କରାଯାଇଛି । ନାଭି, କୋଷ୍ଟଗାର୍ଡ ସହିତ ସମନ୍ୱୟ ରକ୍ଷା କରି ସୁରକ୍ଷା କଡାକଡି କରାଯାଇଛି । ସଶସ୍ତ୍ର ମେରାଇନ ପେଟ୍ରୋଲିଂ ୨୪ ଘଂଟିଆ କରାଯାଇଛି । ଦେଶରେ ଶତ୍ରୁ ପକ୍ଷକୁ କଡା ଜବାବ ଦେବା ପାଇଁ ସୁରକ୍ଷାକୁ ଦିଗୁଣିତ କରାଯାଇ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଛି । ପେଟ୍ରୋଲିଂର ମାନ୍ୱ ସମ୍ବଳକୁ ବଢ଼ାଇ ଦିଆଯାଇଛି । ଅବସର ପ୍ରାପ୍ତ ନାଭାଲ ଅଫିସରଙ୍କ ସଂଖ୍ୟା ୯୦ରୁ ୧୪୨କୁ ବୃଦ୍ଧି କରାଯାଇଛି । ତଟ ବର୍ତ୍ତୀ ମାଛ ଧରା ଅଂଚଳରେ ପାଂଚ ଜଣ ଲେଖାଏଁ ଲୋକ ମାନଙ୍କୁ ନେଇ ସ୍ୱେଶାଲ ପୋଲିସ ଅଫିସର ନିୟୋଜିତ ହୋଇଛି । ଉପକୁଳରେ ମାଛ ଧରା କେନ୍ଦ୍ରରେ ଏସପିଓ ମାନେ ନିୟୋଜିତ ହୋଇଛନ୍ତି । କୋଷ୍ଟାଲ ଉପକୂଳବର୍ତ୍ତୀ ଅଂଚଳରେ କମ୍ୟୁନିଟି ପୋଲିସିଂକୁ ପ୍ରାଧାନ୍ୟ ଦିଆଯାଇଛି ।

# ବନ୍ଦେ ଭାରତ ଟ୍ରେନ୍ ପାଇଁ ବାହିନୀପତିଙ୍କ ଦାବି

ଜୟପୁର,୧୧/୫(ନି. ପ୍ର): କୋରାପୁଟରୁ ଭୁବନେଶ୍ୱର ମଧ୍ୟରେ ବନ୍ଦେ ଭାରତ ଟ୍ରେନ୍ ସେବା ଆରମ୍ଭ ନେଇ ଦାବି ରଖିଛନ୍ତି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି । ଏହି ଦାବି ସେ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ରେଳମନ୍ତ୍ରୀଙ୍କ ନିକଟରେ ରଖିଛନ୍ତି । ଗତ ପରବ-୨୦୨୪ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋରାପୁଟ-ଭୁବନେଶ୍ୱର ମଧ୍ୟରେ ଏକ ନୂଆ ଟ୍ରେନ ଚାଲିବା ପ୍ରତିଶ୍ରୁତି ଦେଇଥିବା ବେଳେ ଏହାକୁ ବିଧାୟକ ଏବେ ସ୍ମରଣ କରାଇଛନ୍ତି । ବିଧାୟକ ବାହିନୀପତି ନିଜ ଦାବିପତ୍ରରେ ଭୁବନେଶ୍ୱର- ବିଶାଖାପାଟଣା ମଧ୍ୟରେ ଚାଲୁଥିବା ବନ୍ଦେ ଭାରତ ୨୦୮୪୧ ଟ୍ରେନ୍ ଟିକୁ ଭାୟା ଆରକୁ ଦେଇ କୋରାପୁଟ ଯାଏଁ ସମ୍ପ୍ରସାରିତ କରିବା ନେଇ ଦାବି ରଖିଛନ୍ତି । ଏଥିରେ ସେ ଯୁକ୍ତି ବାଢ଼ିଛନ୍ତି ଯେ, ବନ୍ଦେ ଭାରତ ଟ୍ରେନ୍ ଗୁଡ଼ିକ ଦ୍ୱାରା ସାଧାରଣତଃ ୮୦୦ କି.ମି. ଦୂରତା ମଧ୍ୟରେ ରହିଥିବା ସହର ଗୁଡ଼ିକୁ ସଂଯୋଗ ପାଇଁ ପରିକଳ୍ପନା କରାଯାଇଛି । ଭୁବନେଶ୍ୱର- ବିଶାଖପାଟଣା- ଆର୍କୁ- କୋରାପୁଟ ରୁଟ୍ ର ଦୂରତା ମାତ୍ର ୬୬୯ କି.ମି. । ଭୁବନେଶ୍ୱର ଠାରୁ ଏହି ଟ୍ରେନ୍ ଟି ଏବେ ମାତ୍ର ୪୪୪ କି.ମି. ଦୂରତାକୁ ୫ ଘଂଟାରେ ଅତିକ୍ରମ କରି ବିଶାଖାପାଟଣାରୁ ପୁଣି ଫେରୁଛି । ଏହାକୁ ଆଉ ମାତ୍ର ୨୧୫ କି.ମି. ସମ୍ପ୍ରସାରିତ କରି ସର୍ବ ମୋଟ ୯ ଘଂଟାରେ କୋରାପୁଟକୁ ରାଜଧାନୀ ଭୁବନେଶ୍ୱର ସହ ଯୋଡ଼ା ଯାଇପାରିବ । ଏହାଦ୍ୱାରା ନନ୍ଦପୁର ଏବଂ ଲମତାପୁଟ ଭଳି ଅବହେଳିତ ବ୍ଲକ ଗୁଡ଼ିକ ରାଜଧାନୀ ସହ ସିଧାସଳଖ ଯୋଡି ହୋଇ ପାରିବ ବୋଲି ସେ ଯୁକ୍ତି ବାଢ଼ିଛନ୍ତି । ତତ୍ ସହ ଆନ୍ଧ୍ରପ୍ରଦେଶ, ଛତିଶଗଡ ସହ ଓଡିଶାର ନବରଙ୍ଗପୁର ଏବଂ ମାଲକାନଗିରି ଭଳି ଅବହେଳିତ, ଉପାନ୍ତ ଜିଲ୍ଲାବାସୀ ବି ଏହାର ସୁଫଳ ପାଇବେ ବୋଲି କହିଛନ୍ତି । ଏହା ସମ୍ଭବ ହେଲେ ଏ ଅଂଚଳରୁ ଭୁବନେଶ୍ୱରକୁ ଯାଉଥିବା ଏକ ମାତ୍ର ହୀରାଖଣ୍ଡ ଟ୍ରେନ ରୁ ଯାତ୍ରୀ ବୋଝ କମିବ, ଯାହାର ସୁଫଳ ଅବିଭକ୍ତ କୋରାପୁଟ ଜିଲ୍ଲାର ବାସିନ୍ଦା ପାଇବେ ବୋଲି ସେ କହିଛନ୍ତି । ରେଳ ଯୋଗାଯୋଗରେ ପଛୁଆ ଥିବା ଯୋଗୁଁହିଁ ଅବିଭକ୍ତ କୋରାପୁଟ ଜିଲ୍ଲାର ସାମାଜିକ ଏବଂ ଆର୍ଥିକ ଅବସ୍ଥାରେ ସୁଧାର ଆଣିବା ସମ୍ଭବ ହେଉନାହିଁ ବୋଲି ବିଧାୟକ ଅଭିଯୋଗ ରଖି ତୁରନ୍ତ ଏହି ଚାଲୁଥିବା ବନ୍ଦେ ଭାରତ ଟ୍ରେନ୍ ସେବାକୁ ବିଶାଖାପାଟଣାରୁ କୋରାପୁଟ ଯାଏଁ ସମ୍ପ୍ରସାରଣ ନେଇ ଅନୁରୋଧ କରିଛନ୍ତି । ଏହି ଅନୁରୋଧକୁ ଗୁରୁତ୍ୱ ଦେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ରେଳ ମନ୍ତ୍ରଣାଳୟକୁ ତୁରନ୍ତ ଯୋଗାଯୋଗ କରାଯାଇଥିଲା । ତତ୍ ସହ ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରସ୍ତୁତି ନେଇ ପୂର୍ବତଟ ରେଳପଥକୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଥିବା ବିଧାୟକ ଜଣାଇଛନ୍ତି । ଏପରିକି ତାଙ୍କ ଅନୁରୋଧ ପତ୍ରକୁ ଗୁରୁତ୍ୱ ଦେଇ ବିଚାର ଆରମ୍ଭ କରିଥିବା ଯୋଗୁଁ ବିଧାୟକ ବାହିନୀପତି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

# ୨୦୨୫ ମସିହାର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୭୧୪୨ ମାମଲାର ଫଇସଲା

ଜୟପୁର,୧୧/୫(ନି. ପ୍ର): ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ କୋରାପୁଟ ଜିଲ୍ଲା ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଦୀପ କୁମାର ମହନ୍ତଙ୍କ ତତ୍ୱାବଧାନରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଅଦାଲତରେ ଜିଲ୍ଲା ଜଜ କୋରାପୁଟ ପ୍ରଦୀପ କୁମାର ମହନ୍ତ, ପରିବାର ବିଚାରପତି ନିସିଥ ନିଶାଙ୍କ, ଅତିରିକ୍ତ ଜିଲ୍ଲା ଶ୍ରୀମତୀ ସଂଘମିତ୍ରା ଦାସ, ବରିଷ୍ଠ ଦେବାନି ବିଚାରପତି ସ୍ୱୟଂ ପ୍ରକାଶ ଦାସ, ମହିଳା ଅଦାଲତ ବିଚାରପତି ଶ୍ରୀମତୀ ଅଳକନନ୍ଦା ମହାନ୍ତି, ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି ସୁମନ ଜେନା, ରେଜିଷ୍ଟ୍ରାର ବିଷ୍ଣୁ ପ୍ରସାଦ ଦେବତା, ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକରି ସନ୍ତୋଷ କୁମାର ବାରିକ, ପ୍ରଥମ ଶ୍ରେଣୀ ବିଚାର ବିଭାଗ ଦଣ୍ଡାଧିକାରି ଅନିମେଷ ଜେନା, ଦ୍ୱିତୀୟ ଶ୍ରେଣୀ ବିଚାରବିଭାଗ ଦଣ୍ଡାଧିକାରୀ ସୁଶ୍ରୀ ଦୀକ୍ଷ୍ୟ ରାଉତରାଏ, ପ୍ରଜ୍ଞାସୁମନ ମହାପାତ୍ର ପ୍ରମୁଖ ଜୟପୁର ମୁଖ୍ୟାଳୟରେ ବିଭିନ୍ନ ବେଂଚରେ ଉପସ୍ଥିତ ରହି ପୃଥକ ପୃଥକ ଭାବେ କୋର୍ଟ କରି ମୋକଦ୍ଦମା ଫୈଇସଲା କରିଥିଲେ । ସେହିପରି କୋରାପୁଟ, କୋଟପାଡ, ଲକ୍ଷ୍ମୀପୁର, ସେମିଳିଗୁଡା, ବୋରିଗୁମ୍ମା, ଦଶମନ୍ତପୁର ଓ ଲମତାପୁଟରେ ରହିଥିବା କୋର୍ଟ ପରିସରରେ ମଧ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା । ତତ ସଙ୍ଗେ ସଙ୍ଗେ କୋରାପୁଟ ଓ ଜୟପୁର ଉପ ଜିଲ୍ଲା ପାଳ ଓ ଜିଲ୍ଲାର ସମସ୍ତ ତହସିଲଦାର, ଆଂଚଳିକ ପରିବହନ କାର୍ଯ୍ୟଳୟ ମାନଙ୍କ ଦ୍ୱାରା ମଧ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ରାଜସ୍ୱ ବିବାଦର ଫଇସଲା କରାଯାଇଥିଲା । ଏହି ରାଷ୍ଟ୍ରୀୟ ଲୋକଅଦାଲତରେ ୩୪ ଗୋଟି ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ମାମଲାର ଫୈଇସଲା କରି ବୀମା କମ୍ପାନୀ ମାନଙ୍କୁ କ୍ଷତିପୂରଣ ବାବଦରେ ଆଦେଶ ଦେଇ ବାଦି ମାନଙ୍କୁ ୨୦୫୨୦୦୦୦/- ଟଙ୍କା । କ୍ଷତି ପୂରଣ ଦେବା ପାଇଁ ଧାର୍ଯ୍ୟ କରଯାଇଥିଲା, ସେହିପରି ୧୨ ଗୋଟି ସାଲିସଯୋଗ୍ୟ ଫୌଜଦାରୀ ମାମଲା, ୦୬ ଗୋଟି ବ୍ୟଙ୍କ ରୁଣ ମାମଲା, ୧୩ ଗୋଟି ବୈବାହିକ ମାମଲା ୨୫ ଗୋଟି ଦେବାନୀ ମାମଲାର ଫଇସଲା କରାଯାଇଥିଲା, ଏହାସହିତ ୨୯ ଗୋଟି ଏନ.ଆଇ. ଆକ୍ଟ ମାମଲାର ଫଇସଲା କରାଯାଇ ୭୯୮୯୧୮୭/- ଟଙ୍କା ଧାର୍ଯ୍ୟ ହେଇଥିଲା, ସେହିପରି ୩୫୯ ଗୋଟି ଅନ୍ୟାନ୍ୟ ଫଉଜଦାରି ମାମଲାର ଫଇସଲା କରାଯାଇ ଥିଲା, ତତ ସଙ୍ଗେ ସଙ୍ଗେ କୋରାପୁଟ ଓ ଜୟପୁର ଉପ-ଜିଲ୍ଲାପାଳ ଓ ଜିଲ୍ଲାର ସମସ୍ତ ତହସିଲଦାର ମାନଙ୍କ ଦ୍ୱାରା ମୋଟୋ ୬୭୦୫ ରାଜସ୍ୱ ବିବାଦର ଫଇସଲା କରାଯାଇ ୬୬୬୩/- ଟଙ୍କା ଅଦାୟ କରଯାଇଥିଲା । ୫ଟି ଉପଭୋକ୍ତା ବିବାଦ ମଧ୍ୟରୁ ୦୧ ଫଇସଲା କରାଯାଇ ୧୫୩୦୦ ଟଙ୍କା ଧାର୍ଯ୍ୟ ହେଇଥିଲା । ବିଚାରଦିନ ମାମଲା ର ସର୍ବମୋଟ ୭୫୯୨ ଟି ମାମଲାରୁ ୭୧୪୨ ଟି ଫଇସଲା କରାଯାଇ ୩୨୬୯୧୬୬୭.୮୭ ଟଙ୍କା ଧାର୍ଯ୍ୟ ହେଇଥିଲା ଏତତ ବ୍ୟତୀତ ପ୍ରାକ ମୋକଦମା ସ୍ତରରେ ବିଭିନ୍ନ ବ୍ୟଙ୍କ ଦ୍ୱାରା ବ୍ୟଙ୍କ ରୁଣ ମାମଲା, ଆରଟିଓ, ଟାଟା ପାୱାର, ବି.ଏସ.ଏନ.ଏଲ, ପାରିବାରିକ ମାମଲା, ଜମିଜମା ମାମଲା ଇତ୍ୟାଦି ୩୮୨୫ ରୁ ୫୭୬ ଟି ଫଇସଲା କରାଯାଇ ୧୫୧୪୭୮୨୧/- ଧାର୍ଯ୍ୟ ହେଇଥିଲା, ୦୧ ଗୋଟି ଶ୍ରମ ବିବାଦ ମାମଲାର ଫଇସଲା କରାଯାଇ ୧୧୦୦୦୦ ଧାର୍ଯ୍ୟ ହେଇଥିଲା । ଏଥିରେ କୋରାପୁଟ ଜିଲ୍ଲା ବାର ଆସୋସିଏସନର ଆଇନଜୀବି ମାନେ ଏଥିରେ ସମ୍ପୂର୍ଣ୍ଣ ଭାବରେ ସହଯୋଗ କରିଥିଲେ ।

## ଚିକ୍ଟାମାଲ ଗ୍ରାମରେ କୂଅରେ ପଡ଼ି ୨ ବର୍ଷର ଶିଶୁ ମୃତ

ବଲାଙ୍ଗିର,୧୧/୫(ନି. ପ୍ର): କୂଅରେ ପଡ଼ି ୨ ବର୍ଷିୟ ଶିଶୁର ମୃତ୍ୟୁ ଘଟିଛି । ଏମିତି ଏକ ଦୁଃଖଦ ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଲରମ୍ଭା ଥାନା ଅନ୍ତର୍ଗତ ଚିକ୍ ?ଟାମାଲ ଗ୍ରାମରେ । ମୃତ ଶିଶୁ ଜଣକ ହେଲେ ଗ୍ରାମର ଅନ୍ତର୍ଯ୍ୟାମୀ ପୋଡ଼ଙ୍କ ଦୁଇ ବର୍ଷର ଶିଶୁ ପ୍ରିୟାଂଶୁ ପୋଡ଼ । ସୂଚନା ଯୋଗ୍ୟ ଯେ, ପ୍ରିୟାଂଶୁ ଖେଳିବାକୁ ଯାଇଥିବା ସମୟରେ ନିକଟରେ ଥିବା କୂଅରେ ପଡ଼ିଯାଇଥିଲେ । କିଛି ସମୟ ଧରି ସେ ଘରକୁ ନଫେରିବାରୁ ଘର ଲୋକେ ତାଙ୍କୁ ଖୋଜାଖୋଜି କରିବା ପରେ ନିକଟସ୍ଥ କୂଅରେ ପଡ଼ିଥିବା ଜାଣିବାକୁ ପାଇଥିଲେ । ପରିବାର ଲୋକେ ଶିଶୁକୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ପାଟଣାଗଡ଼ ଡାକ୍ତରଖାନାକୁ ଆଣିଥିଲେ । ହେଲେ ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଲରମ୍ଭା ପୋଲିସ ତଦନ୍ତକାରୀ ଅଧିକାରୀ କମଳ ଲୋଚନ ପଧାନ ଘଟଣାସ୍ଥଳରେ ପହଂଚି ଅଧିକ ତଦନ୍ତ ଆରମ୍ଭ କରିଥିବା ବେଳେ ଏନେଇ ଲରମ୍ଭା ଥାନା ୟୁଡ଼ି କେସ ନଂ ୭/୨୦୨୫ ରେ ଏକ ମାମଲା ରଜୁ କରି ଅଧିକ ତଦନ୍ତ ଚାଲିଥିବା ଲରମ୍ଭା ଥାନାଧିକାରୀ ଭାନୁ ପ୍ରସାଦ ଯାଦବ ସୂଚନା ଦେଇଛନ୍ତି ।

# ବିଧାୟକ ଗଣେଶ୍ୱର ବେହେରାଙ୍କ କେନ୍ଦ୍ରାପଡା କଲେଜ ପରିଦର୍ଶନ ଓ ସମୀକ୍ଷା ବୈଠକ

କେନ୍ଦ୍ରାପଡା,୧୧/୫(ନି. ପ୍ର): ରାଜ୍ୟର ସର୍ବ ପୁରାତନ ବେସରକାରୀ କଲେଜ ବାବେ ମାନ୍ୟତା ପାଇଥିବା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟର ଅନେକ ସମସ୍ୟା ସମ୍ବନ୍ଧରେ ବିଧାୟକ ଗଣେଶ୍ୱର ବେହେରା ଅନୁଧାନ କରିବା ସହ କଲେଜ କର୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ବିଧାୟକ ଶ୍ରୀ ବେହେରା ଆଜି ମଧ୍ୟାହ୍ନରେ କେନ୍ଦ୍ରାପଡା କଲେଜକୁ ଯାଇ ଅଧ୍ୟକ୍ଷ ଡ଼ଃ ସଂଜିବ କୁମାର ମହାନ୍ତି, ପ୍ରଫେସର ରଂଜିତ କୁମାର ଦାସ, ପ୍ରଫେସର ଅଶୋକ କୁମାର ମିଶ୍ର, ଅବସର ପ୍ରାପ୍ତ ଅଧ୍ୟାପକ ପ୍ରଭାକର ମଲିକ, ଡ଼ଃ ପ୍ରଦୀପ୍ତ କୁମାର ଦାସ ପ୍ରମୁଖଙ୍କ ସହ କଲେଜର ବିଭିନ୍ନ ବିଭାଗ ପରିଦର୍ଶନ କରି ଏହାର ସମସ୍ୟା ଓ ଅଭାବ ଅସୁବିଧା ସଂପର୍କରେ ଆଲୋଚନା କରିଛନ୍ତି । କଲେଜର ଭୂସମ୍ପତି ଦିନକୁ ଦିନ ଜବରଦଖଲ ରେ ଯାଉଥିବା ଓ ଗ୍ରୀଷ୍ମ ଛୁଟିରେ ଏହି ଜବରଦଖଲ ଜମି ଉପରେ ବେଆଇନ ନିର୍ମାଣ କରାଯାଉ ଥିବା ସଂପର୍କରେ ପଚାରି ବୁଝିଥିଲେ । ନାକ ଏ ଗ୍ରେଡ ପାଇଥିବା ଏହି କଲେଜରେ ୧୦୯ ଜଣ ଅନୁମୋଦିତ ଅଧ୍ୟାପକ, ଅଧ୍ୟାପିକା ପଦବୀ ଥିବାବେଳେ ବର୍ତମାନ ୭୬ ଜଣ କାର୍ଯ୍ୟ କରୁଛନ୍ତି । ଅବଶିଷ୍ଟ ୩୩ ପଦବୀ ଖାଲି ରହିଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢା ରେ ବ୍ୟାଘାତ ସୃଷ୍ଟି ହେଉଛି । ସେହିଭଳି ସୁରକ୍ଷା ପାଚେରୀ ନଥିବାରୁ ଓ ପର୍ଯ୍ୟାପ୍ତ ପରିମାଣ ର ରାତ୍ରୀ ଜଗୁଆଳି ନଥିବାରୁ ରାତିରେ ଅସାମାଜିକ ଯୁବକ ମାନେ କଲେଜ ପରିସର ରେ ଆଡ୍ଡା ଜମାଇ ବିଭିନ୍ନ ପ୍ରାର ଅପରାଧ ମୂଳକ କାର୍ଯ୍ୟରେ ଲିପ୍ତ ରହିବା ଓ ବିଭିନ୍ନ ସମୟରେ ଗଣ୍ଡଗୋଳ କରିବା ଘଟଣା ଜଣାପଡିଛି । ଏହା ସହ କଲେଜ ଲାଇବ୍ରେରୀ ରେ ୬୦ ହଜାର ପୁସ୍ତକ ଥିବାବେଳେ ୫୫ ହଜାର ପୁସ୍ତକ ଡିଜିଟାଲ କରାଯାଇ ଥିବାବେଳେ ଅବଶିଷ୍ଟ ୫ ହଜାର ପୁସ୍ତକ ଡିଜିଟାଲ କରାଯାଇ ପାରିନାହିଁ । ଛାତ୍ରଛାତ୍ରୀ ଓ ଅଧ୍ୟାପକ, ଅଧ୍ୟାପିକା ମାନଙ୍କ ପାଇଁ କଲେଜ ପରିସର ରେ ଗୋଟିଏ ଏଟିଏମ ଖୋଲିବା ପାଇଁ ନିଷ୍ପତି ନିଆଯାଇଛି । ସେହିଭଳି ପୂର୍ତ ବିଭାଗ ଦ୍ୱାରା ନିର୍ମାଣ କରାଯାଇ ଥିବା କୋଠାବାଡି ଗେଟ୍ ଓ ଅନ୍ୟାନ୍ୟ ଭିତିଭୂମି ଗୁଡିକର କାମ ସରିଥିବା ବେଳେ ଏହା କଲେଜକୁ ହସ୍ତାନ୍ତର କରାଯାଇ ନଥିବା ଜଣା ପଡିଥିଲା ।

# ଖୋର୍ଦ୍ଧା ଜିଲ୍ଲାରେ ରାଷ୍ଟ୍ରୀୟ ଲୋକ ଅଦାଲତ :୪୬୪୪୯ ମାମଲାର ଫଇସଲା

ଭୁବନେଶ୍ୱର,୧୧/୫(ନି. ପ୍ର): ଚଳିତ ବର୍ଷର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଜି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସର ଯଥା ଭୁବନେଶ୍ୱର, ଖୋର୍ଦ୍ଧା, ବାଣପୁର, ଜଟଣୀ, ଟାଙ୍ଗୀ, ଚିଲିକା ଓ ବେଗୁନିଆଠାରେ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଆଇନ୍ ସେବା ପ୍ରାଧିକରଣ ଓ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶମତେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଆୟୋଜନ କରାଯାଇଛି । ଆଗତ ସର୍ବମୋଟ ୭୬୪୩୭ ଗୋଟି ମାମଲା ମଧ୍ୟରୁ ୪୬୪୪୯ ଗୋଟି ମାମଲାର ଫଇସଲା କରାଯାଇଥିବାବେଳେ ଜରିମାନା/ ସେଟେଲ୍‌ମେଂଟ/ ରାଜସ୍ୱ ଆକାରରେ ସର୍ବମୋଟ ୨୬,୨୭,୦୮,୩୯୫ ଟଙ୍କା ଆଦାୟ ହେବା ପାଇଁ ସ୍ଥିରିକୃତ ହୋଇଥିଲା । ଖୋର୍ଦ୍ଧା ଜିଲ୍ଲା ଓ ଦୌରାଜଜ୍ ତଥା ଅଧ୍ୟକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ଭୁବନେଶ୍ୱର ଶ୍ରୀ ବିରଂଚି ନାରାୟଣ ମହାନ୍ତି, ପରିବାର ଅଦାଲତ ଜଜ ମଦନଲାଲ କେଡ଼ିଆ, ନରେଶ ମହାନ୍ତି, ଅତିରିକ୍ତ ଜିଲ୍ଲା ଜଜ୍ ହିମାଂଶୁ ଶେଖର ମଲ୍ଲିକ, ଶୁଭଞ୍ଜନ ମହାନ୍ତି, ବନ୍ଦନା କରଙ୍କ ସମେତ ବହୁ ପଦସ୍ଥ ବିଚାର ବିଭାଗୀୟ ଅଧିକାରୀମାନେ ଲୋକ ଅଦାଲତରେ ଉପସ୍ଥିତ ରହି ରେକର୍ଡ ସଂଖ୍ୟକ ମାମଲା ଫଇସଲା କରିଥିଲେ ।

ଉକ୍ତ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ସାଲିସ୍ ଯୋଗ୍ୟ ଜମିଜମା, ଫୌଜଦାରୀ, ରାଜସ୍ୱ, ଗାଡ଼ିମୋଟର ଦୁର୍ଘଟଣା ଜନିତ ମାମଲା, ପାରିବାରିକ ଓ ବୈବାହିକ ମାମଲା, ଶ୍ରମ ଓ ନିଯୁକ୍ତି, ବିଦ୍ୟୁତ ଓ ଜଳ ଯୋଗାଣ, ବ୍ୟାଙ୍କ ଋଣ ଅନାଦେୟ ଏବଂ ଅନ୍ୟାନ୍ୟ ବହୁ ଜନ ଉପଯୋଗୀ ମାମଲାମାନ ଫଇସଲା କରାଯାଇଥିଲା । ପ୍ରାଧିକରଣଙ୍କ ସଚିବ ସଲୋମୀ ସାହୁ ଉପସ୍ଥିତ ରହି ଜିଲ୍ଲା ଅଦାଲତମାନଙ୍କରୁ ହସ୍ତଗତ ହୋଇଥିବା ଲୋକ ଅଦାଲତର ଫଳାଫଳକୁ ଜିଲ୍ଲା ଜଜ୍‌ଙ୍କ ପାଖରେ ଉପସ୍ଥାପନା କରିବା ସହ ଏହାର ସାମଗ୍ରିକ ସଫଳତାକୁ ଦୃଷ୍ଟିରେ ରଖି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣଙ୍କ ପକ୍ଷରୁ ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଧିକାରୀ, ରାଜସ୍ୱ ଅଧିକାରୀ, ଆଂଚଳିକ ଜାତୀୟକରଣ ବ୍ୟାଙ୍କ ଅଧିକାରୀ, ଶାଖା ପରିଚାଳକ, ଆଇନଜୀବୀ, ବୀମା ଅଧିକାରୀ ଏବଂ ଅଦାଲତ କର୍ମଚାରୀମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ପରବର୍ତ୍ତୀ ଲୋକ ଅଦାଲତ ଆସନ୍ତା ସେପେଟମ୍ବର ୧୩ ତାରିଖ ପାଇଁ ଆଗୁଆ ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ । ନ୍ୟାୟ ଅଧିକାର ମିତ୍ର ଶ୍ରୀ ସିତେଶ ଆଶିଷ ଜେନା, ପ୍ରଣତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

ଦୀର୍ଘଦିନରୁ ବିଚାରାଧୀନ ଥିବା ପାରିବାରିକ ବୈବାହିକ ମାମଲାରେ ପ୍ରଥମ ପରିବାର ଅଦାଲତ, ଭୁବନେଶ୍ୱର କୋର୍ଟଙ୍କ ପକ୍ଷରୁ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ପରିବାର ଅଦାଲତ ବାରମ୍ବାର ଆଲୋଚନା ପର୍ଯ୍ୟାଲୋଚନା ମାଧ୍ୟମରେ ବୁଝାମଣା ଭିତ୍ତିରେ ସ୍ୱାମୀ-ସ୍ତ୍ରୀଙ୍କୁ ଏକାଠି କରିବାରେ ସମର୍ଥ ହୋଇ ସେମାନଙ୍କୁ ରି-ୟୁନିୟନ୍ କରାଇଥିଲେ । ସେହିପରି ଦ୍ୱିତୀୟ ପରିବାର ଅଦାଲତ, ଭୁବନେଶ୍ୱରଙ୍କ ପକ୍ଷରୁ ଆଉ ଏକ ବୈବାହିକ ମାମଲାରେ ଉଭୟ ପକ୍ଷଙ୍କୁ ବୁଝାଇବାରେ ସମର୍ଥ ହୋଇ ଉପଯୁକ୍ତ କାଗଜାତ୍‌ରେ ଚୁକ୍ତିନାମା କରାଇ ସେମାନଙ୍କୁ ଏକତ୍ର କରାଇଥିଲେ । ତେଣୁ ଏହିପରି ଭାବରେ ଦୁଇଗୋଟି ବୈବାହିକ ମାମଲାରେ ଦୁଇଗୋଟି ଦମ୍ପତିଙ୍କୁ ଏକତ୍ରିତ କରିବା ସହ ସେମାନେ ପାରସ୍ପରିକ ବୁଝାମଣାରେ ରହିବେ ବୋଲି ଅଦାଲତକୁ ପ୍ରତିଶ୍ରୁତି ଦେଇଥିଲେ ।

# ରାଜ୍ୟବାସୀଙ୍କୁ ବିଚଳିତ ନହେବାକୁ ପରାମର୍ଶ ଦେଲେ ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର,୧୧/୫(ନି. ପ୍ର): ଭାରତ-ପାକିସ୍ତାନ ବିବାଦ ମଧ୍ୟରେ ବିଚଳିତ ନହେବାକୁ ପରାମର୍ଶ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ । ସେ କହିଛନ୍ତି ଯେ, କେଉଁଠି କାହିଁକି, କେଉଁ ପରିସ୍ଥିତିରେ ଡ୍ରୋନ ଉଡୁଛି, ତା ଉପରେ ନଜର ରଖାଯାଇଛି । ସରକାର ସଚେତନ ମୂଳକ ପଦକ୍ଷେପ ନେଉଛନ୍ତି । ଲୋକ ବିଚଳିତ ହୁଅନ୍ତୁ ନାହିଁ । ଓଡ଼ିଶାରେ ସେଭଳି ପରିସ୍ଥିତି ନାହିଁ । ବଡ଼ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି । ଏବଂ ତୁରନ୍ତ କାର୍ଯ୍ୟରେ ନିୟୋଜିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟ ଅଧିକାରୀ ମାନଙ୍କର ମଧ ପରିସ୍ଥିତି ଦେଖି ଆଗାମୀ ସମୟରେ ବାତିଲ ହେବ ଛୁଟି । ଓଡ଼ିଶାରେ ଥିବା କେନ୍ଦ୍ର ସରକାରଙ୍କର ବିଭିନ୍ନ ପ୍ରତିଷ୍ଠାନର ସୁରକ୍ଷା ବୃଦ୍ଧି କରାଯାଇଛି । ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଭଳି ସ୍ଥାନର ସୁରକ୍ଷା ବଢ଼ାଯାଇଛି । ହୀରାକୁଦ ବନ୍ଧର ସୁରକ୍ଷା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି । ପ୍ରବେଶ ନିଷେଧ କରାଯାଇଛି । ପୁରୀ ଶ୍ରୀମନ୍ଦିର, ଲିଙ୍ଗରାଜ ମନ୍ଦିର ମଧ ସୁରକ୍ଷା ଭିତରେ ଅଛି ।

# ମହିଳାମାନଙ୍କ ପାଇଁ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ୱାନ: ରାଜ୍ୟପାଳ

ଭୁବନେଶ୍ୱର,୧୧/୫(ନି. ପ୍ର): ଯେ କୌଣସି ସମାଜର ଶକ୍ତି ଏହାର ମହିଳାମାନଙ୍କ ପ୍ରତି ପ୍ରଦର୍ଶନ କରାଯାଉଥିବା ବ୍ୟବହାର ଉପରେ ନିର୍ଭର କରେ । ଏଣୁ ଏକ ସୁସ୍ଥ ସମାଜ, ଶକ୍ତିଶାଳୀ ଓ ସମୃଦ୍ଧ ଦେଶ ଗଠନ ନିମନ୍ତେ ପୃଷ୍ଠଭୂମି ଓ ଭୌଗଳିକ ପରିବେଶ ନିର୍ବିଶେଷରେ ମହିଳାମାନଙ୍କ ପାଇଁ ସମ୍ମାନ, ସୁଯୋଗ ଏବଂ ସମାନତା ସୁନିଶ୍ଚିତ କରିବା ହେଉଛି ସମୟର ଆହ୍ୱାନ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି । ଆଜି "ମା' ଘର ଫାଉଣ୍ଡେସନ ଟ୍ରଷ୍ଟ, ଭୁବନେଶ୍ୱର" ଏବଂ "ଏସ୍.ଏସ୍. ହସ୍ପିଟାଲ, ତାଳଚେର"ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରଠାରେ ଆୟୋଜିତ "ବିଶ୍ୱ ମାତୃ ଦିବସ" ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ମାତୃ ଦିବସ କେବଳ ମାତୃତ୍ୱର ଏକ ଉତ୍ସବ ନୁହେଁ, ଏହା ବିଶ୍ୱରେ ପ୍ରତିଦିନ ମା'ମାନଙ୍କର ପାଳନକାରୀ ଆତ୍ମା, ଅସୀମ ସ୍ନେହ ଏବଂ ତ୍ୟାଗର ସ୍ୱୀକୃତି । ଏହା ଏକ ଦିନ ଯାହା ଆମ ପ୍ରତ୍ୟେକଙ୍କ ପାଇଁ ଗଭୀର ଭାବଉଦ୍ରେକକାରୀ ମହତ୍ୱ ବହନ କରେ ବୋଲି ରାଜ୍ୟପାଳ କହିଥିଲେ । ମା'ଘର ଫାଉଣ୍ଡେସନ୍ ଟ୍ରଷ୍ଟ, ଭୁବନେଶ୍ୱର ଏବଂ ଏସ୍.ଏସ୍. ହସ୍ପିଟାଲ, ତାଳଚେରର ମିଳିତ ପ୍ରୟାସରେ "ବିଶ୍ୱ ମାତୃ ଦିବସ" ଅବସରରେ "ସମୟର ଆବଶ୍ୟକତା" ଶୀର୍ଷକ ସେମିନାର ଆୟୋଜନ କରିଥିବାରୁ ରାଜ୍ୟପାଳ ସାଧୁବାଦ ଜଣାଇବା ସହିତ ଆମ ସମାଜ ସମ୍ମୁଖୀନ ହେଉଥିବା ସମସ୍ୟା ସଂପର୍କରେ ଆଲୋଚନା ଓ ବିଚାରବିମର୍ଷ ନିମନ୍ତେ ବୁଦ୍ଧିଜୀବୀ, ନୀତି ନିର୍ଦ୍ଧାରକ, ସାମାଜିକ କର୍ମୀ ଏବଂ ସ୍ୱାସ୍ଥ୍ୟ ସେବା ସହ ଜଡିତ ବୃତ୍ତିଧାରୀ ଏକତ୍ର ହୋଇଥିବାରୁ ଖୁସି ପ୍ରକଟ କରିଥିଲେ । ଏପରି ପଦକ୍ଷେପ କେବଳ ସମୟୋଚିତ ନୁହେଁ, ବରଂ ସମାବେଶୀ ବିକାଶ, ସଶକ୍ତିକରଣ ଦିଗରେ ଆମର ସାମୁହିକ ଯାତ୍ରାରେ ବହୁତ ଆବଶ୍ୟକ ବୋଲି ରାଜ୍ୟପାଳ କହିଥିଲେ । ଓଡିଶାର ଦୁର୍ଗମ ଓ ଅନୁନ୍ନତ ଅଂଚଳରେ ବିଭିନ୍ନ ସମସ୍ୟାର ସମାଧାନ, ଶାନ୍ତି ପ୍ରତିଷ୍ଠା ପାଇଁ ନିରନ୍ତର ପଦକ୍ଷେପ, ମହିଳାମାନଙ୍କୁ ସଶକ୍ତ କରିବା, ଗୋଷ୍ଠୀଙ୍କୁ ପୋଷଣ କରିବା, ଶିକ୍ଷା ଓ କଲ୍ୟାଣମୂଳକ ପଦକ୍ଷେପକୁ ସହଜ କରିବା ଦିଗରେ ଅନୁଷ୍ଠାନର ଉତ୍ସର୍ଗୀକୃତ ପ୍ରଚେଷ୍ଟା ପାଇଁ ଖୁସି ପ୍ରକଟ କରିଥିଲେ । ସେହିପରି ମହିଳାମାନଙ୍କ ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ଉପରେ ଏସ୍.ଏସ୍. ହସ୍ପିଟାଲ, ତାଳଚେରର ପ୍ରୟାସ ପାଇଁ ଖୁସି ହେବା ସହ ଏହା ଏକ ସୁସ୍ଥ ଏବଂ ଶକ୍ତିଶାଳୀ ସମାଜ ଗଠନରେ ମୂଳଦୂଆ ବୋଲି କହିଥିଲେ । ଏହି ସମାରୋହରେ ସମ୍ମାନନୀୟ ଅତିଥିଭାବେ ଓଡିଶାର ଆଇନ୍?, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ଏତଦ୍‌ବ୍ୟତୀତ ସମାରୋହର କୋ-ଅର୍ଗାନାଇଜର ଆଡ୍‌ଭୋକେଟ୍ ଋତୁପର୍ଣ୍ଣା ମହାନ୍ତି ଏବଂ ଡ. ସୁସ୍ମିତା ସାହୁ ମଧ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରୋଗ୍ରାମ କୋ-ଅର୍ଡିନେଟର ଆଡଭୋକେଟ୍ ଜ୍ଞାନଦୀପ ବିଶ୍ୱପ୍ରସାଦ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ଶେଷରେ ଟ୍ରଷ୍ଟି ସୁନିତା ଗୁପ୍ତା ଧନ୍ୟବାଦ ଅର୍ପଣ କରିଥିଲେ ।

# ଚଳନ୍ତା ଟ୍ରେନ ଭିତରେ କିମ୍ବା ଷ୍ଟେସନ ପରିସରରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ସୂଚନା ଦେବାକୁ ପୋଲିସର ଅପିଲ

ଭୁବନେଶ୍ୱର,୧୧/୫(ନି. ପ୍ର): ଚଳନ୍ତା ଟ୍ରେନ ଭିତରେ କିମ୍ବା ଷ୍ଟେସନ ପରିସରରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ପୋଲିସକୁ ସୂଚନା ଦେବାକୁ ରାଜ୍ୟ ପୋଲିସ ପକ୍ଷରୁ ଅପିଲ କରାଯାଇଛି । ରାଜ୍ୟ ପୋଲିସ ପକ୍ଷରୁ କୁହାଯାଇଛି ଯେ, 'ଭାରତ ସରକାରଙ୍କ ପକ୍ଷରୁ ଚାଲିଛି ଅପରେସନ୍ ସିନ୍ଦୂର ଓ ଜାରି ହୋଇଛି ହାଇ ଆଲର୍ଟ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର ଜନ ସାଧାରଣଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ରାଜ୍ୟ ପୋଲିସ ପକ୍ଷରୁ ଦିନରାତି ଚାଲିଛି ପାଟ୍ରୋଲିଂ' । ରାଜ୍ୟ ପୋଲିସ ପକ୍ଷରୁ ଆହୁରି କୁହାଯାଇଛି ଯେ, ' ସମ୍ଭାବ୍ୟ ଆତଙ୍କବାଦୀ ଆକ୍ରମଣକୁ ସାମ୍ନା କରିବାକୁ ରେଳ ଷ୍ଟେସନ ଗୁଡିକରେ ସୁରକ୍ଷା ବ୍ୟବସ୍ଥା ହୋଇଛି କଡାକଡି । ଷ୍ଟେସନର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥରେ ମୁତୟନ ହୋଇଛନ୍ତି ସଶସ୍ତ୍ର ଫୋର୍ସ । ପ୍ଲାଟଫର୍ମ ସମେତ ସବୁ ଟ୍ରେନର କୋଚରେ ମେଟାଲ ଡିଟେକ୍ଟର ସାହାଯ୍ୟରେ ଟିକିନିଖି କରାଯାଉଛି ଯାଂଚ । ଚଳନ୍ତା ଟ୍ରେନ ଭିତରେ କିମ୍ବା ଷ୍ଟେସନ ପରିସରରେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦେଖିଲେ ତୁରନ୍ତ ପୋଲିସକୁ ସୂଚନା ଦିଅନ୍ତୁ । ଜନ ସାଧାରଣଙ୍କ ସୁରକ୍ଷା, ଆମର ପ୍ରାଥମିକତା ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ପରିବ୍ରାଜକ ବିହଙ୍ଗଙ୍କ ୨୬ଟି ସ୍ଥାନରେ ଗ୍ରୀଷ୍ମକାଳୀନ ସମାଗମ

ସମ୍ବଲପୁର,୧୧/୫(ନି. ପ୍ର): ସମ୍ବଲପୁରର ହୀରାକୁଦ ଜଳଭଣ୍ଡାରରେ ଥିବା ୨୬ଟି ଦ୍ୱିପ(ଟାପୁ)ରେ ପରିବ୍ରାଜକ ଏବଂ ସ୍ଥାନିୟ ପ୍ରଜାତିର ପକ୍ଷୀ ମାନଙ୍କର ସମାଗମ ହୋଇଛି । ହଜାର ହଜାର ପକ୍ଷୀ ଏହି ଦ୍ୱିପ ମାନଙ୍କରେ ବସା କରି ଅଣ୍ଡାଦାନ କରୁଥିବା ଦେଖିବାକୁ ମିଳିଛି । ରିଭର ଟର୍ଣ୍ଣ, ଗଲ ବିଲ ଡ଼ ଟର୍ଣ୍ଣ, ଲିଟିଲ ଟର୍ଣ୍ଣ, ଓରିଏଂଟାଲ ପ୍ଲାଟିନକୋଲ୍ସ, ଲିଟିଲ ପ୍ଲାଟିନକୋଲସ୍, ରିଙ୍ଗ ପ୍ଲୋଭରସ, ହ୍ୱିସ୍ୱର୍ଡ ଟର୍ଣ୍ଣସ ଭଳି ଅନ୍ୟାନ୍ୟ ଏଗ୍ରେଟସ ପ୍ରଜାତିର ବିହଙ୍ଗ ମାନେ ହଜାର ହଜାର ଅଣ୍ଡାଦାନ ସହିତ ତାଙ୍କର ନୂଆ ଶାବକ ମାନଙ୍କର ଯତ୍ନ ନେଉଛନ୍ତି । ଗ୍ରୀଷ୍ମ କାଳରେ ପକ୍ଷୀ ଏବଂ ସେମାନଙ୍କର ଶାବକ ମାନଙ୍କର ସମାଗମ ଓ କଳରବ ଜଳଭଣ୍ଡାରକୁ ଜୀବନ୍ତ ରୁପ ଦେଇଛି । ଅଧିକାଂଶ ଟାପୁରେ ରିଭର ଟର୍ଣ୍ଣ ଏବଂ ପ୍ରାଟିନ କୋଲସ ମାନେ ବହୁ ସଂଖ୍ୟାରେ ଅଣ୍ଡା ଏବଂ ଶାବକ ମାନଙ୍କୁ ଗ୍ରୀଷ୍ମରୁ ସୁରକ୍ଷା ଦେଉଛନ୍ତି । ହୀରକୁଦ ଆଦ୍ରଭୂମିର ଟାପୁ ଦ୍ୱିପ ଗୁଡ଼ିକର ନିରବତା ଏହି ପକ୍ଷୀ ମାନଙ୍କର ଆସ୍ଥାନ ପାଇଁ ସହାୟକ ହୋଇଛି । ଡ଼ବ୍ରିଗବ ଡ଼ ଅଭୟାରନ୍ୟ କର୍ତୃପକ୍ଷ ପକ୍ଷୀ ମାନଙ୍କ ଏହି ବିଚରଣକୁ ଦୃଷ୍ଟିରେ ରଖି ଓ ସେମାନଙ୍କ ସଂରକ୍ଷଣ ପାଇଁ ହୀରାକୁଦର ବିଭିନ୍ନ ଦ୍ୱିପରେ ଲୋକଙ୍କୁ ସଚେତନ କରିବା ସକାଶେ ୧୦୦ ରୁ ଅଧିକ ଲାଲ ପତାକା ଲଗାଇ ଛନ୍ତି । ଏଥିସହିତ ପର୍ଯ୍ୟଟକ ଡଙ୍ଗା ମାନଙ୍କୁ ଟାପୁରୁ ଦୁରତ୍ୱ ରକ୍ଷା କରାଯଉଥିବା ବେଳେ ନୌକା ଯୋଗେ ପହରା ବ୍ୟବସ୍ଥାକୁ ସଂମ୍ପ୍ରସାରିତ କରଯାଇଛି । ପକ୍ଷୀ ମାନେ ହୀରାକୁଦର ଦ୍ୱିପ ଗୁଡ଼ିକରେ ବାଲି ଓ ପଥର ଥିବା ଯାଗାରେ ବସା ବାନ୍ଧିଛନ୍ତି । କୁକୁର, ସାପ ଓ ଅନ୍ୟାନ୍ୟ ସରିସୃପ ମାନଙ୍କ ଠାରୁ ସୁରକ୍ଷା ପାଇଁ ବସା ତିଆରି କରିଛନ୍ତି । ଜଳଭଣ୍ଡାରରେ ଅଭୟାରନ୍ୟ କର୍ତୃପକ୍ଷ ପକ୍ଷୀ ମାନଙ୍କର ନିରନ୍ତର ସୁରକ୍ଷା ପାଇଁ ୯ ଟି ସ୍କୁଆର୍ଡ଼ ଓ ସ୍ପିଡ ଡଙ୍ଗାର ବ୍ୟବସ୍ଥା କରାଯାଇଛି । ଏମାନେ ମତ୍ସ୍ୟଜିବୀ ଓ ଗାଈ ଚରାଳି ମାନଙ୍କୁ ପକ୍ଷୀଙ୍କ ସଂରକ୍ଷଣ ନେଇ ସଚେତନ କରୁଛନ୍ତି । ସେହିଭଳି ସମ୍ବଲପୁର ଚଢ଼େଇ କ୍ଲବର ପ୍ରତିନିଧି ମାନେ ମଣିଷ ବସତି ନିକଟସ୍ଥ ଦ୍ୱିପ ଗୁଡ଼ିକର ପାଶ୍ୱର୍ବ ବାସୀନ୍ଦାଙ୍କୁ ମଧ ସଚେତନ କରିଛନ୍ତି । ଚଳିତ ବର୍ଷ ପକ୍ଷୀଗଣନା ଅନୁଯାୟୀ ୧୨୨ ପ୍ରଜାତିର ୩ ଲକ୍ଷ ୭୭ ହଜାର ପରିବ୍ରାଜକ ପକ୍ଷୀ ହୀରାକୁଦ ଜଳଭଣ୍ଡାରକୁ ଆସିଥିଲେ । ଏହା ପୁର୍ବ ବର୍ଷ ତୁଳନାରେ ୩୫ ହଜାର ଅଧିକ ଅଟେ । କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତନ ବିଭାଗ ପକ୍ଷରୁ ହୀରାକୁଦ ଆଦ୍ରଭୂମିକୁ ରାମସର ମାନ୍ୟତା ପ୍ରଦାନ କରାଯାଇଛି ।

# ପ୍ରତାପ ଚନ୍ଦ୍ର ସ୍ମାରକୀ ପାଠାଗାର ଉଦ୍‌ଘାଟିତ



ବାଲେଶ୍ୱର, ୧୧/୫ (ନି.ପ୍ର): ଗତକାଲି ସନ୍ଧ୍ୟାରେ ସଦର ବ୍ଲକର ବାହାବଳପୁର ପଞ୍ଚାୟତ ଅନ୍ତର୍ଗତ ଏଣ୍ଡରେଇ ଗ୍ରାମରେ ସ୍ୱର୍ଗତ ପ୍ରତାପ ଚନ୍ଦ୍ର ବାରିକଙ୍କ ସ୍ମୃତିରେ ତାଙ୍କର ପୁତ୍ର ତାପସ କୁମାର ବାରିକ ଓ କନ୍ୟା ସୁସ୍ମିତା ଭୂୟାଁଙ୍କ ଉଦ୍ୟମରେ 'ପ୍ରତାପ ଚନ୍ଦ୍ର ସ୍ମାରକୀ ପାଠାଗାର' ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ, ବାଲେଶ୍ୱରର ସଭାପତି ଇଂ. ବନମାଳୀ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ସୁସ୍ମିତା ଭୂୟାଁ ସମସ୍ତ ଅତିଥି ଓ ଗ୍ରାମବାସୀମାନଙ୍କୁ ସ୍ୱାଗତ କରିବା ସହିତ ତାଙ୍କ ଦିବଂଗତ ପିତାଙ୍କର ଅନ୍ତିମ ଇଚ୍ଛା ସାକାର ହୋଇଥିବାରୁ ଆନନ୍ଦ ପ୍ରକାଶ କରିଥିଲେ। ଆମେରିକାରେ ଥିବା ତାଙ୍କ ପୁତ୍ର ବ୍ୟକ୍ତିଗତ ଭାବେ ଉପସ୍ଥିତ ହୋଇ ପାରିନଥିବାରୁ ଦୁଃଖ ପ୍ରକାଶ କରିବା ସହିତ ଭିଡ଼ିଓକଲ୍ ମାଧ୍ୟମରେ ତାଙ୍କର ବକ୍ତବ୍ୟ ରଖିଥିଲେ। ଉଦ୍‌ଘାଟନୀ ବକ୍ତବ୍ୟରେ ଇଂ. ନାୟକ ସ୍ୱର୍ଗତ ବାରିକ ସଂଘର ଜଣେ ଉତ୍ସାହୀ ପୃଷ୍ଠପୋଷକ ସଦସ୍ୟ ଭାବରେ ସଂଘ ଅଭିବୃଦ୍ଧିରେ ନିଜର ଅବଦାନ ରଖିଥିବା ଉଲ୍ଲେଖ କରି ତାଙ୍କର ଜନ୍ମମାଟିର ଉନ୍ନତି ସକାଶେ ଜଗନ୍ନାଥ ମନ୍ଦିର ନିର୍ମାଣ କରି ଦୃଢ଼ ସେବା ମନୋଭାବର ଉଦାହରଣ ସୃଷ୍ଟି କରିଥିଲେ ବୋଲି କହିଥିଲେ। ସଂଘର ଉପସଭାପତି ସୁଦର୍ଶନ ଦାସ ପୁତ୍ର କନ୍ୟାଙ୍କୁ ପ୍ରଶଂସା କରିବା ସହିତ ଏହାର ପଞ୍ଜୀକରଣ ଓ ସୁପରିଚାଳନା ନିମନ୍ତେ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। ସାଧାରଣ ସମ୍ପାଦକ ଦାମୋଦର ନାୟକ ନୈତିକ ମୂଲ୍ୟବୋଧ ଓ ପୂଜ୍ୟପୂଜାରେ ଆଜିର ଦିନରେ ଅବକ୍ଷୟ ଦେଖା ଦେଉଥିବାବେଳେ ସ୍ୱର୍ଗତ ବାରିକଙ୍କ ପୁତ୍ରକନ୍ୟା ତାଙ୍କ ପିତାଙ୍କ ଅନ୍ତିମ ଇଚ୍ଛା ପୂର୍ଣ୍ଣକରି ଆଜିର ଯୁବପିଢ଼ିଙ୍କ ପାଇଁ ଆଦର୍ଶ ସନ୍ତାନର କର୍ତ୍ତବ୍ୟବୋଧର ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ପ୍ରକାଶ କରିଥିଲେ। ଉପଦେଷ୍ଟା ବସନ୍ତ କୁମାର ନାୟକ ଏଭଳି ଉଦ୍ୟମକୁ ସାଧୁବାଦ ଜଣାଇବା ସହିତ ଗ୍ରାମବାସୀ ଓ ଛାତ୍ରଛାତ୍ରୀମାନେ ଏହାର ସୁଯୋଗ ନେବାକୁ ଅନୁରୋଧ କରିଥିଲେ। ଯୁଗ୍ମ ସମ୍ପାଦିକା ଶ୍ରୀମତୀ ସାବିତ୍ରୀ ଦାସ ସ୍ୱର୍ଗତ ବାରିକଙ୍କ ପୁତ୍ରକନ୍ୟାଙ୍କ ପିତୃଭକ୍ତିର ଭୂୟସୀ ପ୍ରଶଂସା କରିବା ସହିତ ସମାଜର ଉନ୍ନତିକଳ୍ପେ ଅନ୍ୟମାନେ ଆଗେଇ ଆସିବାକୁ ଆହ୍ୱାନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ବାରିକଙ୍କ ଦାଦା ଭଗବାନ ବାରିକ ତ୍ୟାଗ, ଭକ୍ତି, ସମର୍ପଣ ଭାବର ଆଜିର ସମାଜରେ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିବା ସହିତ ବିଭିନ୍ନ ପୌରାଣିକ ଓ ପାରମାର୍ଥିକ କଥାବସ୍ତୁର ଅବତାରଣା କରିଥିଲେ। ସ୍ୱର୍ଗତ ବାରିକଙ୍କ ପୁତୁରା ସୁଜୟ କୁମାର ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ବରଗଛ ଓ ଅଶ୍ୱତ୍ଥ ଗଛ ମଧ୍ୟରେ ବାହାଘର



ବାସୁଦେବପୁର, ୧୧/୫ (ନି.ପ୍ର): ବାସୁଦେବପୁର ପୌର ପାଳିକାର ବାର ନମ୍ବର ୱାର୍ଡ ର ମାଲୁ ସାହି ନଈ ପୋଲ ନିକଟସ୍ଥ କେନାଲ ବନ୍ଧ ଠାରେ ବରଗଛ ଓ ଅଶ୍ୱତ୍ଥ ଗଛ ମଧ୍ୟରେ ଶୁଭ ବିବାହ ଅନୁଷ୍ଠିତ ହୋଇ ଯାଇଛି। ଏହି ବିବାହ ଉତ୍ସବରେ ବର ପକ୍ଷରୁ ହରେକୃଷ୍ଣ ପାଢ଼ୀ, ସୁକାନ୍ତି ପାଢ଼ୀ ଯୋଗ ଦେଇଥିଲେ। କନ୍ୟା ପକ୍ଷରୁ ବୈକୁଣ୍ଠ ବାରିକ୍ ଓ ସରସ୍ୱତୀ ବାରିକ୍ କର୍ତ୍ତା ଭାବେ ପୂଜା ପାଠ ରେ ବସିଥିଲେ। ପରିବାର ବର୍ଗ ମାନଙ୍କ ମଧ୍ୟରେ ବସନ୍ତ ବାରିକ୍, ମାଳତୀ ବାରିକ୍, କରୁଣାକର ବାରିକ୍, ପାର୍ବତୀ ବାରିକ୍ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ। ବ୍ରାହ୍ମଣ ପୁରୋହିତ ମନ୍ତ୍ର ପାଠ କରିଥିଲେ। ଶାସ୍ତ୍ରୀୟ ମତ ଅନୁଯାୟୀ ପୂଜା ପାଠ, ନୀତି କାନ୍ତି, ହୋମ ଯଜ୍ଞ କରା ଯାଇଥିଲା। ବରଗଛ ଓ ଅଶ୍ୱତ୍ଥ ଗଛ ଙ୍କୁ ନୂତନ ଲୁଗା ପିନ୍ଧା ଯାଇ ଥିଲା। ଏହି ଗଛ ଲାଗିବା ଦ୍ୱାରା ଆମ ପୃଥିବୀରେ ଲୋକ ମାନେ ଅଧିକ ଅମ୍ଳଜାନ ପାଇ ପାରିବେ। ପରିବେଶ ସୁରକ୍ଷା ପାଇଁ ଏହି ଗଛ ର ଆବଶ୍ୟକତା ଅଧିକ ରହିଛି ବୋଲି ଏଠାରେ ଏହି ଉତ୍ସବ ର ମୁଖ୍ୟ କର୍ତ୍ତା ମତ ପ୍ରକାଶ କରିଥିଲେ। ଏହି ଶୁଭ ବିବାହରେ ବରଯାତ୍ରୀ ଆସିଥିଲେ ଓ ଶୋଭାଯାତ୍ରା ରେ ସମସ୍ତେ ଆନନ୍ଦ ଅନୁଭବ କରିଥିଲେ। ଶେଷରେ ସମସ୍ତେ ପ୍ରସାଦ ସେବନ କରିଥିଲେ। ଏହା ଏକ ନିଆରା କାର୍ଯ୍ୟକ୍ରମ ଥିଲା ଓ ଏଥିରେ ସମସ୍ତେ ମନ୍ତ୍ର ମୁଗ୍ଧ ହୋଇଥିଲେ।

# ଜଗବନ୍ଧୁ ମେମୋରିଆଲ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ




ବାସୁଦେବପୁର, ୧୧/୫ (ନି.ପ୍ର): ବାସୁଦେବପୁର ଟାଉନ୍ କ୍ଲବ୍ ପକ୍ଷରୁ ବାସୁଦେବପୁର ଅଟଳ ବିହାରୀ ହାଇସ୍କୁଲ ପରିସରରେ ଚାଲିଥିବା ଆନ୍ତଃରାଜ୍ୟ ଦିବାରାତ୍ର ଜଗବନ୍ଧୁ ମେମୋରିଆଲ ଫୁଟ୍ ବଲ୍ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କଟକର ଜୟ ଜଗନ୍ନାଥ କ୍ଲବ୍ କୁ ହରାଇ ଖୋର୍ଦ୍ଧାର ରଘୁନାଥ କ୍ଲବ୍ ଚମ୍ପିୟାନ ହୋଇଛି। ରଘୁନାଥ କ୍ଲବ୍ ୩ - ୦ ଗୋଲ୍ ରେ ବିଜୟ ଲାଭ କରିଛି। ଏହି ଉଦଯାପନୀ ଉତ୍ସବରେ ବାସୁଦେବପୁର ଟାଉନ୍ କ୍ଲବ୍ ସଭାପତି ଗଗନ ବିହାରୀ ମହାନ୍ତି ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ବିଧାୟକ ଅଶୋକ କୁମାର ଦାସ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ବାସୁଦେବପୁର ବିଧାୟକ ଙ୍କ ପ୍ରତିନିଧି କବି ଅଚ୍ୟୁତାନନ୍ଦ ପାଢ଼ୀ, ସମାଜସ୍ୱୀ ପରମାନନ୍ଦ ଦାସ, ସୁରେଶ ଚନ୍ଦ୍ର ମହାନ୍ତି, ଯୁବ ନେତା ବିଜୟ କୁମାର ମହାନ୍ତି । ଟାଉନ କ୍ଲବ୍ ସମ୍ପାଦକ ମହେଶ ଚନ୍ଦ୍ର ମହାନ୍ତି ବାର୍ଷିକ ବିବରଣୀ ପାଠ କରିଥିଲେ। ଚାମ୍ପିଅନ ଦଳ ଓ ରାନର୍ସ ଦଳ କୁ ଟ୍ରଫି ଓ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନା କରିଥିଲେ ଗଣେଶ୍ୱର ସିଂ, ମାନସ ବିଶ୍ୱାଳ, ରାମଚନ୍ଦ୍ର ବେଶ୍ରା । ବାସୁଦେବପୁର ପ୍ରେସ୍ କ୍ଲବ୍ ର କର୍ମକର୍ତ୍ତା ସତ୍ୟ ସୁନ୍ଦର ରାଉତ ଓ ରଞ୍ଜନ ନାୟକ ଧାରା ବିବରଣୀ ପ୍ରଦାନ କରିଥିଲେ। ଟାଉନ୍ କ୍ଲବ୍ ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ଦର୍ଶକ ଖେଳ ଉପଭୋଗ କରିଥିଲେ।


OFFICE OF THE REGULATED MARKET COMMITTEE, NILGIRI

**AT/PO- NILGIRI, DIST-BALASORE, PIN- 756040**

CONSTRUCTION OF SITE DEVELOPMENT WITH FILLING EARTH AND MORRUM AT "AJODHYA SUB-MARKET YARD UNDER RMC NILGIRI"

NOTICE NO. 240 //DATE. 07/05/2025

Sealed Tenders are invited from Registered **"C" & "D" Class Contractors** having valid"license for **'Construction of Site Development with filling Earth and Morrum'** at- Ajodhya Sub-Market yard, At/Po- jodhya Dist.- Balasore. The Sealed Tenders must reach the O/o the Regulated Market Committee, Nilgiri during the office hour from 7.00 A.M. to 1.00 PM on or before 20/05/2025. The estimated Project Cost is Rs.3,78,178/- (Rupees Three Lakhs Seventy- Eight thousand one hundred & seventy-eight) only excluding G.S.T. The EMD amount is 1% of the estimated Project Cost ie. Rs. 3781/- (Rupees three thousand seven hundred & eighty-one) only which will be deposited in the shape of Demand Draft in favor of the Secretary, Regulated Market Committee, Nilgiri. The details of the estimate may be procured by depositing requisite fee i.e. Rs. 600/- (Rupees Six hundred) only from the office during office hour i.e. **7.00 AM to 1.00 PM** from **Dt.09.05.2025** to on **Dt. 20.05.2025**. The sealed tenders will be opened at **10.00 AM** on **dt.21.05.2025** at **O/o the RMC, Nilgiri**. The work completion period is 01 months from the date of issue of work order.

The Authority reserves the right to reject any or all the Tenders at any time without assigning any reason thereof.

**Sub-Collector, Nilgiri-cum-Chairman, RMC, Nilgiri**


# ରାଜ୍ୟରେ ଖୁବ ଶୀଘ୍ର ଆରମ୍ଭ ହେବ ମହିଳା ଫାଷ୍ଟଟ୍ରାକ୍ କୋର୍ଟ : ଆଇନ ମନ୍ତ୍ରୀ

ଭୁବନେଶ୍ୱର,୧୧ ମଇ (ହି.ସ.) - ମହିଳାଙ୍କ ଉପରେ ନିର୍ଯାତନା, ଅପରାଧ ଏବଂ ଘରୋଇ ହିଂସା ଜନିତ ମାମଲାଗୁଡ଼ିକର ତଦନ୍ତ କରି ତ୍ୱରିତ ନ୍ୟାୟ ପ୍ରଦାନ କରିବା ଲକ୍ଷ୍ୟରେ ରାଜ୍ୟରେ ଖୁବ୍ ଶୀଘ୍ର ୫ଟି ମହିଳା ଫାଷ୍ଟଟ୍ରାକ୍ କୋର୍ଟ ଆରମ୍ଭ କରାଯିବ ବୋଲି ରାଜ୍ୟ ଆଇନ୍, ପୂର୍ତ୍ତ ଏବଂ ଅବକାରୀ ବିଭାଗ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ଏହି ଫାଷ୍ଟଟ୍ରାକ୍ କୋର୍ଟଗୁଡ଼ିକ ଏକ ମାସ ମଧ୍ୟରେ ମାମଲାର ଶୁଣାଣି କରି ମହିଳାଙ୍କୁ ନ୍ୟାୟ ପ୍ରଦାନ କରିବେ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫରେନ୍‌ସିକ୍ ମେଡିସିନ୍ ଆଣ୍ଡ ଟକ୍ସିକୋଲଜି ବିଭାଗ ଏବଂ ଇଣ୍ଡିଆନ୍ ଏକାଡେମି ଅଫ୍ ଫରେନ୍‌ସିକ୍ ମେଡିସିନ୍ (ଆଇଏଏଫଏମ୍)ର ରାଜ୍ୟ ଶାଖା ପକ୍ଷରୁ ମିଳିତ ଭାବେ ଆୟୋଜିତ ମେଡିକୋ-ଲିଗାଲ ସୋସାଇଟି ଅଫ୍ ଓଡ଼ିଶା (ଏମ୍ଏଲଏସ୍ଓ)ର ୪୩ତମ ବାର୍ଷିକ ସମ୍ମିଳନୀ "ଏମ୍ଇଏଲ୍ଇଏସ୍ଓସିଓଏନ୍ ୨୦୨୫" କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ହରିଚନ୍ଦନ ଏହି ସୂଚନା ଦେଇଛନ୍ତି। ନିଜ ବକ୍ତବ୍ୟରେ ଶ୍ରୀ ହରିଚନ୍ଦନ କହିଥିଲେ ଯେ ଅପରାଧର ତଦନ୍ତ, ଅପରାଧୀଙ୍କୁ ଦଣ୍ଡ ଏବଂ ନ୍ୟାୟ ପ୍ରଦାନ କରିବାରେ ଫରେନ୍‌ସିକ୍ ସାଇନ୍ସର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ବିଭିନ୍ନ ଥାନାଗୁଡ଼ିକରେ କର୍ତବ୍ୟରତ ତଦନ୍ତକାରୀ ଅଫିସରମାନେ ମେଡିକୋ-ଲିଗାଲ ପାଠ୍ୟ ସମ୍ପର୍କିତ ଜ୍ଞାନ ଆହରଣ କରିବା ଉଚିତ୍। ସେମାନେ ତଦନ୍ତ ନିମନ୍ତେ ଫରେନ୍‌ସିକ୍ ସାଇନ୍ସ ସମ୍ପର୍କିତ ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶ୍ୱବିଦ୍ୟାଳୟର ଗବେଷଣା କ୍ଷେତ୍ରରେ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଅନେକ ଯୋଗଦାନ ରହିଛି ବୋଲି କହିଥିଲେ। ଏଭଳି କାର୍ଯ୍ୟକ୍ରମ ଦ୍ୱାରା ଗବେଷଣା କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ କହିଥିଲେ। ଏହି ଅବସରରେ ସୋଆର ପ୍ରମୁଖ ଉପଦେଷ୍ଟା (ସ୍ୱାସ୍ଥ୍ୟ ବିଜ୍ଞାନ) ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ର ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ହସ୍ପିଟାଲ୍‌ରେ ଫରେନ୍‌ସିକ୍ ସାଇନ୍ସର ଗୁରୁତ୍ୱ ସମ୍ପର୍କରେ ତଥ୍ୟ ଉପସ୍ଥାପନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ର ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ଏହି ସମ୍ମିଳନୀର ଥିମ୍ 'ଫରେନ୍‌ସିକ୍ ଫ୍ରନ୍‌ଟିୟର୍ସ: ଏନସିୟୁଅରିଂ ମ୍ୟାଟରନାଲ, ଚାଇଲ୍ଡ ଆଣ୍ଡ ଟ୍ରାନ୍ସଜେଣ୍ଡର ହେଲ୍‌ଥ ଫର ସୋସିଆଲ୍ ଜଷ୍ଟିସ୍' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ମୁକାବିଲା ପାଇଁ ଭାରତ ପ୍ରସ୍ତୁତ...

ଡିଜିଏମଓ ପକ୍ଷରୁ ଏକ ମିଳିତ ପ୍ରେସ୍ ବ୍ରିଫିଂ କରାଯାଇ 'ଅପରେସନ ସିନ୍ଦୂର' ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଛି । ପହଲଗାମ ନରସଂହାରକୁ ନେଇ ଅପରେସନ ସିନ୍ଦୂର ଆରମ୍ଭ ହୋଇଥିଲା । ସେଥିପାଇଁ କେବଳ ଆତଙ୍କୀ ଠିକଣାକୁ ଟାର୍ଗେଟ କଲୁ । କେବଳ ଟାର୍ଗେଟ ହିଟ୍ ଆମ ଲକ୍ଷ୍ୟ ଥିଲା । ଆତଙ୍କବାଦୀଙ୍କ ୯ଟି କ୍ୟାମ୍ପକୁ ଧ୍ୱଂସ କରିଛୁ । ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କୀ ନିହତ ହୋଇଛନ୍ତି । ହେଡଲି ଓ କସାବକୁ ସୃଷ୍ଟି କରିଥିବା ଖରଂଜ କ୍ୟାମ୍ପ ଧ୍ୱଂସ କରିଛୁ । ଫଟୋ ଦେଖାଇ କିପରି ଧ୍ୱଂସ ହୋଇଛି ପ୍ରମାଣ ଦେଇଛନ୍ତି ଡିଜିଏଓ ଏକେ ଭାରତୀ । ଏୟାର ମାର୍ଶଲ (ଡିଜିଏଓ) ଏକେ ଭାରତୀ କହିଛନ୍ତି ଯେ, ଆମ ପାଖରେ ପାକିସ୍ତାନର ସବୁ ଏୟାରବେସକୁ ଧ୍ୱଂସର କ୍ଷମତା ରଖିଛୁ । ଏଥିସହ ବାୟୁସେନା କିପରି ଭାବେ ପାକିସ୍ତାନ ସାମରିକ ଘାଟି ଧ୍ୱଂସ କଲା ସେ ସ୍ପଷ୍ଟ କରିଛନ୍ତି । ଭିଡିଓ ଦେଖାଇ ବି ଏହାର ପ୍ରମାଣ ରଖିଛନ୍ତି । ଚକଲାଲା, ରାଫିକ୍, ରହିମ ୟାର୍ ଖାନ୍ ଏୟାରବେସ୍ ଧ୍ୱଂସ ହୋଇଛି । ଏହାପରେ ସର୍ଗୋଦା, ଭୁଲାରି, ଜାକୋବାବାଦ ବେସ୍ ନଷ୍ଟ କରିଛୁ । ଏଥିସହ ଆମ ବାୟୁସେନାର ସବୁ ପାଇଲଟ ସୁରକ୍ଷିତ ଫେରିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି । ପାକିସ୍ତାନ ପଟୁ ବହୁ ଡ୍ରୋନ୍ ଆକ୍ରମଣ ହୋଇଛି, ସବୁ ପଣ୍ଡ କରିଛୁ ବୋଲି କହିଛନ୍ତି ଏୟାର ମାର୍ଶଲ । ପାକିସ୍ତାନ ଦ୍ୱାରା କରାଯାଇଥିବା ଗୁଳିଗୋଳାରେ ଭାରତର କୌଣସି କ୍ଷତି ହୋଇନି । କାରଣ ଭାରତର ବାୟୁସେନା ପୁରାପୁରି ସକ୍ରିୟ ଓ ସଜାଗ ଥିଲା । ଆମେ ସବୁ ସମ୍ଭାବ୍ୟ ବିପଦକୁ ଠିକ୍ ସମୟରେ ନିଷ୍କ୍ରିୟ କରିଦେଇଥିଲୁ । ମେ ୮ ଓ ୯ ରାତିରେ ପାକିସ୍ତାନ ପଟୁ ଭାରତର ବିଭିନ୍ନ ସମୟରେ ଡ୍ରୋନ ଛଡା ଯାଇଥିଲା । ଏଥିସହ ମେ ୭ରୁ ୧୦ ମଧ୍ୟରେ ଅପରେସନରେ ୩୫ରୁ ୪୦ ପାକ୍ ସେନା ନିହତ ହୋଇଥିବାର ସୂଚନା ଦେଇଛନ୍ତି ଡିଜିଏମଓ ରାଜୀବ ଘାଇ । ସ୍ଥଳସେନା ଡିଜିଏମଓ ଅସ୍ତ୍ରବିରତି ପ୍ରସଙ୍ଗରେ କହିଛନ୍ତି ଯେ, ପ୍ରଥମେ ପାକିସ୍ତାନୀ ଡିଜିଏମଓ ତାଙ୍କୁ ଅସ୍ତ୍ରବିରତି ପାଇଁ ଫୋନ୍ କରିଥିଲେ । ୧୦ ତାରିଖ ୩ଟା ୩୫ ମିନିଟ୍ ସମୟରେ ଫୋନ୍ କରି ଅସ୍ତ୍ରବିରତି ପାଇଁ ତାଙ୍କ ପକ୍ଷରୁ ପ୍ରସ୍ତାବ ଦେଇଥିଲେ । ଏନେଇ ଆଲୋଚନା ପରେ ସହମତି ହୋଇଥିଲା ୧୨ ତାରିଖ ୧୨ଟାରେ ପୁଣି ଆଲୋଚନା ପାଇଁ ସ୍ଥିର ହୋଇଛି । ତେବେ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ୩ ସେନା ପ୍ରସ୍ତୁତ । ଦେଶର ସାର୍ବଭୌମତ୍ୱ ଓ ଅଖଣ୍ଡତା ବଜାୟ ପାଇଁ ସବୁ କ୍ଷମତା ରହିଛି ବୋଲି କହିଛନ୍ତି ଡିଜିଏମଓ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶାରେ ଗ୍ରୀଷ୍ମପ୍ରବାହ...

ଏଠାରେ ସର୍ବାଧିକ ତାପମାତ୍ରା ୩୯.୬ ଡିଗ୍ରି ସେଲସିୟସ୍ ରେକର୍ଡ ହୋଇଛି। ଏଣେ ,ହୀରାକୁଦରେ ୩୯.୪, ସମ୍ବଲପୁରରେ ୩୯., ବାଲେଶ୍ୱରରେ ୩୮ , ପୁରୀରେ ୩୫, ରାଉରକେଲା ୩୭, ଭୁବନେଶ୍ୱରରେ ୩୭.୬ ଡିଗ୍ରି ତାପମାତ୍ରା ରେକର୍ଡ ହୋଇଛି। ପୂର୍ବ ଓଡ଼ିଶାରେ ଗରମ ସାଙ୍ଗକୁ ଗୁଳୁଗୁଳି ଅନୁଭୂତ ହେଉଛି। ଏହି କାରଣରୁ ଘରେ ରହି ହେଉନି କି ବାହାରକୁ ବାହାରି ହେଉନି। ଏଣେ ଆସନ୍ତା ୧୫ ତାରିଖ ଯାଏ ପ୍ରବଳ ଖରାରୁ ଆଶ୍ୱସ୍ତି ମିଳିବନି ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### ସିଭିଲ ଡିଫେନ୍ସ ସଙ୍ଗଠନରେ...

ଯୋଗ ଦେବାକୁ ଯୁବ ସମାଜ ଆଗେଇ ଆସନ୍ତୁ। ସେବା ଓ ଜାତୀୟତାର ମନୋଭାବକୁ ଆହୁରି ଦୃଢ଼ କରନ୍ତୁ। ସିଭିଲ ଡିଫେନ୍ସ ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗଦେବାକୁ ଦେଲେ ଆଦେଶର ସାଧାରଣ ଲୋକଙ୍କ ଧନ, ଜୀବନର ସୁରକ୍ଷା ଆମ ସମସ୍ତଙ୍କ ଦାୟିତ୍ୱ। ସୁରକ୍ଷା ଓ ସେବା ଆମର ସର୍ବୋଚ୍ଚ କର୍ତ୍ତବ୍ୟ। ଏଥିପାଇଁ ଜାତୀୟତାର ମନୋଭାବ ନେଇ ବେସାମରିକ ସୁରକ୍ଷା ବା ସିଭିଲ ଡିଫେନ୍ସ ସଙ୍ଗଠନରେ ସ୍ୱେଚ୍ଛାସେବୀ ଭାବେ ଯୋଗ ଦେବାକୁ ଯୁବ ସମାଜ ଆଗେଇ ଆସନ୍ତୁ। ସେବା ଓ ଜାତୀୟତାର ମନୋଭାବକୁ ଆହୁରି ଦୃଢ଼ କରନ୍ତୁ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ଇଚ୍ଛୁକ ସ୍ୱେଚ୍ଛାସେବୀମାନେ ଜିଲ୍ଲାସ୍ତରରେ ଜିଲାପାଳଙ୍କୁ ଆବେଦନ କରିପାରିବେ। ଜିଲାପାଳ ହେଉଛନ୍ତି ଜିଲା ବେସାମରିକ ସୁରକ୍ଷାର ନିୟନ୍ତ୍ରକ। ଏହି ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷିତ କରାଯିବ। ଆବଶ୍ୟକ ହେଲେ ସେବା ଓ ଜାତୀୟତାର ମନୋଭାବ ରଖି ସେମାନେ ଜନସାଧାରଣଙ୍କୁ ସେବା ଯୋଗାଇଦେବେ। ଆମ ରାଜ୍ୟର ୧୨ଟି ସ୍ଥାନରେ ସିଭିଲ ଡିଫେନ୍ସ ସଙ୍ଗଠନ କାର୍ଯ୍ୟ କରୁଛି। ଆବଶ୍ୟକତା ଅନୁଯାୟୀ ଅନ୍ୟ ସ୍ଥାନଗୁଡ଼ିକରେ ନୂଆ ସଙ୍ଗଠନ ଗଢ଼ିବାକୁ ମୁଁ ନିର୍ଦ୍ଦେଶ ଦେଇଛି। ମୋର ଆଶା ଓ ବିଶ୍ୱାସ ବ୍ୟକ୍ତିବିଶେଷ ବିଶେଷ କରି ଯୁବବର୍ଗ ଆଗେଇ ଆସିବେ।

### ୱାଶିଂଟନ୍ ଡିସି କିପରି ...

ନେତା ଏବଂ ଲୋକସଭାରେ ବିରୋଧୀ ଦଳର ନେତା ହିସାବରେ ୨୮ ଏପ୍ରିଲ ୨୦୨୫ ତାରିଖରେ ଆପଣଙ୍କୁ ଚିଠି ଲେଖି ପହଲଗାମରେ ହୋଇଥିବା ଅମାନବୀୟ ଆତଙ୍କବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ସଂସଦର ଉଭୟ ସଦନର ଏକ ବିଶେଷ ଅଧିବେଶନ ଡାକିବାକୁ ଅନୁରୋଧ କରିଥିଲି," ସେ କହିଛନ୍ତି। "ନୂଆ ଘଟଣାକ୍ରମକୁ ଦୃଷ୍ଟିରେ ରଖି ଲୋକସଭାରେ ବିରୋଧୀ ଦଳର ନେତା ଆପଣଙ୍କୁ ପୁନର୍ବାର ଚିଠି ଲେଖି ସମସ୍ତ ବିରୋଧୀ ଦଳଗୁଡ଼ିକର ଏକମତ ଅନୁରୋଧ ଜଣାଇଛନ୍ତି ଯେ ପହଲଗାମ ଆତଙ୍କ, ଅପରେସନ୍ ସିନ୍ଦୂର ଏବଂ ପ୍ରଥମେ ୱାଶିଂଟନ ଡିସିରୁ ଏବଂ ପରେ ଭାରତ ଓ ପାକିସ୍ତାନ ସରକାରଙ୍କ ଦ୍ୱାରା ଘୋଷିତ ଯୁଦ୍ଧବିରତି ଘୋଷଣା ଉପରେ ଆଲୋଚନା ପାଇଁ ସଂସଦର ଏକ ବିଶେଷ ଅଧିବେଶନ ଡକାଯାଉ। ରାଜ୍ୟସଭାରେ ବିରୋଧୀ ଦଳର ନେତା ହିସାବରେ ମୁଁ ଏହି ଅନୁରୋଧକୁ ସମର୍ଥନ କରି ଲେଖୁଛି। ମୁଁ ବିଶ୍ୱାସ କରୁଛି ଆପଣ ଏହାକୁ ସହମତ ହେବେ," ସେ ଲେଖିଛନ୍ତି। ଏହାପୂର୍ବରୁ, ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ୍ ସିନ୍ଦୂର ଅଧୀନରେ ପାକିସ୍ତାନ ଏବଂ ପାକିସ୍ତାନ-ଅଧିକୃତ କାଶ୍ମୀରରେ ବିମାନ ଆକ୍ରମଣ ପରେ ସରକାର ଏକ ସର୍ବଦଳୀୟ ବୈଠକ ଡାକିଥିଲେ। ପ୍ରଧାନମନ୍ତ୍ରୀ ଏହି ଦୁଇଟି ବୈଠକରେ ଉପସ୍ଥିତ ନଥିଲେ। ଉଭୟ ବୈଠକରେ ବିରୋଧୀ ଦଳ ସରକାରଙ୍କୁ ଆତଙ୍କବାଦୀ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଯେକୌଣସି କାର୍ଯ୍ୟାନୁଷ୍ଠାନରେ ପୂର୍ଣ୍ଣ ସମର୍ଥନ ଦେବାକୁ ଆଶ୍ୱାସନା ଦେଇଥିଲେ, ଯେଉଁ ଆକ୍ରମଣରେ ୨୬ ଜଣ ନିରୀହ ଲୋକ ମୃତ୍ୟୁବରଣ କରିଥିଲେ। ନୂଆଦିଲ୍ଲୀ ଏବଂ ଇସଲାମାବାଦ ମଧ୍ୟରେ ବୃଦ୍ଧି ପାଉଥିବା ଉତ୍ତେଜନା ମଧ୍ୟରେ ଏକ ଆଶ୍ଚର୍ଯ୍ୟଜନକ ଘଟଣାକ୍ରମରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗତକାଲି ଘୋଷଣା କରିଥିଲେ ଯେ ଉଭୟ ପକ୍ଷ ଏକ ଯୁଦ୍ଧବିରତିରେ ସହମତ ହୋଇଛନ୍ତି।

### ବ୍ରହ୍ମୋସ ଉତ୍ପାଦନ ୟୁନିଟ୍ ...

ସେହି ପରୀକ୍ଷଣ ଆମର ବୈଜ୍ଞାନିକ, ଇଞ୍ଜିନିୟର, ପ୍ରତିରକ୍ଷା କର୍ମଚାରୀ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ଅପାର ପ୍ରୟାସର ଫଳାଫଳ ଥିଲା। ଏହି ଅବସରରେ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବ୍ରହ୍ମୋସର ଶକ୍ତି ବିଷୟରେ ବ୍ୟାଖ୍ୟା କରି କହିଛନ୍ତି, ଆପଣମାନେ ସମସ୍ତେ ଜାଣନ୍ତି ଯେ, ବ୍ରହ୍ମୋସ ବିଶ୍ୱର ସବୁଠାରୁ ଦ୍ରୁତତମ ସୁପରସୋନିକ୍ କ୍ରୁଜ୍ କ୍ଷେପଣାସ୍ତ୍ର ମଧ୍ୟରୁ ଗୋଟିଏ। କିନ୍ତୁ ବ୍ରହ୍ମୋସ କେବଳ ଏକ ଅସ୍ତ୍ର ନୁହେଁ, ଏହା ନିଜେ ଏକ ବାର୍ତ୍ତା। ଆମର ସଶସ୍ତ୍ର ବାହିନୀର ଶକ୍ତି, ଆମର ଶତ୍ରୁମାନଙ୍କ ପ୍ରତି ଆମର ପ୍ରତିରୋଧ ଏବଂ ଆମର ସୀମାକୁ ସୁରକ୍ଷା ଦେବା ପାଇଁ ଆମର ପ୍ରତିବଦ୍ଧତା। ସେ କହିଛନ୍ତି, ଏହି ଉତ୍ପାଦନ ୟୁନିଟ୍ ଭାରତର ପ୍ରତିରକ୍ଷା ଉତ୍ପାଦନ କ୍ଷମତାକୁ ଆହୁରି ମଜବୁତ କରିବ ଏବଂ ଆତ୍ମନିର୍ଭରଶୀଳ ଭାରତ ଦିଗରେ ଆଉ ଏକ ଦୃଢ଼ ପଦକ୍ଷେପ। ସେ କହିଛନ୍ତି, ପାକିସ୍ତାନରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଧ୍ୱଂସ କରିବା ଲକ୍ଷ୍ୟରେ ଭାରତୀୟ ସେନା ଅପରେସନ ସିନ୍ଦୂର ଆରମ୍ଭ କରିଥିଲେ। ଆମେ କେବେ ବି ସେମାନଙ୍କର ସାଧାରଣ ଲୋକଙ୍କୁ ଟାର୍ଗେଟ କରିନାହୁଁ। କିନ୍ତୁ ପାକିସ୍ତାନ କେବଳ ଭାରତର ସାଧାରଣ ଅଞ୍ଚଳକୁ ଟାର୍ଗେଟ କରିନଥିଲା ବରଂ ମନ୍ଦିର, ଗୁରୁଦ୍ୱାର ଏବଂ ଚର୍ଚ୍ଚ ଉପରେ ମଧ୍ୟ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ଏହା ସହିତ, ସେ କହିଛନ୍ତି ଯେ ଭାରତୀୟ ସେନା ସାହସ ଏବଂ ବୀରତ୍ୱ ପ୍ରଦର୍ଶନ କରିବା ସହିତ ସଂଯମତା ପ୍ରଦର୍ଶନ କରିଛି ଏବଂ ପାକିସ୍ତାନର ଅନେକ ସାମରିକ ଘାଟି ଉପରେ ଆକ୍ରମଣ କରି ଉପଯୁକ୍ତ ଜବାବ ଦେଇଛି। ଆମେ କେବଳ ସୀମା ନିକଟରେ ଅବସ୍ଥିତ ସାମରିକ ଘାଟିଗୁଡ଼ିକ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହୁଁ, ବରଂ ପାକିସ୍ତାନ ସେନାର ମୁଖ୍ୟାଳୟ ରାୱଲପିଣ୍ଡି ପର୍ଯ୍ୟନ୍ତ ଭାରତୀୟ ସେନାର ବିପଦ ଅନୁଭୂତ ହୋଇଥିଲା। ରାଜନାଥ ସିଂହ କହିଛନ୍ତି, ଉରି ଘଟଣା ପରେ, ସାରା ବିଶ୍ୱ ଦେଖିଲା ଯେ, ଭାରତରେ ଆତଙ୍କବାଦୀ ଘଟଣା ଘଟାଇବା ଏବଂ କରାଇବାର ପରିଣାମ କ'ଣ ହୁଏ। ଯେତେବେଳେ ଆମର ସେନା ପାକିସ୍ତାନରେ ପ୍ରବେଶ କରି ସର୍ଜିକାଲ୍ ଷ୍ଟ୍ରାଇକ୍ କରିଥିଲା, ପୁଲୱାମା ପରେ, ଆମେ ଦେଖିଲୁ ଯେତେବେଳେ ବାଲାକୋଟରେ ବାୟୁସେନା ଆକ୍ରମଣ କରାଯାଇଥିଲା ଏବଂ ଏବେ ପହଲଗାମ୍ ଘଟଣା ପରେ, ବିଶ୍ୱ ଦେଖୁଛି ଯେ, ଭାରତ ପାକିସ୍ତାନରେ ପ୍ରବେଶ କରି ଅନେକ ଆକ୍ରମଣ କରିଛି। ଆତଙ୍କବାଦ ବିରୁଦ୍ଧରେ ଶୂନ ସହନଶୀଳତାର ନୀତି ଅନୁସରଣ କରି, ଆମର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ପଷ୍ଟ କରିଛନ୍ତି ଯେ, ଏହା ଏକ ନୂତନ ଭାରତ, ଯାହା ସୀମାର ଉଭୟ ପାର୍ଶ୍ୱରେ ଆତଙ୍କବାଦ ବିରୁଦ୍ଧରେ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ୩୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଉତ୍ପାଦନ ୟୁନିଟ୍ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ଉତ୍ପାଦନ କରିବ, ଯାହାର ଲକ୍ଷ୍ୟଭେଦ କ୍ଷମତା ୨୯୦ରୁ ୪୦୦କିଲୋମିଟର ଏବଂ ସର୍ବାଧିକ ଗତି ୨.୮ ମାକ୍ ରହିବ।

### ମୋଦିଙ୍କ ରୋକ୍‌ଠୋକ୍ ଜବାବ ...

ହେଲେ ବି କିନ୍ତୁ ସରିନି 'ଅପରେସନ ସିନ୍ଦୂର' । ଏକଥା ଆଜି ସ୍ପଷ୍ଟ କରିଛି ଭାରତୀୟ ବାୟୁ ସେନା । ଏୟାର ଫୋର୍ସ କହିଛି- ଅପରେସନ ସିନ୍ଦୂର ମାଧ୍ୟମରେ ଦିଆଯାଇଥିବା ଟାସ୍କକୁ ସଫଳତାର ସହ ପ୍ରତିପାଦନ କରାଯାଇଛି । ସମନ୍ୱିତ, ସୁଚିନ୍ତିତ ଭାବେ ଏ ଅପରେସନ୍ ଚାଲିଛି । ତେବେ କୌଣସି କାଳ୍ପନିକ ଓ ଅସତ୍ୟ ଖବରଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି ଇଣ୍ଡିଆନ୍ ଏୟାର ଫୋର୍ସ । ତେଣେ 'ଅପରେସନ ସିନ୍ଦୂର'କୁ ନେଇ ବଡ଼ ବୟାନ ରଖିଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ । ରାଜନାଥ କହିଛନ୍ତି- 'ଅପରେସନ ସିନ୍ଦୂର' କେବଳ ଏକ ସୈନ୍ୟ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଆତଙ୍କବାଦ ବିରୋଧୀ ଲଢ଼େଇ । ଏହା ଦେଶର ରାଜନୈତିକ, ସାମାଜିକ ଓ ରଣନୈତିକ ଇଚ୍ଛାଶକ୍ତିର ପ୍ରତୀକ ।ଭାରତୀୟ ସେନାର ଗର୍ଜନ କେବଳ ସୀମାରେ ସୀମୀତ ରହିନି ବରଂ ପାକ୍ ସେନାର ମୁଖ୍ୟାଳୟ ରାୱଲପିଣ୍ଡି ଯାଏଁ ବି ଶୁଭିଛି । ଭାରତ ଆତଙ୍କବାଦ ବିରୋଧରେ ଯେବେ ବି କୌଣସି ଆକ୍ସନ ନେବ, ଉଭୟ ଆତଙ୍କୀ ଓ ସେମାନଙ୍କ ଆକ୍କାଙ୍କ ପାଇଁ ସୀମା ଆରପଟ ଭୂମି ବି ସୁରକ୍ଷିତ ନୁହେଁ ବୋଲି ଚେତାଇ ଦେଇଛନ୍ତି ପ୍ରତିରକ୍ଷାନ୍ତ୍ରୀ । ସେପଟେ ଅସ୍ତ୍ର ବିରତି ଘୋଷଣା ପରଠାରୁ ସୀମା ଶାନ୍ତ ଅଛି, ଗର୍ଜୁନି ଗୁଳିଗୋଳା କି ଉଡୁନି ଯୁଦ୍ଧ ଜାହାଜ । ହେଲେ ବି କିନ୍ତୁ ସରିନି 'ଅପରେସନ ସିନ୍ଦୂର' । ଏକଥା ଆଜି ସ୍ପଷ୍ଟ କରିଛି ଭାରତୀୟ ବାୟୁ ସେନା । ଏୟାର ଫୋର୍ସ କହିଛି- ଅପରେସନ ସିନ୍ଦୂର ମାଧ୍ୟମରେ ଦିଆଯାଇଥିବା ଟାସ୍କକୁ ସଫଳତାର ସହ ପ୍ରତିପାଦନ କରାଯାଇଛି । ସମନ୍ୱିତ, ସୁଚିନ୍ତିତ ଭାବେ ଏ ଅପରେସନ୍ ଚାଲିଛି । ତେବେ କୌଣସି କାଳ୍ପନିକ ଓ ଅସତ୍ୟ ଖବରଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି ଇଣ୍ଡିଆନ୍ ଏୟାର ଫୋର୍ସ । ତେଣେ 'ଅପରେସନ ସିନ୍ଦୂର'କୁ ନେଇ ବଡ଼ ବୟାନ ରଖିଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ। ରାଜନାଥ କହିଛନ୍ତି- 'ଅପରେସନ ସିନ୍ଦୂର' କେବଳ ଏକ ସୈନ୍ୟ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଆତଙ୍କବାଦ ବିରୋଧୀ ଲଢ଼େଇ । ଏହା ଦେଶର ରାଜନୈତିକ, ସାମାଜିକ ଓ ରଣନୈତିକ ଇଚ୍ଛାଶକ୍ତିର ପ୍ରତୀକ ।ଭାରତୀୟ ସେନାର ଗର୍ଜନ କେବଳ ସୀମାରେ ସୀମୀତ ରହିନି ବରଂ ପାକ୍ ସେନାର ମୁଖ୍ୟାଳୟ ରାୱଲପିଣ୍ଡି ଯାଏଁ ବି ଶୁଭିଛି । ଭାରତ ଆତଙ୍କବାଦ ବିରୋଧରେ ଯେବେ ବି କୌଣସି ଆକ୍ସନ ନେବ, ଉଭୟ ଆତଙ୍କୀ ଓ ସେମାନଙ୍କ ଆକ୍କାଙ୍କ ପାଇଁ ସୀମା ଆରପଟ ଭୂମି ବି ସୁରକ୍ଷିତ ନୁହେଁ ବୋଲି ଚେତାଇ ଦେଇଛନ୍ତି ପ୍ରତିରକ୍ଷାମନ୍ତ୍ରୀ ।

### ଦୀଘା ଜଗନ୍ନାଥ ମନ୍ଦିର...

ନିଲମ୍ବନ କରିବାକୁ ନିଷ୍ପତ୍ତି ନେଇଛି। ରାମକୃଷ୍ଣ ଏକ ସାମ୍ବାଦିକ ସମ୍ମିଳନୀରେ ଦାବି କରିଥିଲେ ଯେ, ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ତାଙ୍କର ଜଣେ ଶିଷ୍ୟ ଏବଂ ତାଙ୍କୁ ମନ୍ଦିର ପ୍ରତିଷ୍ଠା ପାଇଁ ଡାକିଥିଲେ। ସେ ତିଥି ଅନୁସାରେ ପୂଜାର୍ଚ୍ଚନା କରିବାକୁ ପରାମର୍ଶ ଦେଇଥିବା ମଧ୍ୟ କହିଥିଲେ। ଏହି ମନ୍ତବ୍ୟ ବିବାଦକୁ ଆହୁରି ବଢ଼ାଇଥିଲା। ଶ୍ରୀମନ୍ଦିର ପ୍ରଶାସନ କହିଛି ଯେ, ଏହି ଘଟଣା ଶ୍ରୀମନ୍ଦିରର ପରମ୍ପରା ଓ ନୀତିକୁ ଉଲ୍ଲଂଘନ କରୁଛି। ତଦନ୍ତରେ ରାମକୃଷ୍ଣଙ୍କ ଭୂମିକା ପ୍ରମାଣିତ ହେବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ସହ ତାଙ୍କ ବିରୋଧରେ ଆଗାମୀ ଦିନରେ ଅଧିକ କଠୋର ପଦକ୍ଷେପ ନିଆଯାଇପାରେ ବୋଲି ସୂଚନା ମିଳିଛି।

ଧ୍ୱନି ପ୍ରତିଧ୍ୱନି



# 'ରୂପାୟନ' ପକ୍ଷରୁ 'ବିଶ୍ୱ ମାତୃ ଦିବସ' ପାଳିତ

ବାଲେଶ୍ୱର,୧୧/୫ : (ନି.ପ୍ର) ମାଆମାନେ କେବଳ ପାଳନକର୍ତ୍ତ୍ରୀ ନୁହନ୍ତି, ସେମାନେ ନିଜର ତ୍ୟାଗ ଓ ତିତିକ୍ଷା ବଳରେ ସଂସାରକୁ ଶିକ୍ଷିତ ଓ ସଂସ୍କୃତ କରିଥାନ୍ତି । ମାଆଟିଏ କେବଳ ଦେଇଚାଲିଥାଏ, କେବେ ନେବାକୁ ଅପେକ୍ଷା ରଖେନାହିଁ । ଶେଷ ନିଃଶ୍ୱାସ ଯାଏ ସେ ସନ୍ତାନର କେବଳ ମଙ୍ଗଳ ହିଁ ଚାହିଁଥାଏ । ଯେଉଁଠି ମାତୃଜାତିକୁ ସମ୍ମାନ ମିଳିଥାଏ, ସେଠାରେ ଦେବତାମାନେ ଚଳପ୍ରଚଳ ହୋଇଥାନ୍ତି ।ବିଶ୍ୱର ଯେତେ ବଡ଼ବଡ଼ ସଭ୍ୟତା ସୃଷ୍ଟି ହୋଇଛି ବା ତିଷ୍ଠିରହିଛି, ତା ମୂଳରେ ମାତୃଜାତିର ବିଶେଷ ଭୂମିକା ରହିଛି ବୋଲି ସାମାଜିକ ଓ ସାଂସ୍କୃତିକ ସଂଗଠନ 'ରୂପାୟନ' ପକ୍ଷରୁ ଆୟୋଜିତ 'ବିଶ୍ୱ ମାତୃ ଦିବସ' ପାଳନ ଅବସରରେ ଅତିଥିବକ୍ତା ତଥା ସମ୍ବର୍ଦ୍ଧିତ ବନ୍ଦନୀୟା ମାତୃମଣ୍ଡଳୀମାନେ ସେମାନଙ୍କ ବକ୍ତବ୍ୟରେ ପ୍ରକାଶ କରିଛନ୍ତି । ୧୧ ତାରିଖ ଅପରାହ୍ଣରେ 'ବହିଘର-ବିଦ୍ୟାଭାରତୀ' ସଭାଗୃହରେ କବି ଅଭୟ ଦାସଙ୍କ ପୌରୋହିତ୍ୟ ଏବଂ 'ରୂପାୟନ'ର ସଂପାଦିକା ଶ୍ରଦ୍ଧାଞ୍ଜଳି ରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ବିଶିଷ୍ଟ ଉଦ୍ୟୋଗୀ ତଥା କବି ବାସନ୍ତୀ ପାଣି, ବାଲେଶ୍ୱର ଜିଲ୍ଲା ପରିଷଦ ୩୧ ନମ୍ବର ଜୋନର ପ୍ରାକ୍ତନ ସଦସ୍ୟା ଜୟନ୍ତୀ ମିଶ୍ର ଏବଂ ସମାଜସେବିକା ପ୍ରଣିତା ମିଶ୍ର ପ୍ରମୁଖଙ୍କୁ ବନ୍ଦନୀୟା ମାଆ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସଭାରେ ମୁଖ୍ୟ ବକ୍ତା ଭାବରେ ଡକ୍ଟର ରାଧାରଞ୍ଜନ ପଟ୍ଟନାୟକ, ସମ୍ମାନିତ ବକ୍ତା ଭାବରେ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ମଞ୍ଜୁଲତା ବଳ, ଅଧ୍ୟାପକ ଡକ୍ଟର ପ୍ରଦୀପ୍ତ ମିଶ୍ର, ସମାଜସେବୀ ଯାଦବେଶ ମିଶ୍ର, ବିଜୟ ଦାସ ଅଧିକାରୀ ଏବଂ ମଧୁସୂଦନ ମିଶ୍ର ପ୍ରମୁଖ ଯୋଗଦେଇ ମାତୃଦିବସର ମହତ୍ତ୍ୱ ସଂପର୍କରେ ଆଲୋଚନା କରିଥିଲେ । ଦେବାଶିଷ ପଣ୍ଡା ଧନ୍ୟବାଦ ଦେଇଥିଲେ ।




# ଜମ୍ମୁ ଓ କଶ୍ମୀରର ୨୦ଟି ସ୍ଥାନରେ ପୁଲିସର ଚଢଉ: ସ୍ଲିପର ସେଲ ମଡ୍ୟୁଲର ପର୍ଦ୍ଦାଫାଶ

ନୂଆଦିଲ୍ଲୀ, ୧୧/୫ : ଜମ୍ମୁ-କାଶ୍ମୀରର ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଆତଙ୍କବାଦୀ ଏବଂ ସେମାନଙ୍କ ସମର୍ଥକଙ୍କ ବିରୋଧରେ ସୁରକ୍ଷା ବାହିନୀର ଅଭିଯାନ ତୀବ୍ର ହୋଇଛି। ଏହି ସମୟରେ, ରାଜ୍ୟ ପୁଲିସର ତଦନ୍ତକାରୀ ସଂସ୍ଥାକୁ ଏକ ବଡ଼ ସଫଳତା ମିଳିଛି। ଦକ୍ଷିଣ କାଶ୍ମୀରରେ ୨୦ଟି ସ୍ଥାନରେ ଚଢାଉ କରି ପୁଲିସ ଏକ ଆତଙ୍କୀ ସ୍ଲିପର ସେଲ୍ ମଡ୍ୟୁଲ୍‌ର ପର୍ଦ୍ଦାଫାଶ କରିଛି। ଚଢଉ ସମୟରେ, ବହୁ ପରିମାଣର ଆପତ୍ତିଜନକ ଜିନିଷ ଉଦ୍ଧାର କରାଯାଇଥିଲା। ଏହା ସହିତ, କିଛି ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି, ଯେଉଁମାନଙ୍କୁ ପଚରାଉଚରା କରାଯାଉଛି। ବୈଷୟିକ ଗୁଇନ୍ଦା ସୂଚନାରୁ ଜଣାପଡିଛି ଯେ କାଶ୍ମୀରର ଅନେକ ସ୍ଲିପର ସେଲ୍ ପାକିସ୍ତାନରେ ବସିଥିବା ସେମାନଙ୍କ ମାଲିକମାନଙ୍କ ସହ ସିଧାସଳଖ ଯୋଗାଯୋଗରେ ଥିଲେ ଏବଂ ହ୍ୱାଟ୍ସଆପ୍, ଟେଲିଗ୍ରାମ, ସିଗନାଲ ଇତ୍ୟାଦି ମେସେଜିଂ ଆପ୍ ମାଧ୍ୟମରେ ସୁରକ୍ଷା ବାହିନୀ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ବିଷୟରେ ସମ୍ବେଦନଶୀଳ ଏବଂ ରଣନୈତିକ ସୂଚନା ପ୍ରଦାନ କରିବାରେ ସମ୍ପୃକ୍ତ ଥିଲେ। ରାଜ୍ୟ ତଦନ୍ତ ସଂସ୍ଥା (ଏସଆଇଏ) ଏକ ବିଜ୍ଞପ୍ତିରେ କହିଛି ଯେ ଜମ୍ମୁ ଏବଂ କାଶ୍ମୀର ପୁଲିସ କାଶ୍ମୀରରେ କାର୍ଯ୍ୟ କରୁଥିବା ଆତଙ୍କବାଦୀ ସହଯୋଗୀ ଏବଂ ଓଭର ଗ୍ରାଉଣ୍ଡ ୱାର୍କର୍ସ (ଓଜିଡବ୍ଲୁ) ଉପରେ ନଜର ରଖିଛି। ବୈଷୟିକ ଗୁଇନ୍ଦା ସୂଚନାରୁ ଜଣାପଡିଛି ଯେ କାଶ୍ମୀରର ଅନେକ ସ୍ଲିପର ସେଲ୍ ପାକିସ୍ତାନରେ ବସିଥିବା ସେମାନଙ୍କ ମାଲିକମାନଙ୍କ ସହ ସିଧାସଳଖ ଯୋଗାଯୋଗରେ ଥିଲେ ଏବଂ ହ୍ୱାଟ୍ସଆପ୍, ଟେଲିଗ୍ରାମ, ସିଗନାଲ ଇତ୍ୟାଦି ମେସେଜିଂ ଆପ୍ ମାଧ୍ୟମରେ ସୁରକ୍ଷା ବାହିନୀ ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ବିଷୟରେ ସମ୍ବେଦନଶୀଳ ଏବଂ ରଣନୈତିକ ସୂଚନା ପ୍ରଦାନ କରିବାରେ ସମ୍ପୃକ୍ତ ଥିଲେ। କୁହାଯାଉଛି ଯେ ଏହି ଆତଙ୍କବାଦୀ ସହଯୋଗୀମାନେ ଲସ୍କର-ଏ-ତୈବା ଏବଂ ଜୈଶ-ଏ-ମହମ୍ମଦର ଆତଙ୍କବାଦୀ କମାଣ୍ଡରଙ୍କ ନିର୍ଦ୍ଦେଶରେ ଅନଲାଇନ୍ ମୌଳିକ ପ୍ରଚାରରେ ମଧ୍ୟ ସାମିଲ ଥିଲେ, ଯାହା ଜାତୀୟ ସୁରକ୍ଷା ଏବଂ ଅଖଣ୍ଡତାକୁ ବିପଦରେ ପକାଇଥିଲା।



# ଭାରତ -ପାକିସ୍ତାନ ସୀମା ନିକଟରୁ ଆରଡିଏକ୍ସ, ହ୍ୟାଣ୍ଡ ଗ୍ରେନେଡ୍ ଓ ଅସ୍ତ୍ରଶସ୍ତ୍ର ଜବତ

ଚଣ୍ଡୀଗଡ଼, ୧୧/୦୫ : ପଞ୍ଜାବ ପୋଲିସ ସହିତ ମିଶି ବିଏସଏଫ ଭାରତ -ପାକିସ୍ତାନ ସୀମା ନିକଟରୁ ଆରଡିଏକ୍ସ, ହ୍ୟାଣ୍ଡ ଗ୍ରେନେଡ୍ ଓ କେତେକ ଅସ୍ତ୍ରଶସ୍ତ୍ର ଜବତ କରିଛି । ବିସ୍ଫୋଟକ ସାମଗ୍ରୀ ଓ ଅସ୍ତ୍ରଶସ୍ତ୍ର ଜବତ କରିବା ପରେ ବିଏସଏଫ ଏବଂ ପଞ୍ଜାବ ପୋଲିସ ମିଳିତ ଭାବେ ସୀମାବର୍ତ୍ତୀ ଅଂଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଛନ୍ତି । ସୂଚନା ଅନୁସାରେ, ରବିବାର ସକାଳେ ଗ୍ରାମବାସୀମାନେ ପୋଲିସକୁ ଏ ସମ୍ପର୍କରେ ଖବର ଦେଇଥିଲେ ଯେ, ଚକ ବାଲା ଗ୍ରାମ ନିକଟରେ କିଛି ସନ୍ଦିଗ୍ଧ ବସ୍ତୁ ପଡିଛି । ବିଏସଏଫ ଓ ପଞ୍ଜାବ ପୋଲିସ ଟିମ୍ ସେଠାରେ ପହଂଚି ଥିଲେ ଏବଂ ସମ୍ପୂର୍ଣ୍ଣ ଗ୍ରାମକୁ ଘେରାବନ୍ଦୀ କରିଥିଲେ । ଏହାପରେ କ୍ଷେତରେ ଚାଲିଥିବା ସର୍ଚ୍ଚ ଅପରେସନ ସମୟରେ ଏଠାରୁ ୯୭୨ ଗ୍ରାମ୍ ଆରଡିଏକ୍ସ, ଏକ ରିମୋଟ୍ କଂଟ୍ରୋଲ ଡିଭାଇସ୍ ଏବଂ ଚାର୍ଜର, ୨ଟି ହ୍ୟାଣ୍ଡ ଗ୍ରେନେଡ୍, ୨ଟି ଡେଟୋନେଟର, ୮ଟି ବ୍ୟାଟେରୀ, ଗୋଟିଏ ବ୍ଲାକ ବକ୍ସ, ୩୦ଟି ଜୀବନ୍ତ ଗୁଳି ତଥା ୨ଟି ପିସ୍ତଲ ଏବଂ ୪ଟି ମେଗଜିନ ଜବତ ହୋଇଛି ।

# ପଂଜାବ ମଲେର କୋଟଲାରୁ ଧରାପଡିଲେ ୨ ପାକିସ୍ତାନୀ ଗୁପ୍ତଚର

ଚଣ୍ଡିଗଡ, ୧୧/୦୫ : - ପଂଜାବ ପୋଲିସ ରାଜ୍ୟର ମଲେରକୋଟଲାରୁ ଦୁଇ ପାକିସ୍ତାନୀ ଗୁପ୍ତଚରଙ୍କୁ ଗିରଫ କରିଛି । ପାକିସ୍ତାନୀ ଉଚ୍ଚାୟୋଗର କାର୍ଯ୍ୟାଳୟର ଜଣେ ଅଧିକାରୀଙ୍କୁ ସେନା ସହିତ ଜଡିତ ଗୋପନୀୟ ତଥ୍ୟ ପ୍ରଦାନ କରିବାର ଅଭିଯୋଗ ଏମାନଙ୍କ ଉପରେ ରହିଛି ।

# ଅସ୍ତ୍ରବିରତି ପରେ ଜମ୍ମୁ-କାଶ୍ମୀର, ପଞ୍ଜାବ, ରାଜସ୍ଥାନରେ ଶାନ୍ତି : ସୀମାରେ ହୋଇନାହିଁ ଫାୟାରିଂ ବା ଡ୍ରୋନ୍ ହମଲା

ନୂଆଦିଲ୍ଲୀ, ୧୧/୫ : ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତ 'ଅପରେସନ ସିନ୍ଦୂର' ଆରମ୍ଭ କରିଥିଲା । ପାକିସ୍ତାନ ଏବଂ ପିଓକେରେ ଥିବା ଅନେକ ଆଡ୍ଡା ଉପରେ ଆକ୍ରମଣ କରାଯାଇଥିଲା। ଯେଉଁଥିରେ ଅନେକ ଆତଙ୍କବାଦୀ ଆଡ୍ଡା ଧ୍ୱଂସ ହୋଇଥିଲା। ଏହା ପରେ ଦୁଇ ଦେଶ ମଧ୍ୟରେ ବିବାଦ ତୀବ୍ର ହୋଇଗଲା। ଗତ ୩ ଦିନ ମଧ୍ୟରେ ଭୟଙ୍କର ଆକ୍ରମଣ ହୋଇଥିଲା। କିନ୍ତୁ ଏବେ ସୀମାରେ ଅସ୍ତ୍ରବିରତି ଜାରି ହୋଇଛି । ଯାହା ଯୋଗୁଁ ଗତକାଲି ରାତିରେ ଆପେକ୍ଷିକ ଶାନ୍ତି ରହିଥିଲା। ସୀମାବର୍ତ୍ତୀ ରାଜ୍ୟ ଗୁଡ଼ିକରେ ଶାନ୍ତି ପୁନଃସ୍ଥାପିତ ହୋଇଥିବା ପରି ମନେ ହେଉଛି। ଆଜି ସକାଳ ଠାରୁ, ସାଧାରଣ ଜୀବନ ମଧ୍ୟ ସ୍ୱାଭାବିକ ହେବାକୁ ଯାଉଛି। ଆମେରିକାର ହସ୍ତକ୍ଷେପ ପରେ, ଭାରତ ଏବଂ ପାକିସ୍ତାନ ଗତକାଲି ଶନିବାର ସନ୍ଧ୍ୟାରେ ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତି। ରାତିରେ ସୀମା ପାରରୁ ଦ୍ରୁତ ଆକ୍ରମଣ ହେଉଥିବା ଅଭିଯୋଗ ହୋଇଥିଲେ ମଧ୍ୟ ସକାଳ ପର୍ଯ୍ୟନ୍ତ ସବୁକିଛି ସ୍ୱାଭାବିକ ରହିଥିଲା। ଲୋକମାନେ ସେମାନଙ୍କର କାମ ପାଇଁ ରାସ୍ତାକୁ ବାହାରକୁ ଆସୁଥିବାର ଦେଖାଯାଇଥିଲା। ଜମ୍ମୁ-କାଶ୍ମୀର, ପଞ୍ଜାବ ଏବଂ ରାଜସ୍ଥାନରେ ସବୁଠି ଶାନ୍ତିପୂର୍ଣ୍ଣ ପରିସ୍ଥିତି ଦେଖିବାକୁ ମିଳୁଛି।



ଅଧିକାରୀମାନେ କହିଛନ୍ତି ଯେ ସାରା ରାତି ସୀମାରେ, ବିଶେଷକରି ନିୟନ୍ତ୍ରଣ ରେଖାରେ ଅସ୍ୱସ୍ତିକର ଶାନ୍ତି ରହିଥିଲା। ଆକ୍ରମଣରେ ସର୍ବାଧିକ ପ୍ରଭାବିତ ଜମ୍ମୁ ଏବଂ କାଶ୍ମୀରର ପୁଞ୍ଚ ଏବଂ ରାଜୌରୀ ଜିଲ୍ଲା ସାରା ରାତି ଶାନ୍ତିପୂର୍ଣ୍ଣ ରହିଥିଲା। ପାକିସ୍ତାନର ଆନ୍ତର୍ଜାତୀୟ ସୀମାକୁ ଲାଗି ରହିଥିବା ଜମ୍ମୁ ଏବଂ କାଶ୍ମୀରର ଅନେକ ଅଞ୍ଚଳ, ଯେପରିକି ଶ୍ରୀନଗର, କୁପୱାଡା, ଉରି, ପୁଞ୍ଚ, ରାଜୌରୀ, ଅଖନୁର ଏବଂ ଜମ୍ମୁରେ ପରିସ୍ଥିତି ସ୍ୱାଭାବିକ ଦେଖାଯାଉଥିଲା। ଗତକାଲି ରାତିରେ ଏହି ଅଞ୍ଚଳଗୁଡ଼ିକରେ ଗୁଳିଚାଳନା ହୋଇଥିବାର କୌଣସି ରିପୋର୍ଟ ନାହିଁ। ଏହା ସହିତ, କୌଣସି ଡ୍ରୋନ୍ ଆକ୍ରମଣ ବିଷୟରେ କୌଣସି ସୂଚନା ନାହିଁ। କେନ୍ଦ୍ର ଶାସିତ ଅଞ୍ଚଳର ଜମ୍ମୁ ସହରର ପରିସ୍ଥିତି ମଧ୍ୟ ଆଜି ସକାଳେ ସ୍ୱାଭାବିକ ଦେଖାଯାଇଥିଲା ଏବଂ ଲୋକମାନେ ସେମାନଙ୍କର କାମ ପାଇଁ ରାସ୍ତାରେ ବାହାରିଥିବା ଦେଖିବାକୁ ମିଳିଥିଲା। ଅଖନୁରରେ ମଧ୍ୟ ସମାନ ପରିସ୍ଥିତି ଦେଖାଦେଇଥିଲା। ଜମ୍ମୁ କାଶ୍ମୀର ପରି, ପଞ୍ଜାବରେ ମଧ୍ୟ ଶାନ୍ତି ରହିଛି। ପଠାନକୋଟ ଏବଂ ଫିରୋଜପୁରରେ ମଧ୍ୟ ପରିସ୍ଥିତି ସ୍ୱାଭାବିକ ହୋଇଛି। ରାତିରେ ଏହି ଅଞ୍ଚଳ ଗୁଡ଼ିକରେ କୌଣସି ଡ୍ରୋନ୍ ଆକ୍ରମଣ କିମ୍ବା ଗୁଳିଚାଳନା ହୋଇଥିବାର କୌଣସି ରିପୋର୍ଟ ନାହିଁ। ପାକିସ୍ତାନ ସୀମାନ୍ତବର୍ତ୍ତୀ ଅମୃତସରରେ ମଧ୍ୟ ପରିସ୍ଥିତି ସ୍ୱାଭାବିକ ହୋଇଛି। ଅମୃତସରର ଡିସି ସକାଳେ କହିଛନ୍ତି, 'ଆଜି ରବିବାର ମଧ୍ୟ ଏକ ଛୋଟ ସାଇରନ୍ ବାଜିବ। ତଥାପି, ଏହି ସାଇରନ୍ ଅର୍ଥ ହେଉଛି ଆମେ ଆମର ସାଧାରଣ କାର୍ଯ୍ୟକଳାପ ପୁନର୍ବାର ଆରମ୍ଭ କରିପାରିବୁ। ଆପଣଙ୍କ ସହଯୋଗ ପାଇଁ ସମସ୍ତଙ୍କୁ ଧନ୍ୟବାଦ।' ରାଜସ୍ଥାନରେ ମଧ୍ୟ ଶାନ୍ତି ଥିଲା। ବାରମେର ଜିଲ୍ଲାରେ ସକାଳ ଠାରୁ ଲୋକମାନେ ରାସ୍ତାରେ ଦେଖାଯାଇଥିଲେ। କୌଣସି ସାଇରେନର ଶବ୍ଦ ଶୁଣାଯାଇ ନଥିଲା।

# ବ୍ରହ୍ମା କୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଗୁରୁପୂଜନ ଉତ୍ସବ

ଲଙ୍ଗଳେଶ୍ୱର୧୧/୫( ନିପ୍ର ) ବାଲିଆପାଳ ବ୍ଲକ ମାଣିକ ସିମୁଳିଆ ଠାରେ ଥିବା ପ୍ରଜାପିତା ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ୮୨ ବ୍ୟାଚ ଜଗାଇ ପଦ୍ମଲୋଚନ ଉଚ୍ଚ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଶନିବାର ଗୁରୁ ପୂଜନ ଉତ୍ସବ ପାଳନ କରିଛନ୍ତି। ଏହି ଉପଲକ୍ଷେ ସେ ସମୟର ଶିକ୍ଷକ ମାନଙ୍କ ଭିତରୁ ଜୀବିତ ଥିବା ବିଜ୍ଞାନ ଶିକ୍ଷକ ଚିତ୍ତରଞ୍ଜନ ଦାସଙ୍କୁ ବହୁ ଛାତ୍ର ଛାତ୍ରୀ ଫୁଲ ଧୂପ ଦୀପ ଦେଇ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ହଲରେ ପୂଜା କରି ଆଶୀର୍ବାଦ ନେଇଥିଲେ ।ସବୁ ଛାତ୍ର ଛାତ୍ରୀ ମାନଙ୍କ ବୟସ, ୬୦ରେ ପହଂଚିଥିଲେ ମଧ୍ୟ ଏହା ଏକ ନିଆରା କାର୍ଯ୍ୟକ୍ରମ ବୋଲି ସଭାରେ ଉପସ୍ଥିତ ଥିବା ବି କେ ଚନ୍ଦ୍ରମୋହନ ପୁରାତନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ରାଜ ତାଙ୍କ ବ୍ୟକ୍ତବ୍ୟରେ କହିଥିଲେ ।ଶିକ୍ଷକ ଶ୍ରୀଯୁକ୍ତ ଦାସ ପୁଣି ସେହି ପୁରାତନ ସ୍କୁଲକୁ ଯାଇ ପଢେଇବା ଚାଲ ବୋଲି ପିଲାମାନଙ୍କୁ କହୁଥିବା ବେଳେ ସମସ୍ତେ ସେହି ପୁରାତନ ସମୟ ମଧ୍ୟରେ ବୁଡ଼ି ଯାଇଥିଲେ। ଦୀର୍ଘ ସମୟ ଧରି ଶିକ୍ଷକ ତାଙ୍କ ୯୧ ବର୍ଷର ଜୀବନ ଇତିହାସ ବାଂଟୁ ଥିବା ସମୟରେ ସମସ୍ତ ପୁରାତନ ଛାତ୍ର ଛାତ୍ରୀ ସ୍ତମ୍ଭୀ ଭୂତ ହୋଇ ଯାଇଥିଲେ। ବିଶ୍ୱବିଦ୍ୟାଳୟର ମୁଖ୍ୟ ପରିଚାଳିକା ବି କେ ଆଜିର ଯୁଗରେ ସମସ୍ତେ ଠିକ୍ ଗତିପଥରେ ନିଜକୁ ପରିଚାଳନା କରିବାକୁ ନିବେଦନ କରିଥିଲେ। ବି କେ ସଚିଦା ନିଜକୁ ନିଜର ବିଚାର ଧାରା କୁ ଠିକ୍ ଭାବରେ ନିୟୋଜିତ କରିବା ଏବଂ ଏ ଯୁଗରେ କେମିତି ନିଜକୁ କିଛି ଟିପ୍ସ ମାଧ୍ୟମରେ ଈଶ୍ୱରଙ୍କର ଶ୍ରେଷ୍ଠ ସନ୍ତାନ ସନ୍ତତି ବନେଇବାକୁ ହେଲେ ପ୍ରତ୍ୟେହ ଏକ ଘଂଟା ବାହାର କରିବାକୁ ନିବେଦନ କରିଥିଲେ।




# ବିଛଣା ଧରିଲେ 'ହରି' : ସାମାଜିକ ସୁରକ୍ଷାରେ ମିଳିଲାନାହିଁ ଭତ୍ତା

ଉଦଳା, ୧୧/୦୫(ନି.ପ୍ର)- ଯେ ହେଉଛି କପ୍ତିପଦା ବ୍ଲକର ଜାମବଣି ପଂଚାୟତ ଅନ୍ତର୍ଗତ ବଡ଼ାମପଦା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ସାଉନା ମୁର୍ମୁଙ୍କର ପୁତ୍ର 'ହରି'ଙ୍କୁ ବର୍ତ୍ତମାନ ବୟସ ୬୩ ବର୍ଷ ଛୁଇଁଲା । ଦିନମଜୁରିଆ ଭାବରେ କାମ କରୁଥିବା ହରି ବାରମ୍ବାର ରୋଗଗ୍ରସ୍ତ ହେବା ଫଳରେ ବର୍ତ୍ତମାନ ବିଛଣା ଧରିବାକୁ ବାଧ ହେଲେଣି । ଏତିକିବେଳେ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ପାଇବା ପାଇଁ ସେ ଚାହୁଁଛନ୍ତି । ଯାହାକି ତାଙ୍କର ଚିକିତ୍ସା ପାଇଁ ଖର୍ଚ୍ଚ ହେବ ବୋଲି କହିଛନ୍ତି । କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷ ତାଙ୍କୁ ଭତା ପ୍ରଦାନ କରୁନଥିବାରୁ ସେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଥିବାର କଥା ଜଣାଇଛନ୍ତି । ହରିଙ୍କର ପ୍ରକୃତ ବୟସ ୭୩ ବର୍ଷ ଛୁଇଁଲାଣି । ସରକାରୀ କାଗଜପତ୍ର ଉପରେ ଭୁଲରେ ତାଙ୍କୁ ୬୩ ବର୍ଷ ଦର୍ଶାଯାଇଥିବାର ସେ ଅଭିଯୋଗ କରିଛନ୍ତି ।



# ବାସ୍ତବ ସଂଗଠନ ପକ୍ଷରୁ ମୟୁରଭଞ୍ଜର ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ଯୁଗ୍ମ ଟପ୍ପର ହିମାଂଶୁ ଓ ଭୂମିକାଙ୍କୁ ସମ୍ବର୍ଦ୍ଧନା

ବାରିପଦା/୧୧/୦୫ : (ନି.ପ୍ର) ବାସ୍ତବ ସଂଗଠନର ସଦସ୍ୟ ନନ୍ଦଲାଲ ମିଶ୍ରଙ୍କ ଦିବଙ୍ଗତ ପୁତ୍ରର ସ୍ମୃତି ଉଦ୍ଦେଶ୍ୟରେ ସୁନନ୍ଦନ ମେଧାବୃତ୍ତି ଯୋଜନା ଆରମ୍ଭ କରାଯାଇଛି । ଚଳିତ ବର୍ଷ ମୟୁରଭଞ୍ଜ ଜିଲ୍ଲାରେ ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଯୁଗ୍ମ ଟପ୍ପର ଭାବେ ଟିକରପଡା ହାଇସ୍କୁଲର ହିମାଂଶୁ ହିରଣ୍ମୟ ଧୀର ଏବଂ ବାରିପଦାର ତୁଳସୀଚଉରା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଭୂମିକା ପ୍ରୀୟଦର୍ଶିନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେହି ଯୋଜନା ମାଧ୍ୟମରେ ପ୍ରତ୍ୟକଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର,ଟ୍ରଫି ସହିତ ଉପଢୌକନ ଏବଂ ନଗଦ ଦଶ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା । ଉକ୍ତ ସଭାରେ କୃଷ୍ଣାନନ୍ଦ ମହାନ୍ତି, ନଗରପାଳ ,ବାରିପଦା ପୌରପରିଷଦ ମୁଖ୍ୟ ଅତିଥିଭାବେ ଯୋଗଦେଇ ୧୯୭୫ ମସିହାରେ ମ୍ୟାଟ୍ରିକ ପାସ କରିଥିବା ପ ଷଠି ବର୍ଷରୁ ଉର୍ଦ୍ଧ୍ୱ ସଦସ୍ୟମାନଙ୍କ ଦ୍ୱାରା ଗଠିତ ବାସ୍ତବ ସଂଗଠନର ବିଭିନ୍ନ କାର୍ଯ୍ୟକ୍ରମ ଯଥା ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେଉ ଅବା ନାଟକ ମାଧ୍ୟମରେ ସମାଜକୁ ଗଠନମୂଳକ ବାର୍ତ୍ତା ଦେଉଥିବାରୁ ତାର ଉଚ୍ଚ ପ୍ରଶଂସା କରିବା ସହିତ ପୌରପରିଷଦକୁ ବିଭିନ୍ନ କ୍ଷେତ୍ରରେ ନିଜ ନିଜ ଜୀବନର ଦୀର୍ଘ ବର୍ଷର ଅଭିଜ୍ଞତା ଆଧାରରେ ପରାମର୍ଶ ଦେଉଥିବାରୁ ଅଶେଷ ଧନ୍ୟବାଦ ଅର୍ପଣ କରିଥିଲେ । ମୁଖ୍ୟ ବକ୍ତା ତଥା ସମ୍ମାନୀତ ଅତୀଥି ଭାବେ ଜିଲ୍ଲା ଶୀକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଯୋଗଦେଇ ବାସ୍ତବ ସଂଗଠନ ଦ୍ୱାରା ଏହି ଉତ୍ସବ ଏକ ସବୁଜ ବନାନୀ ଘେରା ମଧ୍ୟରେ ଆୟୋଜନ ଗୋଟେ ନିଆରା ଓ ସୁନ୍ଦର ପରିକଳ୍ପନା ବୋଲି ଉଚ୍ଚ ପ୍ରଶଂସା କରି ତାଙ୍କ ଜୀବନରେ ଏହା ପ୍ରଥମ ଥର ବୋଲି ଉଲ୍ଲେଖ କରିଥିଲେ । ତାଙ୍କ ଅଭିଭାଷଣରେ ସେ ବିଭିନ୍ନ ଗଳ୍ପ ମାଧ୍ୟମ ରେ ପିଲାମାନଙ୍କୁ ବାପା ମାଆଙ୍କ ଆଶିର୍ବାଦ ଲାଭ କରି ସଫଳତା ହାସଲ କରିବା ପାଇଁ ଉଦବୋଧନ ଦେବା ସହିତ ଜୀବନରେ ଜଣେ ଜଣେ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ ।




# ବିଜେପି ର ୨୪ ନମ୍ବର ୱାର୍ଡରେ ଆୟୁଷ୍ମାନ କାର୍ଡ ବଂଟନ ଶୁଭାରମ୍ଭ

ବାଲେଶ୍ୱର, ତା ୧୦/୫(ନି.ପ୍ର) ବାଲେଶ୍ୱର ଜିଲ୍ଲାର ବାରବାଟୀ ଗ୍ରାମର ୨୪ ନମ୍ବର ୱାର୍ଡରେ ବାରବାଟୀ ସରକାରୀ ପ୍ରାଇମେରୀ ସ୍କୁଲରେ (ଆଶା) ସୁଭଦ୍ରା ଭଞ୍ଜ ଅଧକ୍ଷତାରେ ଆୟୁଷ୍ମାନ କାର୍ଡ ବ ନ ଶୁଭାରମ୍ଭ କରାଯାଇଛି ।ଏହି ମ ରେ ବିଜେପିର ପୂର୍ବତନ କାଉନସିଲର ମିହିର ବାରିକ ୨୪ ନମ୍ବର ୱାର୍ଡରେ ବିଜେପି ସଭାପତି ଅଶୋକ ଦାସ, ବିଜେପିର ଯୁବନେତା ସମାଜସେବୀ ଗୌରାଙ୍ଗ ଦାସ , ମ.ଷ୍ୱ.ମ ପଙ୍କୋଜ କୁମାର ମହାନ୍ତି , ମୃତ୍ୟୁଞ୍ଜୟ ଭଞ୍ଜ , ଆଶା ବାଡ଼ି, ସୁରେନ୍ ମାଝୀ , ମଞ୍ଜୁଲତା ମହାଲିକ , ମମତା ବେହେରା , ଟୁନୁ ସାହୁ , ରାଜେନ୍ଦ୍ର ସିଂ ଉପସ୍ଥିତ ଥିଲେ। ୨୪ ନମ୍ବର ୱାର୍ଡର ଲୋକଙ୍କୁ ଆୟୁଷ୍ମାନ କାର୍ଡ ବ ନ ଆରମ୍ଭ କରାଯାଇଥିଲା । ଏହି ଆୟୁଷ୍ମାନ କାର୍ଡ ଯୋଗୁଁ ବାଲେଶ୍ୱର ଓ ଓଡ଼ିଶା ର ସମସ୍ତ ନାଗରିକ ଉପକାର ପାଇବେ ବୋଲି ମତ ରଖାଯାଇଥିଲା । ଏହା ଦ୍ୱାରା ପ୍ରତ୍ୟେକ ନାଗରିକ ନିଜର ସ୍ୱାସ୍ଥ୍ୟ ଗତ ସୁବିଧା ପାଇବେ । ଏହି ଆୟୁଷ୍ମାନ କାର୍ଡ ବ ନ କାର୍ଯ୍ୟ ରେ ବିଜେପିର ସମସ୍ତ ସଭ୍ୟ ସଭ୍ୟା ପରିଚାଳନାରେ ସହଯୋଗ କରିଥିଲେ।



# ନିଶୁଳ୍କ ଫିଜିଓଥେରାପି କେନ୍ଦ୍ର ଉଦଘାଟିତ

ଭୁବନେଶ୍ୱର,୧୧ /୦୫ : - ଭୁବନେଶ୍ୱର ପୋଖରୀପୁଟ ସ୍ଥିତ ରାମକୃଷ୍ଣ ବିବେକାନନ୍ଦ ପ୍ରତିଷ୍ଠାନ ପରିସରରେ ଏକ ନିଶୁଳ୍କ ବା ମାଗଣା ଫିଜିଓଥେରାପି କେନ୍ଦ୍ର ଶ୍ରୀମଦ୍ ସ୍ୱାମୀ ଦୂର୍ଗେଶ ନନ୍ଦିନୀ ମହାରାଜଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଉକ୍ତ କେନ୍ଦ୍ରରେ ସପ୍ତାହର ପ୍ରତ୍ୟେକ ଶୁକ୍ରବାର,ଶନିବାର ଓ ରବିବାର ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ବିନା ଦେୟରେ ଫିଜିଓଥେରାପି ସେବା ଯୋଗାଇ ଦେବେ ବୋଲି ଅଭିଜ୍ଞ ଫିଜିଓଥେରାପିଷ୍ଟ ଡ଼ ଏଲିନା ପଟ୍ଟନାୟକ ସହମତି ପ୍ରକାଶ କରିଛନ୍ତି ।ସେ କହିଛନ୍ତି ଆବାଳ ବୃଦ୍ଧ ବନିତା ଏହାର ସୁଯୋଗ ନେଇପାରିବେ। ଅନୁଷ୍ଠାନର ସମ୍ପାଦକ ରମେଶ ଚନ୍ଦ୍ର ଭଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଫିଜିଓଥେରାପି ଉଦଘାଟନୀ କାର୍ଯ୍ୟକ୍ରମକୁ ବରିଷ୍ଠ ଟ୍ରଷ୍ଟି ବିଶ୍ୱ ରଞ୍ଜନ ଶତପଥୀ,ପ୍ରତିଷ୍ଠାନର କୋଷାଧ୍ୟକ୍ଷ ରଞ୍ଜନ କୁମାର ରାଉତରାୟ, ସକ୍ରିୟ ସଭ୍ୟ ସୂର୍ଯ୍ୟ ନାରାୟଣ ଦାସ ଓ ବାଞ୍ଛାନିଧି ମଲ୍ଲିକ ଙ୍କ ଉପସ୍ଥିତିରେ ଓ ପରିଚାଳନାରେ ସମ୍ପାଦନ କରାଯାଇଥିଲା ।ମହାବୀର ବରିଷ୍ଠ ନାଗରିକ ସଂଘ ସଦସ୍ୟ ତଥା କାଳୁନନ୍ଦ ନଗର ଅଧିବାସୀ ମାନେ ବହୁ ସଂଖ୍ୟାରେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପୋଖରୀପୁଟ ଏବଂ ଏହାର ଆଖ ପାଖ ଅଞ୍ଚଳର ଯେ କେହି ବ୍ୟକ୍ତି ଏହି ଫିଜିଓଥେରାପି ନିଶୁଳ୍କ ସେବା ପ୍ରତ୍ୟେକ ଶୁକ୍ରବାର,ଶନିବାର ଓ ରବିବାର ସକାଳ ୮ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ସୁଯୋଗ ନେଇପାରିବେ ବୋଲି ଅନୁଷ୍ଠାନର ସମ୍ପାଦକ ଜଣାଇଛନ୍ତି।

# ୩୦ ବର୍ଷ ଧରି ବିଏସଏଫରେ ଚାକିରୀରୁ ଅବସର ପରେ ନିଜ ଗାଁ କୁ ଫେରିଲେ ଯବାନ

ଜଳେଶ୍ୱର,୧୧/୫ : (ନି.ପ୍ର) ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସର୍ଦ୍ଦାରବନ୍ଧ ପ ।ୟତର ରାଉତରାପୁର ଗ୍ରାମର ସ୍ୱର୍ଗତ ବ୍ରହ୍ମାନନ୍ଦ ଜେନାଙ୍କ ପୁଅ ରାଜେନ୍ଦ୍ର ନାଥ ଜେନା ୧୯୮୫ ମସିହାରେ ପଶ୍ଚିମବଙ୍ଗର କୋଚବିହାର ଠାରେ ବିଏସଏଫରେ ଜଣେ କନେଷ୍ଟବଳ ଭାବେ ଯୋଗ ଦେଇଥିଲେ ।ପରବର୍ତ୍ତୀ ସମୟରେ ଚାକିରୀରେ ପଦୋନ୍ନତି ପାଇ ସେ କନେଷ୍ଟବଳରୁ ଇନ୍ସପେକ୍ଟର ଟେକ୍ନିକାଲ ହୋଇଥିଲେ ।ଗତ ଏପ୍ରିଲ ୩୦ ତାରିଖ ଦିନ କାଶ୍ମୀର ଶ୍ରୀନଗର ବିଏସଏଫ ସେକ୍ଟର ହେଡ଼କ୍ୱାଟରରୁ ସେ ଚାକିରିରୁ ଅବସର ନେଇଥିଲେ ।ସେ ଆଜି ସନ୍ଧ୍ୟାରେ ନିଜ ଜନ୍ମ ମାଟିକୁ ଫେରୁଥିବା ଖବର ଗ୍ରାମବାସୀ ପାଇଥିଲେ ।ଖବର ଜାଣିବା ପରେ ଗାଁରେ ଆନନ୍ଦର ଲହରୀ ଖେଳି ଯାଇଥିଲା ।ଘରେ ପହଂଚିବା ପରେ ଗ୍ରାମବାସୀଙ୍କ ପକ୍ଷରୁ ସର୍ଦ୍ଦାରବନ୍ଧ ପଂଚାୟତର ସଦସ୍ୟ ଗଣେଶ ସୋରେନ,ନିହାର ରଞ୍ଜନ ଦାସ,ଲକ୍ଷ୍ମଣ ହେମ୍ବ୍ରମ,ଶକ୍ତିପଦ ମହାନ୍ତ,ପୁରୁଷୋତ୍ତମ ମାନ୍ନା,ଇମାନୁଏଲ ସିଂ ଓ ଦିଲ୍ଲୀପ ଜେନା ପୁଷ୍ପମାଳ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ ।ଦୀର୍ଘ ୩୦ ବର୍ଷ ଧରି ଦେଶ ମାଆର ସେବା କରି ଗାଁକୁ ଫେରି ଥିବାରୁ ଗ୍ରାମ ପାଇଁ ଗର୍ବ ବୋଲି କହିବା ସହ ଖୁସିରେ ସମସ୍ତେ କାନ୍ଦି ପକାଇଥିଲେ ଅନେକ ଗ୍ରାମବାସୀ ।ଆଗାମୀ ଦିନରେ ସେ ଗାଁର ଯୁବକ ମାନଙ୍କୁ ନିଶାମୁକ୍ତି କରିବା ସହିତ ଶିକ୍ଷାରେ କେମିତି ଅଗ୍ରଗତି ହୋଇ ପାରିବେ ତାଙ୍କର ଲକ୍ଷ୍ୟ ରହିଛି ବୋଲି କହିଥିଲେ ଅବସରପ୍ରାପ୍ତ ଜବାନ ରାଜେନ୍ଦ୍ର ନାଥ ଜେନା କହିଥିଲେ।



ସଂପାଦିକା : ସୈରିନ୍ଧ୍ରୀ ସାହୁ
ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

Editor: Sairindhree Sahoo
Managing & Executive Editor : Srustidhar Parida